ଜନାଦେଶକୁ ସମ୍ମାନ ଦିଅନ୍ତୁ ରାହୁଲ

ପୃଷ୍ଠା ୫

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 206 ଭାଗ ୩୪ | ସଂଖ୍ୟା ୨୦୬ | Saturday 17 October 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର, ୧୭ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ପିଏମ୍ ସେତୁ ଅଧୀନରେ ବିକଶିତ ହେବ ୫ ଆଇଟିଆଇ

- କଟକ ସରକାରୀ ଆଇଟିଆଇ ହେବ କ୍ଲଷ୍ଟର ମୁଖ୍ୟ
- ଢେଙ୍କାନାଳ, ଚୌଦ୍ୱାର, ଯାଜପୁର, ପାରାଦୀପ ଆଇଟିଆଇକୁ ସହାୟତା

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ରାଜ୍ୟର ୫ ଆଇଟିଆଇ ପାଇଁ ଉତ୍ସାହଜନକ ଖବର ଦେଇଛନ୍ତି ପିଏମ୍-ସେତୁ ଅଧୀନସ୍ଥ ଜାତୀୟ ଷ୍ଟିୟରିଂ କମିଟି। କମିଟିର ନିଷ୍ପତ୍ତି ଅନୁସାରେ, ରାଜ୍ୟରେ ୫ ଆଇଟିଆଇର ବିକାଶ ଓ ସମଯୋପଯୋଗୀ ଦକ୍ଷତା ବିକାଶ ଶିକ୍ଷା ଲାଗି ୨୪୦ କୋଟି ୫୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବେ କେନ୍ଦ୍ର ସରକାର। ଏହି ଅର୍ଥକୁ କଟକ ସରକାରୀ ଆଇଟିଆଇ ସମେତ ଚୌଦ୍ୱାରସ୍ଥିତ ମଧୁସୂଦନ ସରକାରୀ ଆଇଟିଆଇ ଓ ପାରାଦୀପ, ଯାଜପୁର ଓ ଢେଙ୍କାନାଳସ୍ଥିତ ସରକାରୀ ଆଇଟିଆଇର ଉନ୍ନତୀକରଣ ପାଇଁ ଖର୍ଚ୍ଚ କରାଯିବ। ଷ୍ଟିୟରିଂ କମିଟିର ଅନୁମୋଦନ ଅନୁସାରେ କଟକ ସରକାରୀ ଆଇଟିଆଇ ଏହି କାର୍ଯ୍ୟକ୍ରମରେ ମୁଖ୍ୟ କେନ୍ଦ୍ର ଭାବେ ପରିଚିତ ହେବାକୁ ଥିବା ବେଳେ ଅନ୍ୟ ୪ ଆଇଟିଆଇ ଶାଖା କେନ୍ଦ୍ର ଭାବରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହଭାଗୀତାରେ ଏହି କାର୍ଯ୍ୟକ୍ରମ ରୂପାୟନ କରାଯିବ।

ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଭିତ୍ତିଭୂମିକୁ ସୁଦୃଢ଼ କରିବା, ନୂତନ ଯୁଗର ତାଲିମ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିବା ଓ ସଂପୃକ୍ତ ଅଞ୍ଚଳର ଉଦୀୟମାନ କୌଶଳ ଆବଶ୍ୟକତାକୁ ପୂରଣ କରିବା ପାଇଁ ଶିଳ୍ପ ସଂଯୋଗକୁ ବୃଦ୍ଧି କରିବା। ଆଜି ପିଏମ୍ ↳ପୃଷ୍ଠା-୬

ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହକି ଟିମକୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ହକି ଟିମ୍ ଆମ ଯୁବବର୍ଗର ପ୍ରକୃତ ଆଇକନ୍

- ପୁରୁଷ ଓ ମହିଳା ହକି ଟିମ୍‌କୁ ଓଡ଼ିଶା ସରକାରଙ୍କ ପୁରସ୍କାର ପ୍ରଦାନ
- ପ୍ରତି ଖେଳାଳିଙ୍କୁ ୧୧ ଲକ୍ଷ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ମିଳିଲା ୫.୫ ଲକ୍ଷ
- ଉଭୟ ପୁରୁଷ ଓ ମହିଳା ଦଳଙ୍କୁ ମିଳିଲା ୫.୬୧ କୋଟି
- ଓଡ଼ିଶାର ଗର୍ବ ଅମିତ, ଶିଳାନନ୍ଦ ଓ ସୁନେଲିତାଙ୍କୁ ସ୍ୱତନ୍ତ୍ର ପୁରସ୍କାର



ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ଜାପାନରେ ଅନୁଷ୍ଠିତ ଏସିଆନ୍ ଗେମ୍ସ ୨୦୨୬ରେ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରି ଆଗାମୀ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳକୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସ୍ୱର୍ଣ୍ଣ ପଦକ ବିଜେତା ପୁରୁଷ ଓ ମହିଳା ଖେଳାଳିମାନଙ୍କୁ ଆମ ଯୁବବର୍ଗର ପ୍ରକୃତ ଆଇକନ୍ ଭାବେ ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ବିଜେତା ଦଳର ଖେଳାଳି, କୋଚ୍ ଏବଂ ସହଯୋଗୀ କର୍ମଚାରୀମାନଙ୍କୁ ପ୍ରଶଂସା କରିବା ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ ଏସିଆନ୍ ଗେମ୍ସରେ ଭାରତୀୟ ପୁରୁଷ ଓ ମହିଳା ଉଭୟ ହକି ଦଳ ସ୍ୱର୍ଣ୍ଣ ପଦକ ଅର୍ଜନ କରିବା ସହ ଆଗାମୀ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲମ୍ପିକ୍ସ ପାଇଁ ସ୍ଥାନ ପକ୍କା କରିଛନ୍ତି। ଏହି ସଫଳତା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପ୍ରତ୍ୟେକ ସପୋର୍ଟ ଷ୍ଟାଫ୍‌ଙ୍କୁ ୫ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯାଇଛି। ସମୁଦାୟ ଭାବେ ଭାରତୀୟ ପୁରୁଷ ହକି ଟିମ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ୨ କୋଟି ୭୫ ଲକ୍ଷ ଟଙ୍କା ଓ ମହିଳା ହକି ଟିମ୍ ପାଇଁ ୨ କୋଟି ୮୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଉଭୟ ପୁରୁଷ ଓ ମହିଳା ଦଳଙ୍କୁ ଓଡ଼ିଶା ପକ୍ଷରୁ ୫.୬୧ କୋଟି ଟଙ୍କା ପୁରସ୍କାର ଦିଆଯାଇଛି।

ଏଥିସହ ଭାରତୀୟ ଦଳର ଓଡ଼ିଆ ଖେଳାଳି ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଓ ସୁନେଲିତା ଟପ୍ପୋଙ୍କୁ ସେମାନଙ୍କର ଅସାଧାରଣ ଯୋଗଦାନ ପାଇଁ ସ୍ୱତନ୍ତ୍ର ଭାବେ ୨୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଉଭୟ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ସମସ୍ତ ଖେଳାଳି ଆମ ଯୁବବର୍ଗର ପ୍ରକୃତ ଆଇକନ୍। ସେମାନେ ସମଗ୍ର ଯୁବ ସମାଜର ଆଦର୍ଶ ତଥା ଭାରତର ଗର୍ବ ଓ ଗୌରବ। ୪୪ ବର୍ଷର ଦୀର୍ଘ ଅନ୍ତରାଳ ପରେ ମହିଳା ଟିମ୍‌ର ଏହି ସ୍ୱର୍ଣ୍ଣ ବିଜୟ ଦେଶର ପ୍ରତ୍ୟେକ ମହିଳାଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇ ରହିବ ବୋଲି ସେ ପ୍ରକାଶ କରିଛନ୍ତି।

ସୁନ୍ଦରଗଡ଼ ଜିଲ୍ଲାରୁ ଆସିଥିବା ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରା ଏବଂ ସୁନେଲିତା ଟପ୍ପୋ ନିଜର ଅଦମ୍ୟ ପ୍ରତିଭା ଓ ପରିଶ୍ରମ ବଳରେ ସମଗ୍ର ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ↳ପୃଷ୍ଠା-୬

ସିଜେପିର ତ୍ରିରଙ୍ଗା ଯାତ୍ରା ଭଣ୍ଡୁର

ଦୀପ୍‌କେ ଓ ବୋରାଙ୍କୁ ଉଠାଇନେଲା ପୁଲିସ୍

ନୂଆଦିଲ୍ଲୀ,୧୬।୧୦: କକ୍ରୋଚ୍ ଜନତା ପାର୍ଟି (ସିଜେପି) ନାଁ ଶୁଣିଲେ ମୋଦି ସରକାରଙ୍କର ହୃତ୍‌କମ୍ପନ ସୃଷ୍ଟି ହେଉଛି। ସିଜେପି ପକ୍ଷରୁ ଦିଆଯାଉଥିବା ପ୍ରତ୍ୟେକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନର ଡାକରାକୁ କଳ-ବଳ-ଛଳ ଖଟାଇ ଯେକୌଣସି ପ୍ରକାରେ ଭଣ୍ଡୁର କରିବାକୁ ସରକାର ଲାଗି ପଡ଼ିଛନ୍ତି। ସିଜେପି ପକ୍ଷରୁ କନ୍ସଟ୍ ପ୍ଲେସ୍ ସେଣ୍ଟ୍ରାଲ୍ ପାର୍କଠାରେ ଜାତୀୟ ପତାକା ଉଡ଼ାଇବା ପାଇଁ 'ଲେହରା ଦୋ ତ୍ରିରଙ୍ଗା' ଆହ୍ୱାନ ଦିଆଯାଇଥିବା ବେଳେ ଦିଲ୍ଲୀ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଓ ନେତା ନେହା ବୋରାଙ୍କୁ ସତର୍କତାମୂଳକ ଭାବେ ଅଟକ ରଖିବା ଘଟଣା ପରେ ଏହା ସ୍ପଷ୍ଟ ହୋଇଛି। ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଦୀପକେଙ୍କୁ ପୁଲିସ ହେପାଜତକୁ ନେଇଛି। ସେତିକି ନୁହେଁ, ପୁଲିସ ପକ୍ଷରୁ କନ୍ସଟ୍ ପ୍ଲେସ୍‌ର ସେଣ୍ଟ୍ରାଲ ପାର୍କଠାରେ ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ମଧ୍ୟ ଲାଗୁ କରାଯାଇଛି।

ଜରୁରୀକାଳୀନ ଶୁଣାଣି ପାଇଁ ମନାକଲେ ସୁପ୍ରିମ୍‌କୋର୍ଟ

'ଲେହରା ଦୋ ତ୍ରିରଙ୍ଗା' ର‍ୟାଲି ସନ୍ଧ୍ୟା ୫ଟା ପରେ ହେବାକୁ ଥିବା ବେଳେ ଶୁକ୍ରବାର ସକାଳେ ଦିଲ୍ଲୀ ପୁଲିସ ଦୀପକେଙ୍କ ବାସଭବନରେ ପହଞ୍ଚି ର‍ୟାଲି ବାତିଲ ନେଇ ନୋଟିସ୍ ଜାରି କରିଥିଲା, ଯାହାକୁ ନେଇ ଦୀପକେ ଓ ପୁଲିସ ଅଧିକାରୀଙ୍କ ମଧ୍ୟରେ ତୀବ୍ର ବାକ୍‌ଯୁଦ୍ଧ ହୋଇଥିଲା। କାନ୍ଧରେ ତ୍ରିରଙ୍ଗା ପକାଇ କ୍ରୋଧାନ୍ୱିତ ହୋଇଥିବା ୩୧ ବର୍ଷୀୟ ଦୀପକେ ପୁଲିସକୁ ସେ କ'ଣ ହିଂସା ପାଇଁ ଉସକାଉଛନ୍ତି କି ↳ପୃଷ୍ଠା-୬

ରାହୁଲଙ୍କ ଉପରେ ବର୍ଷିଲେ ଧର୍ମେନ୍ଦ୍ର

ସାମ୍ନାକୁ ଆସିଛି ଆନ୍ଦୋଳନର ଅସଲ ଉଦ୍ଦେଶ୍ୟ

ନୂଆଦିଲ୍ଲୀ,୧୬।୧୦: ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ବିରୋଧ ପ୍ରଦର୍ଶନକୁ ନେଇ ପ୍ରଥମ ଥର ପ୍ରତିକ୍ରିୟା ଦେଇଛନ୍ତି। ସେ ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ଆନ୍ଦୋଳନର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ସେ ଅଭିଯୋଗ କରିଛନ୍ତି ଯେ ଦେଶ ହିତ, ବ୍ୟବସ୍ଥା ସୁଧାରିବା ଓ ଛାତ୍ରଙ୍କ ହିତ ନାଁରେ ଆରମ୍ଭ ହୋଇଥିବା ପ୍ରଦର୍ଶନର ପ୍ରକୃତ ଚରିତ୍ର ଏବେ ସାମନାକୁ ଆସିଛି। ଦେଶହିତ, ବ୍ୟବସ୍ଥାକୁ ଠିକ୍ କରିବା ଦାବି ଓ ଛାତ୍ରଙ୍କ ହିତ ନାଁରେ ଆରମ୍ଭ ହୋଇଥିବା ଆନ୍ଦୋଳର ପ୍ରକୃତ ଚରିତ୍ର ଏବେ ଆଉ ଅଛପା ନାହିଁ। ଖୋଲାଖୋଲି ଭାବେ କ୍ଷମତା ପରିବର୍ତ୍ତନ ଓ ବାଂଲାଦେଶରୁ ପ୍ରେରଣା ନେବା ସ୍ପଷ୍ଟ କରୁଛି ଯେ ଏହା ଛାତ୍ରଙ୍କ ଆଢୁଆଳରେ କେବଳ ଦେଶରେ ଅରାଜାକତା ସୃଷ୍ଟି କରିବା ଓ ରାଜନୈତିକ ବ୍ୟବସ୍ଥାକୁ ଅସ୍ଥିର କରିବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

ସେ ଆହୁରି ଲେଖିଛନ୍ତି ଯେ ବିଦେଶୀ ଶକ୍ତିଙ୍କ ବଳରେ କ୍ଷମତାର ସ୍ୱପ୍ନ ଦେଖୁଥିବା ଲୋକମାନେ ଜାଣି ରଖିବା ଉଚିତ ଯେ ଭାରତରେ କ୍ଷମତା ପରିବର୍ତ୍ତନ କେବଳ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସ୍ଥିର ହୋଇଥାଏ। ଏଥିସହ ସେ ଦାବି କରିଛନ୍ତି ଯେ ଦେଶର ଜନତା ଏପରି ଅଗଣତାନ୍ତ୍ରିକ ଚିନ୍ତାଧାରାକୁ କେବେ ମଧ୍ୟ ସ୍ୱୀକାର କରିବେ ନାହିଁ। ସେହିପରି ଶ୍ରୀ ପ୍ରଧାନ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ କଂଗ୍ରେସ ଉପରେ ମଧ୍ୟ ଆକ୍ରମଣ କରିଛନ୍ତି। ସେ ↳ପୃଷ୍ଠା-୬

ସରପଞ୍ଚ ଓ ନାଏବ ସରପଞ୍ଚଙ୍କୁ ପୂଜା ଭେଟି

ମିଳିବ ୬ ମାସର ସମ୍ମାନ ରାଶି

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ରାଜ୍ୟର କ୍ଷମତାସୀନ ବିଜେପି ସରକାର। ଆଗକୁ ଦଶହରା ଥିବାରୁ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ପୂଜା ଭେଟି ଦିଆଯାଇଛି। କାର୍ଯ୍ୟରତ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ୬ ମାସର ସମ୍ମାନ ରାଶିକୁ ମଞ୍ଜୁରୀ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ ବିବୃତିରେ କୁହାଯାଇଛି ଯେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଗ୍ରାମ ପଞ୍ଚାୟତ ସ୍ତରରେ ନିର୍ବାଚିତ ଜନପ୍ରତିନିଧି ରୂପେ କାର୍ଯ୍ୟ କରୁଥିବା ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ୬ ମାସର ସମ୍ମାନ ରାଶିକୁ ମଞ୍ଜୁର କରିଛନ୍ତି। ସେମାନଙ୍କୁ ମୋଟ ୫୬ କୋଟି ୫୫ ଲକ୍ଷ ୭୨ ହଜାର ଟଙ୍କା ଦିଆଯିବ। ଗ୍ରାମ ପଞ୍ଚାୟତ ସ୍ତରରେ ନିର୍ବାଚିତ ଜନପ୍ରତିନିଧି ରୂପେ କାର୍ଯ୍ୟ କରୁଥିବା ସରପଞ୍ଚ ଓ ନାଏବ ସରପଞ୍ଚମାନେ ପିଛିଲା ଭାବେ ୬ ମାସର ସମ୍ମାନ ରାଶି ପାଇବେ। ପିଛିଲା ଭାବେ ୨୦୨୬ ଏପ୍ରିଲ ୧ରୁ ଅକ୍ଟୋବର ୩୦ ଯାଏଁ ଅର୍ଥାତ ୬ ମାସର ସମ୍ମାନ ରାଶି ମିଳିବ। ସରପଞ୍ଚମାନଙ୍କୁ ୧୦ ହଜାର ଟଙ୍କା ଓ ନାଏବ ସରପଞ୍ଚମାନଙ୍କୁ ସରକାରଙ୍କ ପକ୍ଷରୁ ୪ ହଜାର ଟଙ୍କା ଲେଖାଏଁ ମିଳିବ। ସମ୍ମାନ ରାଶି ଭାବେ ସେମାନଙ୍କୁ ଏହି ଟଙ୍କା ଦିଆଯିବ। ଏହାର ଅର୍ଥ ସରପଞ୍ଚମାନେ ୬ ମାସର ସମ୍ମାନ ରାଶି ଭାବେ ୬୦ ହଜାର ଟଙ୍କା ଓ ନାଏବ ସରପଞ୍ଚମାନେ ୨୪ ହଜାର ଟଙ୍କା ଲେଖାଏଁ ପାଇବେ।

ତ୍ରିସ୍ତରୀୟ ନିର୍ବାଚନ ପୂର୍ବରୁ ବଡ଼ ଯୋଜନା

ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ୭୧୮ କୋଟିର ଯୋଜନା

- ଜଳ ଯୋଗାଣ ଉପରେ ନଜର ରଖିବାକୁ ଲାଗିବ ସ୍ମାର୍ଟ ସେନ୍ସର
- ସୌର ଶକ୍ତିରେ ଚାଲିବ ପାଣି ପମ୍ପ, ମିଳିବ ଲୁହା-ଜୀବାଣୁମୁକ୍ତ ପାଣି

ଭୁବନେଶ୍ୱର,୧୬।୧୦ (ସଂଚାର ବ୍ୟୁରୋ) : ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚ ମାସରେ ରାଜ୍ୟରେ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ଥିବାବେଳେ ଗ୍ରାମାଂଚଳରେ ଦୀର୍ଘଦିନର ପାନୀୟ ଜଳ ସଙ୍କଟ ଏକ ମୁଖ୍ୟ ପ୍ରସଙ୍ଗ ହେବ। ତେଣୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ବାରମ୍ବାର ବିଦ୍ୟୁତ କାଟ୍ ଯୋଗୁଁ ପାଇପ ଯୋଗେ ପାଣିଯୋଗାଣ ବନ୍ଦ ରହିବା, ପମ୍ପ ପୋଡ଼ିଯିବା, ପାଇପ୍ ଫାଟି

ଜଳ ନଷ୍ଟ ହେବା ତଥା ଯୋଗାଣରେ ବ୍ୟାଘାତ ଉପୁଜିଲେ ତୁରନ୍ତ ଖବର ପାଇବା ପାଇଁ ସ୍ମାର୍ଟ ସେନ୍ସର ଖଞ୍ଜିବା ସହ ପାଇପ୍ ପାଣିରେ ଲୁହା ଓ କ୍ଷତିକାରକ ଜୀବାଣୁ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ମୋଟ୍ ୭୧୮ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରାଯାଇଛି। ଆଉ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ୪ଟି ବିସ୍ତୃତ ଗାଇଡଲାଇନ୍ ଜାରି ହୋଇଛି।

ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ ୨୦୨୬-୨୭ରୁ ୨୦୩୦-୩୧ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ୪ଟି ବୃହତ ଯୋଜନା ପାଇଁ ବିଭାଗୀୟ ସଚିବ ଏସଏନ୍ ଗିରୀଶ ବିସ୍ତୃତ ଗାଇଡଲାଇନ୍ ସମସ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଜାରି କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟାରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଂଚଳରେ ପ୍ରଯୁକ୍ତିବିଦ୍ୟା ଆଧାରିତ ପରିଚାଳନା ପାଇଁ ସର୍ବାଧିକ ୨୦୦.୫୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ ରାଜ୍ୟର ସମସ୍ତ ପ୍ରାୟ ୧୯,୧୦୦ଟି ଏକକ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପରେ ସ୍ମାର୍ଟ ସେନ୍ସର ଖଞ୍ଜାଯିବା ସହ ଜଳ ପ୍ରବାହ ମାପକ ଯନ୍ତ୍ର, ଚାପ ମାପକ ସେନ୍ସର ଓ କ୍ଲୋରିନ୍ ମାତ୍ରା ନିର୍ଣ୍ଣୟକାରୀ ସେନ୍ସର ବସାଯିବ। ଏହି ସ୍ମାର୍ଟ ସେନ୍ସରଗୁଡ଼ିକ ରାଜ୍ୟ ନିୟନ୍ତ୍ରଣ କକ୍ଷ ସହିତ ସିଧାସଳଖ ଯୋଡ଼ି ହୋଇ ରହିବ। ଫଳରେ କୌଣସି ସ୍ଥାନରେ ପାଣି ପାଇପ୍ ଫାଟିଲେ, ପାଣି ନଷ୍ଟ ହେଲେ, ମୋଟର ପୋଡ଼ିଗଲେ ଅବା ଉପର ଟାଙ୍କିରେ ଜଳସ୍ତର କମିଲେ ତୁରନ୍ତ ରିଅଲଟାଇମ୍ ତଥ୍ୟ ମିଳିପାରିବ ଓ ଜଳ ଯୋଗାଣରେ ବାଧା ଉପୁଜିବା ପୂର୍ବରୁ ସମସ୍ୟାର ସମାଧାନ ହୋଇପାରିବ। ଏଥିପାଇଁ ୟୁନିଟ୍ ପିଛା ପ୍ରାୟ ୧.୦୫ ଲକ୍ଷ ↳ପୃଷ୍ଠା-୬

ସାମ୍ବାଦିକଙ୍କ ପାଇଁ ପିସିଆଇର ନିର୍ଦ୍ଦେଶାବଳୀ ଜାରି

ନୂଆଦିଲ୍ଲୀ,୧୬।୧୦: ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ (ପିସିଆଇ) ଆନ୍ଦୋଳନର ଖବର ସଂଗ୍ରହ କରୁଥିବା ସାମ୍ବାଦିକମାନଙ୍କ ପାଇଁ ନିର୍ଦ୍ଦେଶାବଳି ଜାରି କରିଛି। ଏଥିରେ ବୃତ୍ତିଗତ ଆଚରଣ, ଭିଡ଼ରେ ସୁରକ୍ଷା, ନୈତିକତା ଆଧାରିତ ସମ୍ବାଦ ପରିବେଷଣ ଏବଂ ନ୍ୟୁଜ୍‌ରୁମ୍ ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ସାମ୍ବାଦିକମାନଙ୍କୁ ନିଜ ଗଣମାଧ୍ୟମ ସଂସ୍ଥା ଦ୍ୱାରା ଜାରି ବୈଧ ପରିଚୟପତ୍ର କିମ୍ବା ପ୍ରଯୁଜ୍ୟ କ୍ଷେତ୍ରରେ ପ୍ରେସ୍ ଇନଫର୍ମେସନ୍ ବ୍ୟୁରୋ (ପିଆଇବି) ଓ ଡାଇରେକ୍ଟୋରେଟ୍ ଅଫ୍ ଇନଫର୍ମେସନ୍ ଆଣ୍ଡ୍ ପବ୍ଲିସିଟି (ଡିଆଇପି) ଦ୍ୱାରା ପ୍ରଦତ୍ତ ସ୍ୱୀକୃତିପତ୍ର ସାଙ୍ଗରେ ରଖିବାକୁ କୁହାଯାଇଛି। ଖବର ସଂଗ୍ରହ ସମୟରେ ପ୍ରେସ୍ ପରିଚୟପତ୍ର ଦୃଶ୍ୟମାନ ହେଉଥିବା ସ୍ଥାନରେ ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ସାମ୍ବାଦିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ଦାୟିତ୍ୱପୂର୍ଣ୍ଣ ଖବର ପରିବେଷଣ ଏବଂ ପ୍ରତିବାଦ କାର୍ଯ୍ୟକ୍ରମଗୁଡ଼ିକର ସୁସଂଗଠିତ ଓ ପ୍ରଭାବଶାଳୀ ଗଣମାଧ୍ୟମ କଭରେଜ୍‌କୁ ସହଜ କରିବା ଏହି ନିର୍ଦ୍ଦେଶାବଳିର ଉଦ୍ଦେଶ୍ୟ।

ସାଙ୍କୁ ଲଦାଖର ଅଷ୍ଟମ ଜିଲ୍ଲା

ଶ୍ରୀନଗର, ୧୬।୧୦: କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ଆଉ ଏକ ନୂଆ ଜିଲ୍ଲା ଗଠନ ହୋଇଛି। ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ଶୁକ୍ରବାର ସାଙ୍କୁକୁ ଲଦାଖର ଅଷ୍ଟମ ଜିଲ୍ଲା ଭାବେ ଘୋଷଣା କରିଛନ୍ତି। ଏହା ସହ ଅଞ୍ଚଳର ଲୋକଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ନୂଆ ଜିଲ୍ଲା ଗଠନ ଫଳରେ ସ୍ଥାନୀୟ

ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ଶପଥ ଗ୍ରହଣ

ପଟ୍ଟାମୁଣ୍ଡାଇ,୧୬।୧୦ (ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦର ନବ ନିର୍ବାଚିତ ପ୍ରତିନିଧି ମାନଙ୍କର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ଡ ଗୌର ପ୍ରସାଦ ଷଡଙ୍ଗୀ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶପଥ ଗ୍ରହଣ ସଭାରେ ଛାତ୍ର ସଂସଦର ଉପଦେଷ୍ଟା ପ୍ରାଧ୍ୟାପକ ଡ ସୁନୀଲ କୁମାର ପ୍ରଧାନ ନିର୍ବାଚିତ ପ୍ରତିନଧିମାନଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ସଭାପତି ଭାବେ ରୁଦ୍ର ପ୍ରସାଦ ଦାସ, ଉପ ସଭାପତି ଭାବେ ଅବିନାଶ ସାହୁ ସାଧାରଣ ସମ୍ପାଦିକା ଭାବେ ଅର୍ପିତା ମଥାନ, ସହ ସାଧାରଣ ସମ୍ପାଦକ ଭାବେ ମିର୍ଜା ମୋଜାହିଦ ବେଗ, ସାଂସ୍କୃତିକ ସମ୍ପାଦକ ଭାବେ ସୋମନାଥ ମଲିକ୍, ନାଟ୍ୟ ସଂସଦ ସମ୍ପାଦକ ଭାବେ ଦୟାନିଧି ସାହୁ, କ୍ରୀଡ଼ା ସମ୍ପାଦିକା ଭାବେ ଶୁଭଲକ୍ଷ୍ମୀ ମୁଦୁଲି, ଡି ଏସ ଏ ସମ୍ପାଦକ ଭାବେ ଶୁଭମ୍ କୁମାର ନାୟକ, ଓଡ଼ିଆ ସାହିତ୍ୟ ସମାଜ ସମ୍ପାଦିକା ଭାବେ ଆଦ୍ୟାଶା ତ୍ରିପାଠୀ ପ୍ରମୁଖ ଶପଥ ପାଠ କରିବା ସହିତ ମହାବିଦ୍ୟାଳୟ ର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରୟାସ ଜାରି ରଖିବେ ବୋଲି ଦୃଢ଼ ସଂକଳ୍ପ ନେଇଥିଲେ। ଏହି ଶପଥ ଗ୍ରହଣ ସଭାରେ ନିର୍ବାଚନ ଅଫିସର ପ୍ରମୋଦ କୁମାର ସ୍ୱାଇଁ , ପ୍ରାଧ୍ୟାପକ ମନୋଜ ପରିଡ଼ା, ପ୍ରାଧ୍ୟାପକ ଡ ରମେଶ କୁମାର ସାହୁ, ସଂସଦ ସହ ଉପଦେଷ୍ଟା ଅରବିନ୍ଦ ପାଣ୍ଡବ, ରଞ୍ଜନ କୁମାର ବେହୁରା, ଭାରତ ଭୂଷଣ ସାହୁ, ଶ୍ରୀମନ୍ତ କୁମାର ଜେନା, ରଞ୍ଜନ କୁମାର ଗାହାଣ, ସରୋଜ କାନ୍ତ ନାୟକ,ଜିତେନ୍ଦ୍ର ମଲିକ୍ ,ପ୍ରଦ୍ୟୁମ୍ନ ପ୍ରଧାନ, ପୃଥିରାଜ ବିଶ୍ୱାଳ, ପିଙ୍କୁ ପଟେଲ, ରୋହିତ ବଗର୍ତ୍ତୀ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା କଲେଜର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

ଆଳି ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ତ୍ରୁଟି ଅଭିଯୋଗ

ନିର୍ବାଚନ ରଦ୍ଦ ଦାବି କଲା ବ୍ଲକ କଂଗ୍ରେସ

ଆଳି,୧୬।୧୦(ସଂଚାର ବ୍ୟୁରୋ)ଃ ଆଳି ମହାବିଦ୍ୟାଳୟରେ ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନରେ ବ୍ୟାପକ ତ୍ରୁଟି ହୋଇଥିବା ଅଭିଯୋଗ ଆଣିଛି ବ୍ଲକ କଂଗ୍ରେସ। ଏହି ଘଟଣାକୁ ନେଇ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ନିର୍ବାଚନକୁ ରଦ୍ଦ କରିବାକୁ ଦାବି କରାଯାଇଛି।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ନିର୍ବାଚନ ସମୟରେ ପ୍ରାର୍ଥୀଙ୍କ ପକ୍ଷରୁ ପୋଲିଂ ଏଜେଣ୍ଟ ନିୟୋଜିତ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ବିନା ଏଜେଣ୍ଟରେ ଭୋଟ୍ ଗ୍ରହଣ କରାଯାଇଥିଲା। ଏପରିକି ଏଜେଣ୍ଟଙ୍କ ଅନୁପସ୍ଥିତିରେ ଭୋଟ୍ ବାକ୍ସ ସିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ଏଥିସହ ଭୋଟ୍ ଗଣତିରେ ଅତ୍ୟଧିକ ବିଳମ୍ବ ହେବା ଘଟଣା ନିର୍ବାଚନର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି କରିଥିବା ଦଳ ପକ୍ଷରୁ କୁହାଯାଇଛି।

ସାମ୍ବାଦିକ ସମ୍ମିଳନୀରେ ଛାତ୍ର କଂଗ୍ରେସର ଜିଲ୍ଲା ସଭାପତି ଦିବ୍ୟରଞ୍ଜନ ରାଉତ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଥିବା ବେଳେ ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା ମଧ୍ୟ ନିର୍ବାଚନକୁ ମନମୁଖୀ ଓ ତ୍ରୁଟିପୂର୍ଣ୍ଣ ବୋଲି ଅଭିହିତ କରିଥିଲେ।

ଏହି ନିର୍ବାଚନରେ ନିୟମ ଉଲ୍ଲଂଘନ ହୋଇଥିବା ଦର୍ଶାଇ କଂଗ୍ରେସ ପକ୍ଷରୁ ନିର୍ବାଚନକୁ ରଦ୍ଦ କରିବା ସହ ଘଟଣାର ତଦନ୍ତ କରିବାକୁ ଦାବି କରାଯାଇଛି।

କେନ୍ଦ୍ରାପଡ଼ା କଲେଜ ଛାତ୍ର ସଂସଦର ଶପଥ ଗ୍ରହଣ ଉତ୍ସବ ସ୍ଥଗିତ

କେନ୍ଦ୍ରାପଡ଼ା,୧୬।୧୦ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ନବନିର୍ବାଚିତ ଛାତ୍ର ସଂସଦର ପଦାଧିକାରୀଙ୍କ ଶପଥ ଗ୍ରହଣ ଉତ୍ସବକୁ ସ୍ଥଗିତ ରଖାଯାଇଛି। ଶୁକ୍ରବାର ଏହି ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିରଞ୍ଜନ ଦାସ ଏକ ବିଜ୍ଞପ୍ତି ଜରିଆରେ ଏହାକୁ ସ୍ଥଗିତ ରଖିଥିବା ଜଣାପଡ଼ିଛି। ତେବେ ଏହି ନିଷ୍ପତ୍ତିକୁ ନେଇ ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ବିଜ୍ଞପ୍ତିରେ କେତେକ ଅନିବାର୍ଯ୍ୟ କାରଣରୁ ଶପଥ ଗ୍ରହଣ ଉତ୍ସବ ସ୍ଥଗିତ ରଖାଯାଇଥିବା ଦର୍ଶାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ ବୋଲି ଉଲ୍ଲେଖ ରହିଛି। ତେବେ ସ୍ଥଗିତାଦେଶର କାରଣ ସମ୍ପର୍କରେ ପ୍ରଥମେ ସ୍ପଷ୍ଟ ସୂଚନା ମିଳି ନଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ସ୍ଥଗିତାଦେଶକୁ ନେଇ ନିର୍ବାଚିତ ଛାତ୍ରନେତାଙ୍କ ଅସନ୍ତୋଷ

ନିୟମ ଅନୁଯାୟୀ, ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ପ୍ରାର୍ଥୀମାନେ ଶପଥ ଗ୍ରହଣ କରିବା ପରେ ନିଜ ନିଜ ପଦର ଦାୟିତ୍ୱ ଗ୍ରହଣ କରିଥାନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ନିର୍ବାଚିତ ପ୍ରତିନିଧିମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥାନ୍ତି। ତେଣୁ ଶପଥ ଗ୍ରହଣ ଉତ୍ସବ ସ୍ଥଗିତ ରହିବା ଯୋଗୁଁ ନିର୍ବାଚିତ ପ୍ରତିନିଧିଙ୍କ ଔପଚାରିକ ଦାୟିତ୍ୱ ଗ୍ରହଣକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।

ଏହି ଘଟଣାକୁ ନେଇ ନିର୍ବାଚିତ ଛାତ୍ରନେତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶାସକ ବିଜେପି ସମର୍ଥିତ ଏବିଭିପି ପ୍ରାର୍ଥୀମାନେ ନିର୍ବାଚନରେ ପରାଜିତ ହେବା ପରେ ସରକାର ପ୍ରଶାସନିକ କଳକୁ ବ୍ୟବହାର କରି ଏଭଳି ଅଗଣତାନ୍ତ୍ରିକ ପଦକ୍ଷେପ ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗର ସ୍ୱତନ୍ତ୍ର ପୁଷ୍ଟି ହୋଇପାରିନାହିଁ।

ଅନ୍ୟପକ୍ଷରେ, ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିରଞ୍ଜନ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଷ୍ଟାଫ୍ କାଉନସିଲ୍‌ର ବୈଠକ ଡକାଯାଇଥିଲା। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଶପଥ ଗ୍ରହଣ ଉତ୍ସବକୁ ସ୍ଥଗିତ ରଖାଯାଇଛି। ତେବେ ଉତ୍ସବ କେବେ ଅନୁଷ୍ଠିତ ହେବ, ସେ ନେଇ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି।

ଲକ୍ଷ୍ମୀ ପୂଜା ପ୍ରସ୍ତୁତି ପାଇଁ ୬ ଘଣ୍ଟା ବିଦ୍ୟୁତ୍ କାଟ୍

କେନ୍ଦ୍ରାପଡ଼ା ସହର ସମେତ ଦୁଇ ପଞ୍ଚାୟତ ପ୍ରଭାବିତ ହେବ

କେନ୍ଦ୍ରାପଡ଼ା,୧୬।୧୦(ସଂଚାର ବ୍ୟୁରୋ)ଃ ଆଗାମୀ ଲକ୍ଷ୍ମୀ ପୂଜା ପାଇଁ ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ ଆସନ୍ତା ୧୭ ତାରିଖ ଶନିବାର କେନ୍ଦ୍ରାପଡ଼ା ସହର ସମେତ ଦୁଇଟି ପଞ୍ଚାୟତରେ ୬ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଏ ନେଇ ଟିପିସିଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଆସନ୍ତାକାଲି ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ପୌରାଞ୍ଚଳର ୪ରୁ ୨୧ ନମ୍ବର ୱାର୍ଡ ସମେତ କପାଳେଶ୍ୱର ଓ ଗୁଲନଗର ପଞ୍ଚାୟତରେ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଲକ୍ଷ୍ମୀ ପୂଜା ପୂର୍ବରୁ ବିଦ୍ୟୁତ୍ ବ୍ୟବସ୍ଥାର ଆବଶ୍ୟକୀୟ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି।

ବିଦ୍ୟୁତ୍ ବିଚ୍ଛିନ୍ନ ଯୋଗୁଁ ସମ୍ପୃକ୍ତ ଅଞ୍ଚଳର ଉପଭୋକ୍ତାମାନେ ଯେପରି ଅସୁବିଧାରେ ନପଡ଼ନ୍ତି, ସେଥିପାଇଁ ଆଗୁଆ ଆବଶ୍ୟକ ପ୍ରସ୍ତୁତି କରିବାକୁ ଟିପିସିଓଡିଏଲ ପକ୍ଷରୁ ପରାମର୍ଶ ଦିଆଯାଇଛି। ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ ହେବା ପରେ ଯଥାଶୀଘ୍ର ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ସାମୟିକ ଅସୁବିଧା ପାଇଁ ଉପଭୋକ୍ତାଙ୍କ ସହଯୋଗ ମଧ୍ୟ କାମନା କରାଯାଇଛି।

ପାଟକୁରା କଲେଜ ନିର୍ବାଚନରେ ଅରବିନ୍ଦ ମହାପାତ୍ରଙ୍କ ଶକ୍ତି ପ୍ରଦର୍ଶନ

ବିଜେଡି ଖାତା ଖୋଲିବାରେ ବିଫଳ

କେନ୍ଦ୍ରାପଡ଼ା,୧୬।୧୦ (ସଂଚାର ବ୍ୟୁରୋ)ଃ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର ରାଜନୈତିକ ପାଣିପାଗ ଏବେ ସରଗରମ। ଶୁକ୍ରବାର ପ୍ରକାଶ ପାଇଥିବା କଲେଜ ଛାତ୍ର ସଂସଦ ନିର୍ବାଚନ ଫଳାଫଳ ସ୍ଥାନୀୟ ରାଜନୀତିରେ ଏକ ବଡ଼ ଧରଣର ସମୀକରଣ ପରିବର୍ତ୍ତନର ସ୍ପଷ୍ଟ ସଙ୍କେତ ଦେଇଛି। ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୬ଟି ପ୍ରମୁଖ ଡିଗ୍ରୀ କଲେଜ ମଧ୍ୟରୁ ୫ଟିରେ ସ୍ଥାନୀୟ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମର୍ଥିତ ପ୍ରାର୍ଥୀମାନେ ବିପୁଳ ବିଜୟ ହାସଲ କରି କ୍ୟାଂପ୍ସ ରାଜନୀତିରେ ନିଜର ଆଧିପତ୍ୟ ବିସ୍ତାର କରିଛନ୍ତି।

ଅନ୍ୟପକ୍ଷରେ, ବିଜେପି ସହ ଅନୁବନ୍ଧିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ମାତ୍ର କେତେକ ନିର୍ଦ୍ଦିଷ୍ଟ ପଦବୀରେ ସୀମିତ ରହିଥିବା ବେଳେ ବିଜୁ ଜନତା ଦଳ (ବିଜେଡି) ସମର୍ଥିତ ଛାତ୍ର ସଂଗଠନ ପ୍ରମୁଖ କଲେଜଗୁଡ଼ିକରେ ଖାତା ଖୋଲିବାକୁ ମଧ୍ୟ ସକ୍ଷମ ହୋଇପାରି ନାହିଁ। ଲୋକନାଥ ମହାବିଦ୍ୟାଳୟ (କୋରୁଆ)ରେ ବିଧାୟକ ସମର୍ଥିତ ପ୍ୟାନେଲ ସମ୍ପୂର୍ଣ୍ଣ ଭାବେ ଏକତରଫା ବିଜୟ ହାସଲ କରିଛି। ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟରେ ଅରବିନ୍ଦଙ୍କ ସମର୍ଥିତ ପ୍ୟାନେଲ ବଡ଼ ବ୍ୟବଧାନରେ ବିଜୟୀ ହୋଇଛି। କରିଲୋପାଟଣା କଲେଜରେ ଏବିଭିପି ସହିତ କଡ଼ା ଟକ୍କର ଦେଖିବାକୁ ମିଳିଥିଲେ ମଧ୍ୟ ଶେଷରେ ବିଧାୟକଙ୍କ ସମର୍ଥିତ ପ୍ରାର୍ଥୀମାନେ ପ୍ରମୁଖ ଆସନ ବଜାୟ ରଖିଛନ୍ତି। ଚାନ୍ଦୋଳ କଲେଜ ଏବଂ ଡେରାବିଶ କଲେଜରେ ମହାପାତ୍ର ଗୋଷ୍ଠୀ ବିରୋଧୀଙ୍କୁ ପଛରେ ପକାଇ ନିର୍ଣ୍ଣାୟକ ବିଜୟ ହାସଲ କରିଛନ୍ତି। ୬ଟି ମଧ୍ୟରୁ କେବଳ ଗୋଟିଏ କଲେଜରେ ଏବିଭିପି କିଛି ପଦବୀ ହାସଲ କରି ନିଜର ଉପସ୍ଥିତି ଜାହିର କରିଥିବା ବେଳେ ବିଜେଡିର ବିପର୍ଯ୍ୟୟ ରାଜନୈତିକ ମହଲକୁ ଚକିତ କରିଛି।

ଅରବିନ୍ଦଙ୍କ ସ୍ୱତନ୍ତ୍ର ପତିଆରା ଓ ବଦଳୁଥିବା ସମୀକରଣ ଏହି ନିର୍ବାଚନ ଫଳାଫଳ କେବଳ ଛାତ୍ର ରାଜନୀତିରେ ସୀମିତ ନୁହେଁ, ବରଂ ଅରବିନ୍ଦ ମହାପାତ୍ରଙ୍କ ବ୍ୟକ୍ତିଗତ ରାଜନୈତିକ ସ୍ଥିତିକୁ ଦୃଢ଼ କରୁଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଅରବିନ୍ଦ ବିଜେଡି କିମ୍ବା ବିଜେପି କୌଣସି ଦଳର ଆନୁଷ୍ଠାନିକ ନିର୍ଦ୍ଦେଶ ଉପରେ ନିର୍ଭର ନ କରି ନିଜସ୍ୱ ଏକ ସ୍ୱତନ୍ତ୍ର ରାଜନୈତିକ ସଂଗଠନ ଗଢ଼ି ତୋଳିଛନ୍ତି।

ତୃଣମୂଳ ସ୍ତରର ମନୋଭାବ ଏବଂ ପାରିବାରିକ ଦୁର୍ଗ ପାଟକୁରା ରାଜନୀତିକୁ ପାଖରୁ ଦେଖୁଥିବା ବିଶ୍ଳେଷକଙ୍କ ମତରେ, ଏହି ବିଜୟ ପଛରେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ଦୀର୍ଘ ବର୍ଷର ସାଙ୍ଗଠନିକ ଭିତ୍ତିଭୂମି ରହିଛି। ଏହି ଫଳାଫଳ ଏକଥା ସ୍ପଷ୍ଟ କରିଦେଇଛି ଯେ ପାଟକୁରାରେ କୌଣସି ଦଳ ପାଇଁ ରାସ୍ତା ସହଜ ନୁହେଁ। ଦଳୀୟ ଢାଞ୍ଚା ବାହାରେ ରହି ମଧ୍ୟ ଅରବିନ୍ଦ ମହାପାତ୍ର ଯୁବପିଢ଼ିଙ୍କୁ ନିଜ ସପକ୍ଷରେ ରଖି ଏକ ଶକ୍ତିଶାଳୀ ତୃତୀୟ ଶକ୍ତି ଭାବେ ନିଜର ଦୃଢ଼ ଉପସ୍ଥିତି ଜାହିର କରିଛନ୍ତି।

ନିଶ୍ଚିନ୍ତକୋଇଲିରେ ଅମୃତା ଆୟୁର୍ବେଦ ଚିକିତ୍ସାଳୟ ଉଦ୍‌ଘାଟିତ

ନିଶ୍ଚିନ୍ତକୋଇଲି,୧୬।୧୦ (ସଂଚାର ବ୍ୟୁରୋ)ଃ ନିଶ୍ଚିନ୍ତକୋଇଲି ବସ୍‌ଷ୍ଟାଣ୍ଡ ସମ୍ମୁଖ ଗଳି ମାର୍କେଟ କମ୍ପ୍ଲେକ୍ସ ପରିସରରେ ନୂତନ ଭାବେ ଏକ ଅମୃତ ଆର୍ୟୁବେଦ ନାମକ ଚିକିତ୍ସାଳୟ ଖୋଲାଯାଇଛି। ଏହି ଅବସରରେ ବହୁ ଲୋକମାନେ ଏଠାରେ ଯୋଗଦେଇ ସେମାନଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ଗ୍ରହଣ କରିବା ସହିତ ଔଷଧ ମଧ୍ୟ ନେଇଛନ୍ତି। ଏହି ଚିକିତ୍ସାଳୟରେ ପୁରୁଣା ବାତ ଓ ଗଣ୍ଠି ରୋଗ ସମେତ ମଧୁମେୟ, ଉଚ୍ଚରକ୍ତଚାପ ଭଳି ବିଭିନ୍ନ ପ୍ରକାର ରୋଗର ଚିକିତ୍ସା କରାଯିବା ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ରବିବାର ପୂର୍ବାହ୍ନରେ ଚିକିତ୍ସାଳୟ କର୍ମଚାରୀ କୁଳମଣି ବସ୍ତିଆଙ୍କ ସଂଯୋଜନାରେ ଏହି ଚିକିତ୍ସାଳୟକୁ ଡାକ୍ତର କେ. ହେମ୍ବ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଆଣ୍ଠୁ ଗଣ୍ଠି ରୋଗୀ ଉର୍ମିଳା ମହାପାତ୍ରଙ୍କ ସମେତ ବହୁ ରୋଗୀ ଯୋଗଦେଇ ମାଗଣା ଚିକିତ୍ସା ସେବା ପାଇଥିଲେ। ଏଥିରେ ଭେଷଜ ବିଶେଷଜ୍ଞ ଡାକ୍ତର ଶ୍ରୀନିବାସ ଦାସ, ଡାକ୍ତର ଜେ.ଏସ୍. ରାଉତ ପ୍ରମୁଖ ଉପସ୍ଥିତ ହୋଇ ରୋଗୀମାନଙ୍କୁ ଚିକିତ୍ସାସେବା ଯୋଗାଇ ଦେଇଥିଲେ।

ଦାଉଦପୁର ପଞ୍ଚାୟତରେ ଶାରଦୀୟ ବନ୍ଧୁ ମିଳନ ଓ କର୍ମୀ ସମ୍ମିଳନୀ

ନିଶ୍ଚିନ୍ତକୋଇଲି,୧୬।୧୦(ସଂଚାର ବ୍ୟୁରୋ)ଃ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ଦାଉଦପୁର ଗ୍ରାମ ପଞ୍ଚାୟତ ସାଇମନ୍ଦିର ନିକଟରେ ଶାରଦୀୟ ଦୁର୍ଗା ପୂଜା ଅବସରରେ ଏକ କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନ ଉତ୍ସବ ମଣ୍ଡଳ ସଭାପତି ବିନୋଦ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।

ଏହି ବନ୍ଧୁମିଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ଯୋଗ ଦେଇ ଦାଉଦପୁର ଗ୍ରାମ ପଞ୍ଚାୟତର ୧୪ଗୋଟି ୱାର୍ଡ଼ରେ ଜଳସେଚନ, ଗମନାଗମନ, କୃଷିର ଉନ୍ନତି, ରାସନ କାର୍ଡ଼, ମାଗଣା ଛାତ ଘର, ଏପରିକି ଏହି ପଞ୍ଚାୟତର କୌଣସିବି ଗୋଟିଏ ଯୋଗ୍ୟ ହିତାଧିକାରୀ ତା'ର ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହେବ ନାହିଁ। ଗରିବ ଲୋକଙ୍କ କିଭଳି ସର୍ବାଙ୍ଗୀନ ଉନ୍ନତି ହେବ ସେ ନେଇ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇ ଲୋକମାନଙ୍କ ଅସୁବିଧାକୁ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ପହଞ୍ଚାଇ କିପରି ହିତାଧିକାରୀଟିଏ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସୁଫଳ ପାଇପାରିବ ସେ ନେଇ ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ।

ବିଗତ ବିଜୁ ଜନତା ଦଳ ସରକାର ସମୟରେ ଦାଉଦପୁର ପଞ୍ଚାୟତରେ ସମୁଦାୟ ୧୪୦୦ ଘର ଥିବା ବେଳେ ସରକାରୀ ଯୋଜନାରେ ଉକ୍ତ ପଞ୍ଚାୟତକୁ ୨୨୦୦ ମାଗଣା ଛାତ ଘର ଦିଆଯାଇଥିଲେ ମଧ୍ୟ ଏବେବି ଅନେକ ଯୋଗ୍ୟ ହିତାଧିକାରୀ ସରକାରଙ୍କ ମାଗଣା ଛାତ ଘର ଖଣ୍ଡିଏ ପାଇବାରୁ ବଞ୍ଚିତ ଅଛନ୍ତି। ପୂର୍ବରୁ ଯେଉଁମାନେ ୪୮ହଜାର୫୦୦ଟଙ୍କାରୁ କମ୍ ଅର୍ଥ ଛାତ ଘର ବାବଦରେ ପାଇଥିବେ ଏବଂ ସେମାନେ ଗୃହ ନିର୍ମାଣ କରିପାରିନଥିବେ ସେମାନଙ୍କୁ ପୁର୍ନବାର ମାଗଣା ଛାତ ଘର ଯୋଗାଇ ଦିଆଯିବା ନେଇ ବର୍ତ୍ତମାନର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ବ୍ୟବସ୍ଥା କରିଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ଉପସ୍ଥିତ କର୍ମୀମାନଙ୍କୁ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମହାନ୍ତି, ରବୀନ୍ଦ୍ରନାଥ ତ୍ରିପାଠୀ, ନିଶ୍ଚିନ୍ତକୋଇଲି ମଣ୍ଡଳ ଆଡ୍ଡା ଅଧ୍ୟକ୍ଷ ଅଶୋକ କୁମାର ସାହୁ, ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ, ଦିଲ୍ଲୀପ କୁମାର ମହାନ୍ତି, ଦେବେନ୍ଦ୍ର କୁମାର ସାହୁ, ମିହିର କୁମାର ମିଶ୍ର, ମଣ୍ଡଳ ପ୍ରଭାରୀ ନୃସିଂହଚରଣ ପରିଡ଼ା, ପଞ୍ଚାୟତ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସମେତ ୧୪ଗୋଟି ୱାର୍ଡ଼ରୁ ଶତାଧିକ ମହିଳା ଓ ପୁରୁଷ କର୍ମୀମାନେ ଯୋଗ ଦେଇଥିଲେ।

ପାର୍ବଣ ପୂର୍ବରୁ ଅବକାରୀ ବିଭାଗର ଚଢ଼ାଉ

୧୯୧ ଲିଟର ମଦ ଜବତ, ୭ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ

କେନ୍ଦ୍ରାପଡ଼ା, ୧୬।୧୦ (ସଂଚାର ବ୍ୟୁରୋ)ଃ ପାର୍ବଣ ଋତୁରେ ଚୋରା ମଦ କାରବାର ରୋକିବାକୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ମୋଟ ୧୯୧ ଲିଟର ଦେଶୀ ଓ ବିଦେଶୀ ମଦ ସହ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି। ଏଥିସହ ୭ ଜଣ ଅଭିଯୁକ୍ତଙ୍କ ବିରୋଧରେ ଅବକାରୀ ମାମଲା ରୁଜୁ କରାଯାଇଛି।

ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକ

ବିଦାୟ ନେଲେ ଡ. ହରିବାବୁ କମ୍ଭମପାଟି

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ଓଡ଼ିଶାରୁ ବିଦାୟ ନେଲେ ବିଦାୟୀ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି। ଏଠାରେ ତାଙ୍କ କାର୍ଯ୍ୟକାଳ ଥିଲା ପ୍ରାୟ ଏକ ବର୍ଷ ୯ ମାସ। ସେ ତାଙ୍କ ପରିବାର ସହ ବିଦାୟ ନେଇଛନ୍ତି। ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ସେ ବିଦାୟ ନେବା ସମୟରେ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ। ଏହା ପୂର୍ବରୁ ଗତ ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଦାୟୀ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ଓଡ଼ିଶା ପୂର୍ବରୁ ଡ. କମ୍ଭମପାଟି ମିଜୋରାମର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ସେ ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ମିଜୋରାମର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିବା ବେଳେ ୨୦୨୪ରୁ ଏଯାବତ୍ ଓଡ଼ିଶାର ରାଜ୍ୟପାଳ ରହିଥିଲେ। ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ୧୮ ତାରିଖରେ ରାଜ୍ୟପାଳ ଭାବେ ଶପଥ ନେବେ। ସେହିଦିନ ପୂର୍ବାହ୍ନ ୧୧ଟାରେ ଲୋକ ଭବନର ନୂଆ ଅଭିଷେକ ହଲ୍‌ରେ ହାଇକୋର୍ଟରେ ମୁଖ୍ୟ ବିଚାରପତି ତାଙ୍କୁ ଶପଥ ପାଠ କରାଇବେ। ଏଥିପାଇଁ ଲୋକ ଭବନରେ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ନବନିଯୁକ୍ତ ରାଜ୍ୟପାଳ ଆସନ୍ତାକାଲି ଭୁବନେଶ୍ୱରରେ ପହଞ୍ଚିବେ।

୧୦ ହଜାର ସହରାଞ୍ଚଳ ପରିବାର ପାଇଁ ଗୃହ ଯୋଜନା

■ ନିରାଶ୍ରୟ, ଭୂମିହୀନ ଓ ବୟସ୍କଙ୍କ ଆବଶ୍ୟକତାକୁ ପ୍ରାଥମିକତା

■ ୯ଟି ସହରାଞ୍ଚଳରେ ଯୋଜନା ପ୍ରସ୍ତୁତ

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ସହରାଞ୍ଚଳର ଗରିବ, ଅସହାୟ ଓ ଅବହେଳିତ ବର୍ଗଙ୍କୁ ସୁଲଭ ଆବାସ ଯୋଗାଇଦେବା ସହ ସେମାନଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଉନ୍ନତି ଭବନଠାରେ ଓଡ଼ିଶା ବାସଯୋଗ୍ୟ ଆବାସ ମିଶନର ତୃତୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସୁଲଭ ଆବାସ ଯୋଜନାର ଅଗ୍ରଗତି, ମିଶନ୍‌ର ଆର୍ଥିକ ପରିଚାଳନା ଓ ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗ ସମୀକ୍ଷା କରାଯାଇଥିଲା। ଗୃହ ନିର୍ମାଣ ଯୋଜନାକୁ କାଗଜପତ୍ରରେ ସୀମିତ ନରଖି ଶୀଘ୍ର କାର୍ଯ୍ୟକାରୀ କରିବା ସହ ଯୋଗ୍ୟ ପରିବାରଙ୍କୁ ନିର୍ଦ୍ଧାରିତ ସମୟରେ ଏହାର ସୁଫଳ ପହଞ୍ଚାଇବାକୁ ଶ୍ରୀମତୀ ପାଢ଼ୀ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁଲଭ ଆବାସ ସହଭାଗିତା ଉପାଦାନ ଅଧୀନରେ ନଅଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ୧୦ ହଜାର ପରିବାରଙ୍କ ପାଇଁ ଗୃହ ଯୋଜନା ପ୍ରସ୍ତୁତ ହୋଇସାରିଛି। ଏହି ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଯୋଜନାର ଲାଭ ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚେ, ତାହା ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ୍ ଅଧୀନରେ ପ୍ରସ୍ତାବିତ ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମର ମାର୍ଗଦର୍ଶିକା ଶୀଘ୍ର ବୃତ୍ତାନ୍ତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସହରାଞ୍ଚଳର ଅତ୍ୟନ୍ତ ଅସହାୟ ବର୍ଗଙ୍କ ଆବାସ ଓ ଜୀବନଧାରଣ ସମ୍ବନ୍ଧୀୟ ଆବଶ୍ୟକତାକୁ ଏହି ଯୋଜନାରେ ପ୍ରାଥମିକତା ଦେବାକୁ ସେ କହିଥିଲେ। ବିଶେଷକରି ନିରାଶ୍ରୟ ବ୍ୟକ୍ତି, ଭୂମିହୀନ ପରିବାର ଓ ବୟସ୍କ ନାଗରିକଙ୍କ ପାଇଁ ଲକ୍ଷ୍ୟ ଭିତ୍ତିକ ଓ ଅନ୍ତର୍ଭୁକ୍ତିମୂଳକ ପଦକ୍ଷେପ ଗ୍ରହଣ ଉପରେ ଜୋର ଦିଆଯାଇଥିଲା। ୨୦୨୬- ୨୭ ଆର୍ଥିକ ବର୍ଷର ବଜେଟ୍‌ରେ ସମାଜର ସର୍ବାଧିକ ଅବହେଳିତ ବର୍ଗଙ୍କ ହିତ ସାଧନ କରୁଥିବା କାର୍ଯ୍ୟକ୍ରମକୁ ପ୍ରାଥମିକତା ଦେବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ। ଅନୁମୋଦିତ ଯୋଜନାର ସମୟୋଚିତ କାର୍ଯ୍ୟାନ୍ୱୟନ, ଉପଲବ୍ଧ ଆର୍ଥିକ ସମ୍ବଳର ସୁବିନିଯୋଗ ଓ ଜନକୈନ୍ଦ୍ରିକ କାର୍ଯ୍ୟ ପଦ୍ଧତି ମାଧ୍ୟମରେ ଲୋକଙ୍କ ଜୀବନରେ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସୁଲଭ ଆବାସର ସୁଯୋଗ ବୃଦ୍ଧି, ଅସହାୟ ଓ ବଞ୍ଚିତ ବର୍ଗଙ୍କ ଜୀବନ ଧାରଣର ମାନରେ ଉନ୍ନତି ଓ ସମାନ୍ତରାଳ ପାଇଁ ଅଧିକ ବାସଯୋଗ୍ୟ ସହରୀ ପରିବେଶ ଗଠନ ଦିଗରେ ଓଡ଼ିଶା ଲିଭେବଲ୍ ହାବିଟାଟ୍ ମିଶନ୍ କାର୍ଯ୍ୟ କରୁଛି।

ଇଂରାଜୀ ସ୍ୱାତକୋତ୍ତର ଶିକ୍ଷକଙ୍କ ପାଇଁ ତାଲିମ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ଇଂରାଜୀ ସ୍ୱାତକୋତ୍ତର ଶିକ୍ଷକମାନଙ୍କ ପାଇଁ ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମ ସ୍ଥାନୀୟ ସିରିପୁରସ୍ଥିତ 'ଇମେଜ୍'ଠାରେ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟସାରା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରୁ ପ୍ରାୟ ୧୧୨ ଜଣ ଇଂରାଜୀ ପିଜିଟି ଶିକ୍ଷକଶିକ୍ଷୟିତ୍ରୀ ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କର ବିଷୟଗତ ଜ୍ଞାନ, ଶିକ୍ଷାଦାନ କୌଶଳ, ଶ୍ରେଣୀଗୃହ ଅଭ୍ୟାସ ଓ ବୃତ୍ତିଗତ ଦକ୍ଷତାର ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଦ୍‌ଯାପନୀ ଅବସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକ ନିୟତି ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶିକ ସସ୍ମିତା ମାଳୀ ଓ ଉପନିର୍ଦ୍ଦେଶକ ସିଏଚ୍ ବିଜୟଲକ୍ଷ୍ମୀ, ୟୁନିସେଫ୍ ଶିକ୍ଷା କନସଲଟାଣ୍ଟ ଜୟାଜ୍ୟୋତି ପଣ୍ଡା ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଶିକ୍ଷକଙ୍କ ମଧ୍ୟରେ ନିରନ୍ତର ଶିକ୍ଷଣ ଓ ବୃତ୍ତିଗତ ବିକାଶର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଯୁଗ୍ମ ନିର୍ଦ୍ଦେଶିକ ସସ୍ମିତା ମାଳୀ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଉପନିର୍ଦ୍ଦେଶକ ସିଏଚ୍ ବିଜୟଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ରିସୋର୍ସ ପର୍ସନ, ଅଂଶଗ୍ରହଣକାରୀ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାମାନଙ୍କୁ ସେ କୃତଜ୍ଞତା ଜଣାଇଥିଲେ।

ସମର କ୍ରାନ୍ତି ସେନା ପକ୍ଷରୁ ବିଶ୍ୱ ଛାତ୍ରଛାତ୍ରୀ ଦିବସ

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ଗୁରୁବାର ରେଡକ୍ରସ ଭବନଠାରେ କ୍ରାନ୍ତିକାରୀ ସାମାଜିକ ଅନୁଷ୍ଠାନ ସମର କ୍ରାନ୍ତି ସେନା ପକ୍ଷରୁ ବିଶ୍ୱ ଛାତ୍ରଛାତ୍ରୀ ଦିବସ ପାଳିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପୂର୍ବତନ ମୁଖ୍ୟ ଉପଦେଷ୍ଟା ନିର୍ବାଚନ ଆୟୋଗ ଡକ୍ଟର ଭଗବାନ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ବାଦ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଓ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବେ ରେଭେନ୍ସା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ନିରଞ୍ଜନ ବାରିକ ମଧ୍ୟ ଯୋଗଦେଇଥିଲେ। ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଅଧ୍ୟାପକ ଡକ୍ଟର ସୁଶାନ୍ତ ଦାସଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ସଂଚାଳିତ ହୋଇଥିଲା। ସେ ରାଷ୍ଟ୍ର ନିର୍ମାଣରେ ଛାତ୍ରଛାତ୍ରୀଙ୍କ ଭୂମିକା ବିଷୟବସ୍ତୁ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାଦାନ, ଯୁବ ସଶକ୍ତିକରଣ ଓ ଶିକ୍ଷା ପ୍ରତି ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କଲାମଙ୍କୁ ସମ୍ମାନ ଜଣାଇ ପ୍ରତିବର୍ଷ ତାଙ୍କ ଜନ୍ମବାର୍ଷିକୀ ଅକ୍ଟୋବର ୧୫କୁ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ, ବିଦ୍ୱାନ, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ସଂଗଠକଙ୍କୁ ଏପିଜେ ଅବଦୁଲ କାମ ଗୌରବ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଯୁବ ସଙ୍ଗମ ପର୍ଯ୍ୟାୟ-୭ : ଓଡ଼ିଶାରେ ହିମାଚଳ ପ୍ରଦେଶର ପ୍ରତିନିଧି

ଚାକିରି ନ ଖୋଜି ଉଦ୍ୟୋଗୀ ହୁଅ, ଅନ୍ୟକୁ ରୋଜଗାର ଦିଅ

ଭୁବନେଶ୍ୱର,୧୬।୧୦ (ସଂଚାର ବ୍ୟୁରୋ) : 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମର 'ଯୁବ ସଙ୍ଗମ' ପର୍ଯ୍ୟାୟ-୭ ଅଧୀନରେ ଅକ୍ଟୋବର ୧୩ ରୁ ୧୮ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିଥିବା ହିମାଚଳ ପ୍ରଦେଶର ୫୦ଜଣିଆ ଛାତ୍ରଛାତ୍ରୀ ପ୍ରତିନିଧି ଦଳ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି।

ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରି ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ, 'ଯୁବ ସଙ୍ଗମ' କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ନିଜର ପରିଚିତ ପରିବେଶରୁ ବାହାରକୁ ଆସି ଭାରତର ବିବିଧତାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବା, ଭାବର ଆଦାନପ୍ରଦାନ କରିବା ଏବଂ ବିଭିନ୍ନ ରାଜ୍ୟ ମଧ୍ୟରେ ସୁସମ୍ପର୍କ ଗଢ଼ିତୋଳିବା ପାଇଁ ଏକ ଅନନ୍ୟ ସୁଯୋଗ ଯୋଗାଇଦେଉଛି। ଏଭଳି କାର୍ଯ୍ୟକ୍ରମର ପ୍ରକୃତ ମୂଲ୍ୟ କେବଳ ନୂଆ ଜାଗା ବୁଲିବାରେ ନାହିଁ, ବରଂ ଲୋକମାନଙ୍କୁ ଭେଟିବା, ସେମାନଙ୍କର ଭିନ୍ନ ଦୃଷ୍ଟିକୋଣକୁ ବୁଝିବା ଏବଂ ବିଭିନ୍ନ ସଂସ୍କୃତି ଓ ଅଞ୍ଚଳର ଲୋକଙ୍କ ସହ ମିଶି କାମ କରିବା ପାଇଁ ଆବଶ୍ୟକ ମାନସିକତା ଓ ଆପଣେଇବାର ଦକ୍ଷତା ହାସଲ କରିବାରେ ରହିଛି। ବିଭିନ୍ନ ରାଜ୍ୟର ଯୁବବର୍ଗଙ୍କ ମଧ୍ୟରେ ଏହିଭଳି ଆଲୋଚନା ଓ ମିଳାମିଶା ପାରସ୍ପରିକ ବୁଝାମଣାକୁ ମଜବୁତ କରେ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ସ୍ୱପ୍ନକୁ ବାସ୍ତବ ରୂପ ଦିଏ।

କାର୍ଯ୍ୟକ୍ଷେତ୍ର ଓ ଚାକିରି ଦୁନିଆରେ ଦ୍ରୁତ ପରିବର୍ତ୍ତନ ବିଷୟରେ ମନ୍ତ୍ରୀ କହିଥିଲେ ଯେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ଆଡଭାନ୍ସଡ୍ ମ୍ୟାନୁଫାକ୍ଚରିଂ, କ୍ଲିନ୍ ଏନର୍ଜି ଏବଂ ଡିଜିଟାଲ୍ ଟେକ୍ନୋଲୋଜି ଯୁବବର୍ଗଙ୍କ ପାଇଁ ନୂଆ ନୂଆ ସୁଯୋଗ ସୃଷ୍ଟି କରୁଛି। ତେଣୁ ଏଭଳି ପରିବର୍ତ୍ତିତ ପରିବେଶରେ ଭବିଷ୍ୟତରେ ସଫଳ ହେବା ପାଇଁ ନୂଆ କଥା ଶିଖିବା, ନିଜକୁ ବଦଳାଇବା ଏବଂ ନୂତନ ଇନୋଭେସନ୍ କରିବାର ଦକ୍ଷତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ଶିଳ୍ପ ମନ୍ତ୍ରୀ ଭାବେ ନିଜର ଅନୁଭୂତିରୁ ସେ କହିଥିଲେ ଯେ, ଶିଳ୍ପାଞ୍ଚଳର ବିକାଶ ଏବଂ ଦକ୍ଷ ମାନବ ସମ୍ବଳ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ଅର୍ଥନୈତିକ ପ୍ରଗତି ପାଇଁ ଶିଳ୍ପ, ଭିତ୍ତିଭୂମି ଓ ପ୍ରଯୁକ୍ତିବିଦ୍ୟାରେ ପୁଞ୍ଜିନିବେଶ ଯେତିକି ଜରୁରୀ, ଗୋଟିଏ ସମୃଦ୍ଧ ଭବିଷ୍ୟତ ଗଢ଼ିବା ପାଇଁ ପ୍ରତିଭାବାନ୍, ଦକ୍ଷ ଓ ଉତ୍ସାହୀ ଯୁବବର୍ଗଙ୍କ ପଛରେ ନିବେଶ କରିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଶିଳ୍ପ ମନ୍ତ୍ରୀ ଯୁବ ପ୍ରତିନିଧିମାନଙ୍କୁ ଓଡ଼ିଶାର ଯୁବକଯୁବତୀଙ୍କ ସହ ବନ୍ଧୁତା ସ୍ଥାପନ କରିବା ସହ କାର୍ଯ୍ୟକ୍ରମ ସରିବା ପରେ ମଧ୍ୟ ସେହି ସମ୍ପର୍କ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ। ସେ ସେମାନଙ୍କୁ ନୂଆ କଥା ଶିଖିବାର ଆଗ୍ରହ ରଖିବା, ନୂତନ ଅନୁଭୂତିକୁ ଆପଣେଇବା ଏବଂ କେବଳ ସୁଯୋଗ ଖୋଜିବା ପରିବର୍ତ୍ତେ ନିଜେ ନୂଆ ସୁଯୋଗ ସୃଷ୍ଟି କରି ସଫଳ ଇନୋଭେଟର, ଉଦ୍ୟୋଗୀ ଓ ଜବ୍ କ୍ରିଏଟର ଭାବେ ଗଢ଼ି ଉଠିବାକୁ ଆହ୍ୱାନ ଦେଇଥିଲେ।

କୋଟିଆକୁ ନେଇ ଆନ୍ଧ୍ରର ଷଡ଼ଯନ୍ତ୍ର

■ ପଞ୍ଚାୟତ ନିର୍ବାଚନ କରିବାକୁ ମସୁଧା

■ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଦାବିକଲା ଓଡ଼ିଆ ଅସ୍ମିତା ପରିଷଦ

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ସୁପ୍ରିମ କୋର୍ଟର ସ୍ଥିତାବସ୍ଥା ବଜାୟ ରଖିବା ଆଦେଶ ସତ୍ତ୍ୱେ କୋଟିଆ ଅଞ୍ଚଳକୁ କଳେବଳେ ଦଖଲ କରିବାକୁ ଆନ୍ଧ୍ର ସରକାର ଗୋଟିଏ ପରେ ଗୋଟିଏ ଚାଲ୍ ଖେଳି ଚାଲିଛନ୍ତି। ଆନ୍ଧ୍ରର ଷଡ଼ଯନ୍ତ୍ରକୁ ପ୍ରତିହତ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ନିରବ ରହିବା ଓ ଓଡ଼ିଶା ସରକାର ନିଜର ଅଖଣ୍ଡତା ଓ ପ୍ରଶାସନିକ ଉଦାସୀନତା ପ୍ରକାଶ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ କରିଛି। ପରିଷଦର ଆବାହକ ରବି ବେହେରା ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏ ସଂକ୍ରାନ୍ତରେ ଏକ ଚିଠି ଲେଖି ଆନ୍ଧ୍ର ପ୍ରଦେଶର ଏହି ଷଡ଼ଯନ୍ତ୍ର ଉପରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଚିଠିର ଏକ ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଖକୁ ପଠାଇ ତୁରନ୍ତ ଏଥିରେ ତାଙ୍କର ହସ୍ତକ୍ଷେପ ଦାବି କରିଛନ୍ତି। ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ କୋଟିଆରେ ଆନ୍ଧ୍ର ସରକାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ପଞ୍ଚାୟତ ନିର୍ବାଚନ ପାଇଁ ସେଠାରେ ବିଜ୍ଞପ୍ତି ପ୍ରକାଶ ପାଇବ। କୋଟିଆର ତିନି ଗୋଟି ଗ୍ରାମ ଫଗୁସୀନେରୀ, ଗଞ୍ଜଇପଦର ଓ ଫାଟୁସୀନେରୀକୁ ନେଇ ପାର୍ବତୀପୁରମ ମାନ୍ୟମ ଜିଲ୍ଲାର ସାଲୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାଲୁର ବ୍ଲକର ତିନିଟି ପଞ୍ଚାୟତ କରି ସେଠାରେ ନିର୍ବାଚନ କରିବାକୁ ଆନ୍ଧ୍ର ଯୋଜନା କରୁଛି। ଏହି ଯୋଜନାକୁ ବିରୋଧ କରିବା ସହ ତୁରନ୍ତ ଏହା ଉପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ହସ୍ତକ୍ଷେପ ପାଇଁ ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯଦି ସରକାର ଏ ଦିଗରେ ସକ୍ରିୟତା ନ ଦେଖାଇ ଆନ୍ଧ୍ରର ନିର୍ବାଚନକୁ ଏହି ଅଞ୍ଚଳରେ ବାତିଲ ନ କରନ୍ତି, ତା'ହେଲେ ପରିଷଦ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିବ ବୋଲି ଶ୍ରୀ ବେହେରା କହିଛନ୍ତି। ରାଜ୍ୟର ସାଂସଦମାନେ ମଧ୍ୟ ଦଳମତ ଉର୍ଦ୍ଧ୍ୱକୁ ଯାଇ ଏ ସଂକ୍ରାନ୍ତରେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟି ଏହାର ସମାଧାନ କରିବାକୁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମ ନିଷେଧ ଆଇନ ବୈଠକ ଅନୁଷ୍ଠିତ

କଟକ,୧୬।୧୦ (ସଂଚାର ବ୍ୟୁରୋ): ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତକୁ ୨୦୨୯ ସୁଦ୍ଧା ଶିଶୁ ଶ୍ରମମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨ରୁ ୧୪ ନଭେମ୍ବର ପର୍ଯ୍ୟନ୍ତ ୪୪ଦିନିଆ ରାଜ୍ୟବ୍ୟାପୀ ସୂଚନା, ଶିକ୍ଷା ଓ ଯୋଗାଯୋଗଭିତ୍ତିକ ସଚେତନତା ଅଭିଯାନ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଅତିରିକ୍ତ ଜିଲ୍ଲାପାଳ କମଳଲୋଚନ ଦାସଙ୍କ ଅଧ୍ୟକ୍ଷତାରେ ଶିଶୁ ଓ କିଶୋର ଶ୍ରମ ନିଷେଧ ଆଇନ, ୧୯୮୬ ସଂକ୍ରାନ୍ତ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ବୈଠକ ଆୟୋଜିତ ହୋଇଛି। ବୈଠକରେ ଶିଶୁ ଶ୍ରମ ମୁକ୍ତ ଓଡିଶା ଗଠନ ପାଇଁ ଶପଥପାଠ କରାଯାଇଥିଲା। ଗ୍ରାମୀଣ ସ୍ତରରେ ଜନସାଧାରଣଙ୍କୁ ସଚେତନ କରିବା ସହ ଶିଶୁ ଶ୍ରମମୁକ୍ତ ଗ୍ରାମ ଗଠନ ଦିଗରେ ସମସ୍ତେ ନିଜ ନିଜ ସ୍ତରରେ ଦାୟିତ୍ୱବାନ ଭୂମିକା ନିର୍ବାହ କରିବାକୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଥିଲେ। ଶିଶୁମାନଙ୍କୁ ଶୋଷଣମୁକ୍ତ ପରିବେଶ ପ୍ରଦାନ କରିବା ଓ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବାକ ପ୍ରଶାସନ ସହ ସମସ୍ତ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନର ସକ

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ଶନିବାର ୧୭ ଅକ୍ଟୋବର ୨୦୨୬, ଭୁବନେଶ୍ୱର

Saturday 17 October 2026, Bhubaneswar

ତୁଷାରପାତ ପୂର୍ବରୁ ଅନୁପ୍ରବେଶ

ଶୀତ ଆସିବାର କିଛି ସପ୍ତାହ ଆଗରୁ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରୁ ଭାରତୀୟ ଜମ୍ମୁ ଓ କାଶ୍ମୀରକୁ ଆତଙ୍କବାଦୀଙ୍କ ଅନୁପ୍ରବେଶ ଚେଷ୍ଟା ବେଶି ବଢ଼ିଯାଇଛି। ଗୁପ୍ତଚର ସୂତ୍ର ଅନୁସାରେ ପିଓକେର ଲଞ୍ଚପ୍ୟାଡ୍‌ରେ ପ୍ରାୟ ୫୦୦ ଆତଙ୍କବାଦୀ ଅପେକ୍ଷା କରିଛନ୍ତି। ସେମାନେ ଲଶ୍କର-ଏ-ତୈୟବା, ଜଇଶ-ଏ-ମହମ୍ମଦ ଓ ହିଜବୁଲ ମୁଜାହିଦିନ ଭଳି ସଂଗଠନର। ପାକିସ୍ତାନୀ ସେନା ଓ ଆଇଏସଆଇ ସେମାନଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରି ଉଚ୍ଚ ପାହାଡ଼ିଆ ଗିଅର ଯୋଗାଇ ଦେଇଛନ୍ତି, ଯାହା ସିଆଚେନ ଭଳି ସ୍ଥାନରେ ବ୍ୟବହୃତ ହୁଏ। ଲକ୍ଷ୍ୟ ସ୍ପଷ୍ଟ - ଭାରୀ ତୁଷାରପାତ ଆଗରୁ କିମ୍ବା ତୁଷାର ମଧ୍ୟରେ ଭାରତୀୟ ଭୂଖଣ୍ଡରେ ପ୍ରବେଶ କରି ଶାନ୍ତି ଭଙ୍ଗ କରିବା।

ପ୍ରତି ବର୍ଷ ଶୀତ ଆଗରୁ ଏହି ଧରଣର ଚେଷ୍ଟା ଦେଖାଯାଏ। ପାହାଡ଼ିଆ ପଥ ବନ୍ଦ ହୋଇଗଲେ ଅନୁପ୍ରବେଶ କଷ୍ଟକର ହୋଇଯାଏ। ଏଥର କିନ୍ତୁ ପରିସ୍ଥିତି ଅଧିକ ଗମ୍ଭୀର। ପିଓକେରେ ଛଅରୁ ସାତଟି ଲଞ୍ଚପ୍ୟାଡ୍ ସକ୍ରିୟ କରାଯାଇଛି ଓ ଶତାଧିକ ଆତଙ୍କବାଦୀଙ୍କୁ ସାମନା ଶିବିରକୁ ନିଆଯାଇଛି। ରାଜୌରୀ-ପୁଞ୍ଚ ବେଲ୍ଟ ଓ କାଶ୍ମୀର ଉପତ୍ୟକା ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ସମ୍ପ୍ରତି ପୁଞ୍ଚର କୃଷ୍ଣାଘାଟୀ ସେକ୍ଟରରେ ଚାରି ଜଣ ଆତଙ୍କବାଦୀ, ଯେଉଁମାନଙ୍କ ମଧ୍ୟରେ ଜଣେ ବରିଷ୍ଠ ଲଶ୍କର କମାଣ୍ଡର ଥିଲେ, ବାରୁଦୀ ସୁରଙ୍ଗରେ ମୃତ୍ୟୁବରଣ କରିଛନ୍ତି। ଏହା ପ୍ରମାଣ କରେ ଯେ ସେମାନେ ସକ୍ରିୟ ଭାବରେ ଚେଷ୍ଟା କରୁଛନ୍ତି।

ଭାରତୀୟ ସୁରକ୍ଷା ବାହିନୀ କିନ୍ତୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଲାଇନ ଅଫ୍ କଣ୍ଟ୍ରୋଲ ଉପରେ ଭାରତୀୟ ସେନା ଉଚ୍ଚ ସତର୍କତାରେ ରହିଛି। ପେଟ୍ରୋଲିଂ ବଢ଼ାଯାଇଛି, ଡ୍ରୋନ୍, ଥର୍ମାଲ ଇମେଜର, ନାଇଟ ଭିଜନ ଡିଭାଇସ୍ ଓ ସେନ୍ସର ବ୍ୟବହାର କରାଯାଉଛି। ଗୁରୁତ୍ୱପୂର୍ଣ୍ଣ ପାସ୍‌ଗୁଡ଼ିକୁ ସିଲ୍ କରାଯାଉଛି ଓ ଫେନ୍ସିଙ୍ଗକୁ ମଜବୁତ କରାଯାଉଛି। କ୍ୱିକ ରିଆକ୍ସନ ଟିମ୍‌କୁ ଆହୁରି ଦ୍ରୁତ କରାଯାଇଛି। ଶୀତକାଳୀନ ଯୁଦ୍ଧ ପ୍ରଶିକ୍ଷଣ ପ୍ରାପ୍ତ ସୈନିକମାନେ ତୁଷାର ମଧ୍ୟରେ ମଧ୍ୟ ନିରନ୍ତର ନଜର ରଖିବେ। ଆଗରୁ ଅନେକ ବେଆଇନ ପ୍ରବେଶ ଚେଷ୍ଟା ବିଫଳ ହୋଇଛି କାରଣ ସୀମା ସୁରକ୍ଷା ଅତ୍ୟନ୍ତ କଠୋର।

ଏହି ସମଗ୍ର ପରିସ୍ଥିତି ପାକିସ୍ତାନର ଦ୍ୱିମୁଖୀ ନୀତିକୁ ଉଜାଗର କରେ। ଏକ ପଟେ କୂଟନୀତିକ ଆଲୋଚନା, ଅନ୍ୟ ପଟେ ଆତଙ୍କବାଦୀଙ୍କୁ ସମର୍ଥନ। ଭାରତ କିନ୍ତୁ ନିଜର ନୀତିରେ ଅଟଳ। ସୈନିକମାନେ ଦିନରାତି ଜାଗ୍ରତ ରହି ଦେଶର ସୁରକ୍ଷା କରୁଛନ୍ତି। ସେମାନଙ୍କ ତ୍ୟାଗ ଓ ସାହସ ପ୍ରଶଂସନୀୟ। ସ୍ଥାନୀୟ ଲୋକଙ୍କ ସହ ସହଯୋଗ ମଧ୍ୟ ବଢ଼ାଯାଉଛି ଯାହା ଗୁପ୍ତଚର ସୂଚନାକୁ ମଜବୁତ କରେ।

ଆମକୁ ମନେ ରଖିବାକୁ ହେବ ଯେ ଆତଙ୍କବାଦ କେବଳ ସୀମାର ସମସ୍ୟା ନୁହେଁ। ଏହା ଦେଶର ସାମଗ୍ରିକ ସୁରକ୍ଷା ଓ ଶାନ୍ତି ପାଇଁ ବିପଦ। ଭାରତୀୟ ସେନା ଓ ଅନ୍ୟ ସୁରକ୍ଷା ବାହିନୀ ସେମାନଙ୍କ କର୍ତ୍ତବ୍ୟରେ ଅଟଳ ରହିଛନ୍ତି। ସେମାନଙ୍କ ସତର୍କତା ଯୋଗୁଁ ଅନେକ ଚକ୍ରାନ୍ତ ବିଫଳ ହୋଇଛି। ଆମେ ସମସ୍ତେ ସେମାନଙ୍କ ପାଖରେ ରହିବା ଉଚିତ। ସରକାର ମଧ୍ୟ ଆବଶ୍ୟକ ସମସ୍ତ ପଦକ୍ଷେପ ନେଉଛନ୍ତି।

ଶେଷରେ କହିବାକୁ ହେବ ଯେ ପାକିସ୍ତାନ ଯଦି ଆତଙ୍କବାଦକୁ ତ୍ୟାଗ ନ କରେ ତେବେ ଭାରତ ନିଜର ସୁରକ୍ଷା ପାଇଁ ଯେ କୌଣସି ପଦକ୍ଷେପ ନେବାକୁ ପଛାଉନାହିଁ। ଭାରତୀୟ ସୈନିକମାନେ ସୀମାରେ ଦଣ୍ଡାୟମାନ ରହି ଦେଶକୁ ସୁରକ୍ଷିତ ରଖିଛନ୍ତି। ସେମାନଙ୍କ ଉପରେ ଆମର ପୂର୍ଣ୍ଣ ବିଶ୍ୱାସ। ଶୀତ ଯେତେ କଠିନ ହେଉ, ସୁରକ୍ଷା ଜାଲ ଆହୁରି ମଜବୁତ ରହିବ। ଆତଙ୍କବାଦୀଙ୍କ ଚକ୍ରାନ୍ତ ବିଫଳ ହେବ ଏବଂ ଭାରତର ଶାନ୍ତି ଅକ୍ଷୁଣ୍ଣ ରହିବ।

ମା' ଭୁଆସୁଣୀ

ଗଙ୍ଗାଧର ସାମଲ

ହଜାର ବର୍ଷର ସହର କଟକ। କଟକର ଦୁଇପଟେ ମହାନଦୀ ଓ କାଠଯୋଡ଼ି ପ୍ରବାହିତ। ପୂଣ୍ୟତୋୟା ମହାନଦୀ କୂଳରେ ରହିଛି ବିଡ଼ାନାସୀ ଜନବସତି ତେବେ ମହାନଦୀର ନଦୀଗର୍ଭସ୍ଥ ବାଲୁକା ପ୍ରାନ୍ତରରେ ମା'ଭୁଆସୁଣୀ ଠାକୁରାଣୀଙ୍କ ମନ୍ଦିର ରହିଛି। ତାହାର ପ୍ରମାଣସ୍ୱରୂପ ଅଚ୍ୟୁତାନନ୍ଦ ଦାସ (ନିରାକାର ଦାସ)ଙ୍କ ଲିଖିତ "ଅମର ଜୁମର' କାବ୍ୟରେ ମଧ୍ୟ ବକ୍ତବ୍ୟ ମିଳିଥାଏ। ଯଥା "ସିଦ୍ଧେଶ୍ୱରୀ ପାରେଶ୍ୱରୀ ବାହାରିବେ, ଗଙ୍ଗାଦେବୀଙ୍କ ସଙ୍ଗରେ। ଦେବଧାରରୁ ଯେ ବରୁଣାଇ ଯିବେ, କଳାସୁଣୀଙ୍କ ସଙ୍ଗରେ। ବିଡ଼ାନାସୀରୁ ଯେ ଭୁଆସୁଣୀ ଦେଈ, ବେଗେ ବାହାର ହୋଇବେ। ଅକ୍ତକୁଦରୁ ଜଗନ୍ନାଥ ଦଶ, ସଙ୍ଗେ ସଙ୍ଗେ ବାହାରିବେ।' ପୁଣି "କାଳିକା ବିରୋଜା ସଙ୍ଗେ ସଙ୍ଗେ ହୋଇଯିବେ, ଭଗବତୀ ସଙ୍ଗେ ନେଇ ନିଜ ଧାମେ ଥିବେ। ସମଲାଇ ଚାଚକାଈ ଭୁଆସୁଣୀ ଯିବ, କଟକର ଚଣ୍ଡୀ ସିନା କଟକେ ରହିବ।'

ମା'ଭୁଆସୁଣୀ କେବେ କାହିଁକି ସେଠାରେ ସ୍ଥାପିତ ହେଲେ ଏ ବିଷୟରେ ନାନା କିମ୍ବଦନ୍ତୀ ଶୁଣିବାକୁ ମିଳେ। ସେଥିରୁ ବିଶେଷ ଉଲ୍ଲେଖଯୋଗ୍ୟ ହେଉଛି "ନିତେଇ ଧୋବଣୀ, ପିତେଇ ସୌରୁଣୀ' କାହାଣୀ। ବର୍ତ୍ତମାନ ବିସ୍ତୃତ ବାଲୁକାମୟ

ପ୍ରାନ୍ତର ମଧ୍ୟରେ କାଠଯୋଡ଼ି ନଦୀ ଓ ମହାନଦୀର ସଙ୍ଗମ ସ୍ଥଳରେ ବିଦ୍ୟମାନ ମା'ଠାକୁରାଣୀ ସେହି ଆବହମାନ କାଳରୁ ଆଜି ପର୍ଯ୍ୟନ୍ତ ପ୍ରତିଷ୍ଠିତା।

ଯେଉଁ ଗଛ ମୂଳରେ ମା'ଠାକୁରାଣୀ ସେହି ଦିନରୁ ଅଟକି ଅଛନ୍ତି ସେ ଗଛ ବିରଳ। ସେ ଗଛର ନାମ କେହି ଜାଣନ୍ତି ନାହିଁ। ତାହାର ସ୍ୱତନ୍ତ୍ରତା ଅଛି। ତାହା ସାଧାରଣ ସାହାଡ଼ା, ବର ବା ତେନ୍ତୁଳି ଗଛ ନୁହେଁ। ନିକଟବର୍ତ୍ତୀ ଅଞ୍ଚଳମାନଙ୍କରେ ସନ୍ଧାନ ନେବାରେ ଜଣାଯାଇଛି ଯେ ଫୁଲନଖରା ନିକଟସ୍ଥ ତେଲେଙ୍ଗାପେଣ୍ଠ ପାଖରେ ଥିବା ଠାକୁରାଣୀ ସେହିଭଳି ଗଛ ନିକଟରେ ଅବସ୍ଥିତା। ପୁଣି ନୂଆପାଟଣା (ଚହଟାଘାଟ ଆରପାଖ)ରେ ଓ ଗୌଡ଼ଗଡ଼ା ପୋଲିସ ଷ୍ଟାଣ୍ଡ ମଧ୍ୟସ୍ଥ ଦେବୀ ମଣ୍ଡପ ଏହିଭଳି ଗଛ ନିକଟରେ ପ୍ରତିଷ୍ଠିତା। ମୋଟ ଉପରେ ଏହି ଗଛ ଅସାଧାରଣ ଓ ଲୋକେ କହନ୍ତି ଏହା ବହୁତ ଉପକାରୀ ଓ ଦରକାରୀ ଗଛ। ଅଧିକାଂଶ ଧବଳେଶ୍ୱର ଯାତ୍ରୀ ଏହି ମା'ଠାକୁରାଣୀଙ୍କ ବାଟ ଦେଇ ଯାଆସ କରନ୍ତି। ସେମାନଙ୍କ ପାଇଁ ଏ ପ୍ରତ୍ୟକ୍ଷ ଦେବୀ ମା'ବାଟମଙ୍ଗଳା ଶକ୍ତିଦାୟିନୀ ଅଟନ୍ତି। ଏହାଙ୍କ ମହିମା କହିଲେ ନ ସରେ। ଏପରିକି ଏହାଙ୍କ ମହିମା ଉପରୋକ୍ତ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ କୃତ ଅମର ଜୁମର ବା ଜୁମର ସଂହିତା (ରଚନାରେ କାଳ ନିରୂପିତ ହୋଇ ନାହିଁ)ରେ ବର୍ଣ୍ଣିତ ଅଛି। ପରମାରାଧ୍ୟା ଆଦ୍ୟାଶକ୍ତିଙ୍କ ସହିତ ଏହାଙ୍କର ସାମଞ୍ଜସ୍ୟ ଅଛି। ଦେବୀଙ୍କ ସ୍ତୁତି ହେଉଛି - "ପ୍ରଥମଂ ଶୈଳ ପୁତ୍ରୀତି ଦ୍ୱିତୀୟଂ ବ୍ରହ୍ମଚାରିଣୀ, ତୃତୀୟଂ ଚନ୍ଦ୍ର ଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍।। ପଞ୍ଚମସ୍କନ୍ଦମାତେତି ଷଷ୍ଠଂ କାତ୍ୟାୟିନୀ ତଥା, ସପ୍ତମ କାଳରାତ୍ରେତି ମହାଗୌରୀତି ଚାଷ୍ଟମମ୍।। ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗାଃ ପ୍ରକୀର୍ତ୍ତିତାଃ।।'

ମା'ଙ୍କର ବିଶେଷ ଯାନିଯାତ୍ରା ଭାବରେ କାର୍ତ୍ତିକ ପୂର୍ଣ୍ଣିମାରେ କୀର୍ତ୍ତନ, ପୂଜା ଓ ପ୍ରାର୍ଥନା ହୁଏ। ମା'ଙ୍କ ନିତ୍ୟ ପୂଜା ଅନୁଷ୍ଠିତ ହେବା ସହ ନବରାତ୍ର ସମୟରେ ନଅଦିନ ବ୍ୟାପି ମା'ଙ୍କର ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇଥାଏ। ମା'ଭୁଆସୁଣୀ ମହାଲକ୍ଷ୍ମୀ ସ୍ୱରୂପା ହୋଇଥିବାରୁ ତାଙ୍କ ପାଖରେ ବଳୀ ପ୍ରଥା ନାହିଁ। ମାନସିକ ଅନୁସାରେ ଭୁଆସୁଣୀଙ୍କ ନାମରେ ମେଳା, ଯତ୍ତାଳ ଏବଂ ଘୋଡ଼ାଲାଗି, ଶଙ୍ଖା ସିନ୍ଦୂର ଶାଢ଼ି ଇତ୍ୟାଦି ଲାଗି କରାଯାଏ। ମହାନଦୀ କୂଳରେ ଥିବା ଏହି ଅନାଲୋଚିତ ଶକ୍ତିପୀଠର ଆଖପାଖ ଅଞ୍ଚଳ ଅତ୍ୟନ୍ତ ମନଲୋଭା ଓ ଆଧାତ୍ମିକ ପର୍ଯ୍ୟଟନ ପାଇଁ ଦୂରଦୂରାନ୍ତରୁ ଅନେକ ଶ୍ରଦ୍ଧାଳୁଙ୍କ ଏହି ସ୍ଥାନକୁ ଆଗମନ ହୋଇଥାଏ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୩୨୮୯୪୮୬୪୩ / ୯୪୩୭୨୨୬୪୭
E-MAIL: GANGADHAR123SAMAL@GMAIL.COM

ରୂପଂ ଦେହି ଜୟମ୍ ଦେହି ୟଶୋ ଦେହି। ଦ୍ୱିଷୋ ଜହି...

ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଆଦିଶକ୍ତି ଜଗଦମ୍ବୀଙ୍କ ପରମକୃପା ଲାଭ କରିବା ନିମନ୍ତେ ଶାରଦୀୟ ନବରାତ୍ରିର ଦୁର୍ଗାଷ୍ଟମୀ ଏବଂ ମହାନବମୀ ପୂଜା ବିଶେଷ ମହତ୍ତ୍ୱ ରଖିଥାଏ। ଏହି ଦୁଇଦିନ କରାଯାଉଥିବା ପୂଜା କଲ୍ୟାଣକାରୀ ଶୁଭ ଏବଂ ମନୋବାଞ୍ଛିତ ଫଳଦାନକାରୀ ହୋଇଥାଏ। ଏହି ଦୁଇ ଦିନ ଦୁର୍ଗା ପୂଜା ଦ୍ୱାରା ଭକ୍ତର ଜୀବନରୁ ସମସ୍ତ କ୍ଳେଶ ଦୂର ହୋଇଥାଏ। ମାତାଙ୍କ ଉପାସନା ଦ୍ୱାରା ଗୃହସ୍ଥ ମନୁଷ୍ୟର ଜୀବନରେ ଧନ, ଐଶ୍ୱର୍ଯ୍ୟ, ପତ୍ନୀ, ପୁତ୍ର-ପୌତ୍ର ଏବଂ ସ୍ୱାସ୍ଥ୍ୟ ଆଦି ସମ୍ପତ୍ତି ଆସିଥାଏ। କେବଳ ସେତିକି ନୁହେଁ ଅଷ୍ଟମୀ ଏବଂ ନବମୀ ପୂଜାର ପୂଣ୍ୟ ବଳରେ ମନୁଷ୍ୟର ଜୀବନରୁ ରୋଗ, ମହାମାରୀ, ବନ୍ୟା, ଦୁର୍ଭିକ୍ଷ, ଶତ୍ରୁ ଭୟ ଭଳି ବିପଦ ଦୂର ହୋଇଥାଏ। ସେଥିପାଇଁ ଏହି ଦୁଇ ଦିନ ମା'ଦୁର୍ଗାଙ୍କ ଶ୍ରଦ୍ଧାର ସହକାରେ ଆରାଧନା କରିବା ଉଚିତ। ଏହି ପୂଜା କେବେ ନିଷ୍ଫଳ ହୁଏନାହିଁ। ଏହି ପୂଜା ସାଧକଙ୍କୁ ସମସ୍ତ ସିଦ୍ଧି ପ୍ରଦାନ କରିଥାଏ। ନବରାତ୍ରି ଶବ୍ଦ, ନଅଟି ଅହୋରାତ୍ରର ବୋଧ କରାଇଥାଏ। ଏହି ସମୟରେ ଦେବୀ ଶକ୍ତିଙ୍କ ନଅଟି ସ୍ୱରୂପକୁ ଆରାଧନା କରାଯାଇଥାଏ। ରାତ୍ରି ଶବ୍ଦର ଅର୍ଥ ସିଦ୍ଧିକୁ ବୁଝାଇଥାଏ। ଉପାସନା ଏବଂ ସିଦ୍ଧି ନିମନ୍ତେ ଦିନ ଠାରୁ ରାତ୍ରି ସମୟର ଅଧିକ ମହତ୍ତ୍ୱ ରହିଛି। ସେଥିପାଇଁ ଅଧିକାଂଶ ପର୍ବପର୍ବାଣୀ ରାତ୍ରିରେ ହିଁ ପାଳନ କରାଯାଇଥାଏ। ଏହି ପର୍ବରେ ବିଶେଷ ସିଦ୍ଧି ହାସଲ ହେଉଥିବାରୁ ନବରାତ୍ରିର ଅନେକ ମହତ୍ତ୍ୱ ରହିଛି। ମାତା ଶକ୍ତିଙ୍କୁ ଏହି ପବିତ୍ର ପୂଣ୍ୟମୟ ଅବସରରେ ଧ୍ୟାନ କରିବା ଉଚିତ। ନବରାତ୍ର ଆମ ଶରୀର ଏକ ଉପକା। ଆମ ଶରୀରରେ ନଅଟି ଦ୍ୱାର ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ଏହା ଭିତରେ ରହିଥିବା ଜୀବନୀ ଶକ୍ତିର ନାମ ଦୁର୍ଗା। ମନୁଷ୍ୟ ଶରୀରରେ ଥିବା ମୁଖ୍ୟ ଇନ୍ଦ୍ରିୟଗୁଡ଼ିକୁ ଅନୁଶାସନ, ସ୍ୱଚ୍ଛତା ଏବଂ ପାରସ୍ପରିକ ସାମଞ୍ଜସ୍ୟ ଆଣିବା ନିମନ୍ତେ ନବରାତ୍ର ପର୍ବ ଉତ୍ତମ ଅବସର ଆଣିଥାଏ। ଏହି ନଅ ଦିଅ ମନୁଷ୍ୟର ମନ ଏବଂ ଆତ୍ମା ଶୁଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। କାରଣ ଏହି ସମୟରେ ଦେବୀ ଦୁର୍ଗା ଭକ୍ତ ଉପରେ ନିଜର ଶୁଭ ଦୃଷ୍ଟି ରଖିଥାଆନ୍ତି।

ପିଲାଟିଏ ମା' ପାଖରେ ଅଳି କରେ। ବାପା ଅପେକ୍ଷା ମା' ପାଖରେ ସହଜରେ ସେ ନିଜର ସବୁ ସୁବିଧା ଅସୁବିଧା ଜଣାଇ ପାରେ। ଏଇଟା ଦରକାର, ସେଇଟା ମୋର ଦରକାର ବୋଲି ମନଖୋଲି କହିପାରେ। ମା'ମନରେ କୌଣସି ଆବିଳତା ନରଖି ତାକୁ ଆଦର କରେ, ପରାମର୍ଶ ଦିଏ। ନିଜ ସାଧ୍ୟମତେ ସନ୍ତାନକୁ ସବୁ ସୁଖସୁବିଧା ଯୋଗାଇ ଦେବାକୁ ଉଦ୍ୟମ କରେ। ପୁଣି ଆବଶ୍ୟକ ପଡ଼ିଲେ ନିଜ ପଣତକାନିରେ ତାକୁ ଘୋଡେଇ ପକାଇ ଶତ୍ରୁପକ୍ଷ ସାମ୍ନାରେ ନିଜକୁ ରଖେ। ରଣ

ହୁଙ୍କାର ଦିଏ ମୋତେ ସାମ୍ନା କର, ମୋ ପିଲାକୁ ନୁହେଁ। ଏପରିକି ମା'ପିଲା ପାଇଁ ମାନ ଅପମାନକୁ ବି ସହିପାରେ ତାର ଅମାପ ଧୈର୍ଯ୍ୟ ଶକ୍ତି ବଳରେ। କିନ୍ତୁ କେହି ଯଦି ତା'ର କିମ୍ବା ଅନ୍ୟର ନାରୀତ୍ୱ ପ୍ରତି ଲୋଲୁପ ଦୃଷ୍ଟି ପକାଏ ସେ ସନ୍ତାନ ହେଲେ ବି କ୍ଷମା ଦେଇପାରେ ନାହିଁ। ଦରକାର ପଡ଼ିଲେ ସେ ହୁଏ ରଣଚଣ୍ଡୀ।

ତାକୁ ନିପାତ କରିବାକୁ ବି ପଛାଇ ଯାଏନାହିଁ। ଏହା ହିଁ ତ ମହିଷାସୁର ବଧ ପଛର ମୂଳକଥା। ମହିଷାସୁରର ଅତ୍ୟାଚାରରେ ଜଗତ ତ୍ରାହି ତ୍ରାହି ଡାକୁଥିଲା। ଦେବତା ବି ଏଥିରୁ ବର୍ତ୍ତି ପାରିଲେ ନାହିଁ। ସେମାନଙ୍କୁ ଦାସାନୁଦାସ କରି ଆସ୍ପର୍ଦ୍ଧା ଦେଖାଇ ଚାଲିଥିଲା। ଏହି ଆସ୍ପର୍ଦ୍ଧା ତାର ସୀମା ଅତିକ୍ରମ କଲା। କ୍ଷମତା ତଥା ପରାକ୍ରମ ବଳରେ ସେ ନାରୀ ଭୋଗ ଆଡ଼କୁ ମୁହାଁଇଲା। ଯେଉଁ ଆସ୍ପର୍ଦ୍ଧାକୁ ସହ୍ୟ କରିନଥିଲେ ମା'ଦୁର୍ଗା। ନିଜେ ଓହ୍ଲାଇ ଆସିଲେ ଏହି କଳୁଷରୁ ଜଗତକୁ ଉଦ୍ଧାର କରିବା ପାଇଁ। ନିଜେ ଧାରଣ କଲେ ମୋହିନୀ ରୂପ। ଚଣ୍ଡୀଚାମୁଣ୍ଡାଙ୍କୁ ସଖୀ କରି ବିଚରଣ କଲେ ମହେନ୍ଦ୍ର ପର୍ବତରେ। ମହାମାୟୀଙ୍କ ମହାମାୟାରେ ଯେତେବେଳେ ସଚରାଚର ବଶୀଭୂତ, ସେତେବେଳେ ଛାର ମାତ୍ର ମହିଷାସୁର। ଦର୍ପୀ ମହିଷାସୁର ଖବର ପାଇଲା ଯେ କେହି ଜଣେ ଅତିବ ସୁନ୍ଦରୀ ନାରୀ ଆତଯାତ ହେଉଛନ୍ତି। ତାଙ୍କୁ ସାଦରେ ନିମନ୍ତ୍ରଣ କରି ଆଣିବା ପାଇଁ ନିଜର ସହଚରମାନଙ୍କୁ ପଠାଇଲା। ସହଚର ଚଣ୍ଡମୁଣ୍ଡ, ଶୁମ୍ଭନିଶୁମ୍ଭଙ୍କୁ ଦେବୀ ସାମାନ୍ୟତମ କୌଶଳ ପ୍ରୟୋଗ କରି ନିପାତ କଲେ। ସେହି ନାରୀ ଯେ ସାମାନ୍ୟ ନୁହେଁ, ଜାଣିପାରି ମଧ୍ୟ ମାୟାଗ୍ରସ୍ତ ମହିଷାସୁର ନିଜକୁ ଅଟକାଇ ପାରିଲାନି। ନିଜେ ଗଲା ଦେବୀଙ୍କ ନିକଟକୁ। ସର୍ବଶକ୍ତିର ସମାହାର ଦେବୀ ଦୁର୍ଗା। ନିଜର ମୋହିନୀ ଶକ୍ତି ପ୍ରୟୋଗ କରି ଆହୁରି ମୋହଗ୍ରସ୍ତ କରି ମହିଷାସୁରକୁ ପ୍ରଥମେ ଶକ୍ତିହୀନ କରିଦେଲେ। ଦୁର୍ବଳ ମହିଷାସୁର ଛାତିରେ ମା'ତ୍ରିଶୂଳ ଭେଦ କଲେ। ତାର ବଧ ସହିତ ଜଗତବାସୀ ଆଶ୍ୱସ୍ତ ହେଲେ। ଏହା ଆମକୁ ଚେତାଇ ଦିଏ ଯେ, ଅତିଶୟ କାମନା ଅତି ବଳବାନକୁ ବି ଶକ୍ତିହୀନ ବିବସ କରିପକାଇବାକୁ ଯଥେଷ୍ଟ। ଆଜିର ଭୋଗବାଦୀ ଦୁନିଆରେ ଅତିଶୟ କାମନାବାସନାର ରାଜତ୍ୱ। ଏହାର କବଳରେ ପଡ଼ି ନିଜର ହିତାହିତ ଜ୍ଞାନକୁ ଭୁଲି ଯାଉଛନ୍ତି ଅନେକେ। ଯେଉଁଥି ପାଇଁ ପାଶବିକ କାର୍ଯ୍ୟକଳାପ ବଢ଼ିଚାଲିଛି, ନାରୀ ନିର୍ଯାତିତ ହେଉଛି। ମାତୃଜାତିକୁ ଏଥିରୁ ରକ୍ଷା କରିବା ପାଇଁ ଆସନ୍ତୁ ଆମେ ମହାମାୟା ଦେବୀ ଦୁର୍ଗାଙ୍କୁ ସମର୍ପଣର ଭାବ ନେଇ ଆମନ୍ତ୍ରଣ କରିବା। ଏହି ଶାରଦୀୟ ପାର୍ବଣ ଅବସରରେ। ମା'ଙ୍କୁ ଆମେ ସନ୍ତାନଗଣ ପ୍ରାର୍ଥନା କରିବା ସବୁ ସୁଖସୁବିଧା ଦିଅନ୍ତୁ। ମାତ୍ର ଏସବୁ ଠିକ ଭାବେ ଉପଭୋଗ କରିବା ଲାଗି ବିବେକ ବି ଦିଅନ୍ତୁ। ଅନ୍ତରରେ କାମନାବାସନା ଧ୍ୱଂସ ସହ ବିବେକ ଉଦ୍ରେକ ନହେଲେ, ସବୁଥାଇ ମହିଷାସୁର ପାଲଟିବା ହିଁ ସାର ହେବ। ଯାହା ଆଜିର ଦୁନିଆରେ ଦେଖାଯାଉଛି। ଏଣୁ ମାତୃଚରଣରେ ବନ୍ଦନା କରି ଗାଇବା। ମହିଷାସୁର - ନିର୍ଣ୍ଣାଶୀ ଭକ୍ତାନାମ୍ ସୁଖଦେ ନମଃ, ରୂପଂ ଦେହି ଜୟମ୍ ଦେହି ୟଶୋ ଦେହି। ଦ୍ୱିଷୋ ଜହି।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩, E-MAIL : DRPRAFULLDAS007@GMAIL.COM

ପ୍ରଥମେ ମୁଁ, ଲାଭ କ'ଣ ? ଏହି ବିଚାର ପ୍ରାୟ ସମସ୍ତଙ୍କର !

ପଙ୍କଜ କୁମାର ପାଣିଗ୍ରାହୀ

ମଣିଷର ଷଡ଼ରିପୁ ମଧ୍ୟରୁ ଲୋଭ ଏକ ସାଙ୍ଘାତିକ ଚରିତ୍ର। କିଛି ପରିଶ୍ରମ ନକରି କ'ଣ ପାଇଗଲେ ତାହା ଆମର ଲାଭ ବୋଲି ବିଚାର ସୃଷ୍ଟି ହୋଇଥାଏ ମନରେ। ଭିତରେ ପ୍ରଥମ ସ୍ଥାନ ଅଧିଗ୍ରହଣ କଲେ ମନରେ ବଡ଼ ଆତ୍ମସନ୍ତୋଷ। ଲମ୍ବା ଧାଡିରେ କାହାକୁ ଧୋକାଦେଇ ଆଗୁଆ ହୋଇପାରିଲେ ନିଜକୁ ମହାନ ମନେ ହୁଏ।

ଏହି ଦୁଇଟି ବିଷୟରେ ଜିତିଗଲେ ନିଜକୁ ଜଣେ ଚତୁର ମଣିଷ ବୋଲି ଭାବନା କେବଳ ସୃଷ୍ଟି ହୁଏନାହିଁ, ବରଂ ବଡ଼ ବାହାଦୁରି ମାରି କହିବାକୁ ମଧ୍ୟ ଆଦୌ ପଶ୍ଚାତ୍‌ପଦ ନୁହେଁ। ଏହି ମାନସିକତା ସମ୍ପନ୍ନ ମଣିଷଙ୍କ ସଂଖ୍ୟା କେତେ କହିବା ଆବଶ୍ୟକ ନାହିଁ। ଯେତେ ଧନ, ମାନ, ଶିକ୍ଷା, ସାମାଜିକ ମର୍ଯ୍ୟାଦା ଥିଲେ ମଧ୍ୟ; ପ୍ରାୟତଃ ଅଧିକାଂଶ ଭାରତୀୟଙ୍କ କ୍ଷେତ୍ରରେ ଏହିଭଳି ମାନସିକତା ଦେଖିବାକୁ ମିଳେ। ଏମିତିକି କୋଟି କୋଟି ଟଙ୍କାର ସମ୍ପତ୍ତି ଥାଇ ମଧ୍ୟ ଗରିବଙ୍କ ଉଦ୍ଦେଶ୍ୟରେ ଦିଆଯାଉଥିବା ଅନୁଦାନ ଟିକେ ପାଇଗଲେ ଯେଉଁ ଆତ୍ମତୃପ୍ତି, କହିଲେ ନସରେ। ଅନ୍ନଛତ୍ର ସ୍ଥାନରେ ଅନେକ ଧନୀକ ଶ୍ରେଣୀର ଲୋକ ଯାଇ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ପଛାଇ ନଥା'ନ୍ତି। କେଉଁଠି ଦାନଛତ୍ର ଦିଆଗଲେ ଅଜ

ସମସ୍ତେ ସାମ୍ବାଦିକ ହେଲେ ଅସୁବିଧା

ସାମ୍ବାଦିକଙ୍କୁ ଆକ୍ରମଣ ନେଇ ସୁପ୍ରିମକୋର୍ଟଙ୍କ କ୍ଷୋଭ

ନୂଆଦିଲ୍ଲୀ,୧୬।୧୦: ସୁପ୍ରିମକୋର୍ଟ କହିଛନ୍ତି ଯେ ଅଭିବ୍ୟକ୍ତିର ସ୍ୱାଧୀନତା ଅଧିକାର ଅନୁଯାୟୀ, ସମସ୍ତେ ନିଜକୁ ସାମ୍ବାଦିକ ବୋଲି ଦାବି କରିପାରିବେ। ଡିଜିଟାଲ୍ ପ୍ଲାଟଫର୍ମରେ ସକ୍ରିୟ ଥିବା ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଏବଂ ଅନ୍ୟମାନଙ୍କ ମଧ୍ୟରେ ପାର୍ଥକ୍ୟ କରିବା ଏବଂ ପ୍ରକୃତ ସାମ୍ବାଦିକଙ୍କୁ ସୁରକ୍ଷା ଦେବା ଏକ ଚ୍ୟାଲେଞ୍ଜପୂର୍ଣ୍ଣ ଘଟଣା ହୋଇପଡୁଛି। ସୁପ୍ରିମକୋର୍ଟ ଦିଲ୍ଲୀରେ ଅକ୍ଟୋବର ୧୦-୧୧ ପ୍ରତିବାଦ ସମୟରେ ସାମ୍ବାଦିକଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର, ଆକ୍ରମଣ ଏବଂ ଅଟକ ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ବେଳେ ଗୁରୁବାର ଏହା କହିଛନ୍ତି।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମହିଳା ସାମ୍ବାଦିକଙ୍କ ଉପରେ ହୋଇଥିବା ଆକ୍ରମଣ ଅଭିଯୋଗକୁ ଗମ୍ଭୀର ବୋଲି ବର୍ଣ୍ଣନା କରିଛନ୍ତି। ବରିଷ୍ଠ ଓକିଲ ଇନ୍ଦିରା ଜୟସିଂ ଜଣେ ପୁରୁଷ ପୁଲିସ ଅଧିକାରୀଙ୍କ ଦ୍ୱାରା ଜଣେ ମହିଳା ସାମ୍ବାଦିକଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରସଙ୍ଗ ଉଠାଇ ପୀଡ଼ିତାଙ୍କ ଅଭିଯୋଗର ତଦନ୍ତ ପାଇଁ ପୂର୍ବତନ ମହିଳା ବିଚାରପତି ଏବଂ ପୂର୍ବତନ ଆଇପିଏସ୍ ଅଧିକାରୀଙ୍କ ଏକ କମିଟି ଗଠନ କରିବାକୁ ପରାମର୍ଶ ଦେଇଛନ୍ତି।

କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୁଲିସର ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେତାଙ୍କୁ ପ୍ରଶ୍ନରେ ଥିବା ମହିଳା ସାମ୍ବାଦିକଙ୍କ ବିରୁଦ୍ଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଖଣ୍ଡପୀଠ କହିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଶୁଣାଣି ଆବେଦନରେ ନାମିତ ପୀଡ଼ିତାଙ୍କ ପର୍ଯ୍ୟନ୍ତ ସୀମିତ ରହିବ। ତୁଷାର ମେହେତା କହିଛନ୍ତି ଯେ ମୋବାଇଲ୍ ଫୋନ୍ ଥିବା ଯେକୌଣସି ବ୍ୟକ୍ତି ନିଜକୁ ସାମ୍ବାଦିକ ବୋଲି ଦାବି କରିପାରିବେ ଏବଂ କିଛି ଲୋକ ସାମ୍ବାଦିକତା ନାମରେ ରିଲ୍ ତିଆରି କରନ୍ତି।

ଜୟସିଂ ପ୍ରତିବାଦ କରିଥିଲେ ଯେ ଜଣେ ସ୍ୱାଧୀନ ସାମ୍ବାଦିକ ଭାବରେ କାମ କରିବାର ଅଧିକାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କୋର୍ଟ ସାମ୍ବାଦିକ, ଓକିଲ ଓ ପ୍ରତିବାଦକାରୀଙ୍କ ଉପରେ ଆକ୍ରମଣ ଅଭିଯୋଗ ସମ୍ପର୍କିତ ଆବେଦନ ଉପରେ କେନ୍ଦ୍ରର ପ୍ରତିକ୍ରିୟା ଲୋଡିଥିଲେ। ଏହା ପୁଲିସ ଦ୍ୱାରା ଜବତ ହୋଇଥିବା କ୍ୟାମେରା ଉପକରଣ ଫେରସ୍ତ ଦାବିକୁ ମଧ୍ୟ ସମ୍ବୋଧିତ କରିଥିଲା।

ଏସ୍‌ଆଇଆର୍ ମାମଲା

ସଞ୍ଜୟ ରାଉତଙ୍କୁ ସ୍ପଷ୍ଟୀକରଣ ମାଗିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୧୬।୧୦: ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ କଥିତ ଅନିୟମିତତାକୁ ନେଇ ଦାଏର ଆବେଦନର ଶୁଣାଣି କରିବା ସମୟରେ ଶିବସେନା (ଉଦ୍ଧବ ବାଲାସାହେବ ଠାକରେ) ନେତା ସଞ୍ଜୟ ରାଉତଙ୍କ ଆଚରଣ ଉପରେ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ସୁପ୍ରିମ୍‌କୋର୍ଟ। ରାଉତ ନିଜ ଆଚରଣ ସମ୍ପର୍କରେ ଜବାବ ଦେବା ପରେ ହିଁ ତାଙ୍କ ପକ୍ଷରୁ ଦାଏର ଆବେଦନର ବିଚାର ଆଗକୁ ବଢ଼ିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହ କୋର୍ଟ ଏସ୍‌ଆଇଆର୍ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗର ତଦନ୍ତ ଦାବ କର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧୀ ନେତାମାନେ ଦାଏର କରିଥିବା ଆବେଦନ ଉପରେ ନିର୍ବାଚନ କମିସନଙ୍କୁ ନୋଟିସ୍ ଜାରି କରିଛନ୍ତି।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଗୁରୁବାର ଏହି ଆଦେଶ ଦେଇଛନ୍ତି। ଆବେଦନ ନମ୍ବର ଡବ୍ଲ୍ୟୁପି (ସି) ୧୩୫୧/୨୦୨୬ରେ ରାଉତ ଷଷ୍ଠ ଆବେଦନକାରୀ ଅଛନ୍ତି। ଖଣ୍ଡପୀଠ କହିଛନ୍ତି, ତାଙ୍କ ଆଚରଣ ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ସର୍ତ୍ତରେ ହିଁ ତାଙ୍କ ପକ୍ଷରୁ ଦାଏର ଆବେଦନକୁ ଅସ୍ଥାୟୀ ଭାବେ ବିଚାର ପାଇଁ ଗ୍ରହଣ କରାଯାଉଛି। ଏହା ପୂର୍ବରୁ ଅକ୍ଟୋବର ୧୨ରେ ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧୀ ନେତାମାନେ ନିର୍ବାଚନ କମିସନଙ୍କ ବିରୋଧରେ ଅଭିଯୋଗ ନେଇ ସୁପ୍ରିମ୍‌କୋର୍ଟ ଅଭିମୁଖେ ପଦଯାତ୍ରା କରିଥିଲେ। ଏହାକୁ ନେଇ ଗତ ଶୁଣାଣିରେ ଖଣ୍ଡପୀଠ କହିଥିଲେ ଯେ ନ୍ୟାୟପାଳିକା ଉପରେ କେହି ଚାପ ପକାଇପାରିବେ ନାହିଁ। ତେବେ ଜଣେ ଆବେଦନକାରୀଙ୍କ ଆଚରଣ ସମ୍ପର୍କରେ ପରବର୍ତ୍ତୀ ଶୁଣାଣିରେ ପ୍ରଶ୍ନ କରାଯିବ ବୋଲି ପ୍ରଧାନ ବିଚାରପତି କହିଥିଲେ। ସେତେବେଳେ ଖଣ୍ଡପୀଠ ସଂପୃକ୍ତ ବ୍ୟକ୍ତିଙ୍କ ନାମ ପ୍ରକାଶ କରିନଥିଲେ।

ତଲାକ୍-ଇ-ହସନ୍ ଓ ବହୁବିବାହକୁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୧୬।୧୦: ମୁସଲିମ୍ ପର୍ସନାଲ୍ ଲ' ଅଧୀନରେ ପ୍ରଚଳିତ 'ତଲାକ୍-ଇ-ହସନ୍' ଏବଂ ସମସ୍ତ ପ୍ରକାର ଏକପାଖିଆ ବିବାହ ବିଚ୍ଛେଦ ପ୍ରକ୍ରିୟା ପାଇଁ ସମାନ ଆଇନଗତ ସୁରକ୍ଷା ଓ ନିୟମାବଳୀ ଲାଗୁ କରିବାକୁ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଶୁକ୍ରବାର ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାଟିକୁ ପୂର୍ବରୁ ବିଚାରାଧୀନ ଥିବା ଏକ ସମାନ ଆବେଦନ ସହ ସାମିଲ୍ କରିଛନ୍ତି। ନୂତନ ଭାବେ ଦାଖଲ ହୋଇଥିବା ଏହି ଆବେଦନରେ 'ତଲାକ୍-ଇ-ହସନ୍' କୁ ବେଆଇନ ଓ ଅସାମ୍ବିଧାନିକ ଘୋଷଣା କରିବାକୁ ନିବେଦନ କରାଯାଇଛି। 'ତଲାକ୍-ଇ-ହସନ୍' ବ୍ୟବସ୍ଥାରେ ଜଣେ ମୁସଲିମ୍ ପୁରୁଷ ଲଗାତାର ତିନି ମାସ ଧରି ପ୍ରତି ମାସରେ ଥରେ ଲେଖାଏଁ 'ତଲାକ୍' ଶବ୍ଦ ଉଚ୍ଚାରଣ କରି ବିବାହ ବିଚ୍ଛେଦ କରିପାରନ୍ତି। ଯଦି ଏହି ତିନି ମାସ ମଧ୍ୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପୁନଃ ସମ୍ପର୍କ ସ୍ଥାପନ ନହୁଏ, ତେବେ ତୃତୀୟ ମାସରେ ବିବାହ ବିଚ୍ଛେଦ ଆଇନଗତ ରୂପ ନିଏ। ଆବେଦନକାରୀ ଦର୍ଶାଇଛନ୍ତି ଯେ, ଏଭଳି ସ୍ୱେଚ୍ଛାଚାରୀ ଛାଡ଼ପତ୍ର ପ୍ରଥା ଯୋଗୁଁ ଆକସ୍ମିକ ଭାବେ ବିଚ୍ଛେଦର ଶିକାର ହେଉଥିବା ମହିଳା ଓ ସେମାନଙ୍କ ସନ୍ତାନମାନଙ୍କ ପାଇଁ ସାମାଜିକ ଏବଂ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ଜରୁରୀ।

କେନ୍ଦ୍ର ସରକାରଙ୍କୁ ସୁପ୍ରିମ୍ କୋର୍ଟଙ୍କ ନୋଟିସ୍

ରୁଷ୍‌ରେ ୭ ତୀବ୍ରତାର ଭୂମିକମ୍ପ

ମସ୍କୋ,୧୬।୧୦: ରୁଷ୍ କାମଚାଟ୍‌କା ଉପଦ୍ୱୀପ ଅଞ୍ଚଳରେ ଶୁକ୍ରବାର ୭ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ୟୁରୋପୀୟ-ଭୂମଧ୍ୟସାଗରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଇଏମ୍‌ଏସ୍‌ସି) ଭୂକମ୍ପ ସମ୍ବନ୍ଧୀୟ ତଥ୍ୟ ଆଧାରରେ ଏହାକୁ ନିଶ୍ଚିତ କରିଛି। ଭାରତୀୟ ସମୟ ଅନୁସାରେ ସକାଳ ପ୍ରାୟ ୯ଟା ୫ ମିନିଟ୍‌ରେ ଏହି ଭୂକମ୍ପ ଘଟିଥିବା ଜଣାପଡ଼ିଛି। ପ୍ରାଥମିକ ତଥ୍ୟ ଅନୁଯାୟୀ, ଭୂପୃଷ୍ଠରୁ ପ୍ରାୟ ୧୪୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ର ରହିଥିଲା। ରୁଷ୍‌ର ଭିଲ୍ୟୁଚିନ୍‌ସ୍କ ସହରଠାରୁ ପ୍ରାୟ ୧୨୩ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଭୂକମ୍ପର କେନ୍ଦ୍ରସ୍ଥଳ ଥିବା ଆକଳନ କରାଯାଇଛି। ଭୂକମ୍ପ ପରେ ତୁରନ୍ତ ମୃତାହତ କିମ୍ବା ବ୍ୟାପକ କ୍ଷୟକ୍ଷତି ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ରୁଷ୍‌ର ପ୍ରଶାନ୍ତ ମହାସାଗର ଉପକୂଳରେ ଅବସ୍ଥିତ କାମଚାଟକା ଉପଦ୍ୱୀପ ଭୂକମ୍ପ ଦୃଷ୍ଟିରୁ ସକ୍ରିୟ ପ୍ରଶାନ୍ତ ମହାସାଗର ବଳୟର ଏକ ଅଂଶ, ଯେଉଁଠାରେ ଟେକ୍ଟୋନିକ୍ ପ୍ଲେଟ୍ ଗତି ପ୍ରାୟତଃ ଭୂମିକମ୍ପ ଓ ଜ୍ୱାଳାମୁଖୀ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରେ।

ମଣିପୁରରେ ନାଗା-କୁକି ସଂଘର୍ଷ

କାମଜୋଙ୍ଗରେ କୁକି ମହିଳାଙ୍କୁ ହତ୍ୟା

ଗୁଆହାଟୀ,୧୬।୧୦: ମଣିପୁରର କାମଜୋଙ୍ଗ ଜିଲ୍ଲାରେ ଗୁରୁବାର ସନ୍ଦିଗ୍ଧ ନାଗା ଉଗ୍ରବାଦୀଙ୍କ ଆକ୍ରମଣରେ ଜଣେ କୁକି-ଜୋ ମହିଳାଙ୍କ ମୃତ୍ୟୁ ହୋଇଛି ଓ ତାଙ୍କ ସ୍ୱାମୀ ଆହତ ହୋଇଛନ୍ତି, ରାଜ୍ୟରେ ଜାତିଗତ ହିଂସା ଜାରି ରହିଥିବାରୁ ସଂଖ୍ରଦାୟର ଅନ୍ୟ ଦୁଇଜଣ ନିଖୋଜ ଥିବା ରିପୋର୍ଟ ହୋଇଛି। ମୃତ ମହିଳା ହାଟନେକିମ୍ ହାଓକିପ୍ ମୋଲନୋଇ ଗାଁର ବାସିନ୍ଦା ଥିଲେ। ପ୍ରାଥମିକ ସୂଚନା ଅନୁଯାୟୀ, ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିବା ପାଇଁ ଏମାନେ ସମସ୍ତେ ଫାଇକୋହକୁ ଯାତ୍ରା କରୁଥିବା ବେଳେ ଫାଇକୋହ ଓ ଆଇଶୁ ମଧ୍ୟରେ ରାସ୍ତାରେ ସେମାନଙ୍କୁ ଆକ୍ରମଣ କରାଯାଇଥିଲା। ହାଟନେକିମଙ୍କ ସ୍ୱାମୀ ଆହତ ହୋଇଥିଲେ ଓ ସେମାନଙ୍କ ସହିତ ଥିବା ଅନ୍ୟ ଦୁଇ ଜଣ ସାଧାରଣ ନାଗରିକ ନିଖୋଜ ଅଛନ୍ତି। କୁକି-ନାଗା ସଂଘର୍ଷରେ ଏପର୍ଯ୍ୟନ୍ତ ୧୦ ଜଣ କୁକି ଜୋ ମହିଳାଙ୍କର ମୃତ୍ୟୁ ହେଲାଣି। ମୃତକଙ୍କ ମଧ୍ୟରେ ଦୁଇଜଣ ଗର୍ଭବତୀ ମହିଳା ଥିଲେ। ୨୦୨୩ ରୁ ୨୦୨୫ ପର୍ଯ୍ୟନ୍ତ ଚାଲିଥିବା କୁକି-ମୌତେଇ ସଂଘର୍ଷ ପରେ ଏହି ସଂଘର୍ଷ ଘଟିଥିଲା। ତିନୋଟି ଜିଲ୍ଲାରେ ନଅ ଜଣଙ୍କ ମୃତ୍ୟୁ ହେବାର ପାଞ୍ଚ ଦିନ ପରେ ଏହି ଆକ୍ରମଣ ହୋଇଛି। ଚଳିତ ବର୍ଷ ଫେବ୍ରୁଆରିରେ କୁକି-ନାଗା ସଂଘର୍ଷ ଆରମ୍ଭ ହେବା ପରଠାରୁ, ଅତି କମରେ ୨୨ ନାଗା ଓ ୩୨ କୁକି-ଜୋ ଲୋକଙ୍କ ମୃତ୍ୟୁ ଘଟିଛି। ବୁଧବାର ବିଳମ୍ବିତ ରାତିରେ ସୁରକ୍ଷା ବାହିନୀ କାଙ୍ଗପୋକପି ଜିଲ୍ଲାରେ ଜଣେ ନାଗା ଅଜିନବୋଉ ରିଙ୍ଗକାମାଇଙ୍କ କଟା ମୁଣ୍ଡ ପାଇଛନ୍ତି।

ୟେମେନ ରାଷ୍ଟ୍ରପତି ଭବନରେ କ୍ଷେପଣାସ୍ତ୍ର ମାଡ଼: ୫ ମୃତ, ୧୬ ଆହତ

ଆଡେନ୍ (ୟେମେନ),୧୬।୧୦: ୟେମେନର ଦକ୍ଷିଣ ବନ୍ଦର ସହର ଆଡେନ୍‌ସ୍ଥିତ ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ସରକାରଙ୍କ ମୁଖ୍ୟ କାର୍ଯ୍ୟାଳୟ ତଥା ରାଷ୍ଟ୍ରପତି ଭବନକୁ ଟାର୍ଗେଟ୍ କରି ହୁତି ବିଦ୍ରୋହୀମାନେ ଏକ ଭୟଙ୍କର କ୍ଷେପଣାସ୍ତ୍ର ଆକ୍ରମଣ କରିଛନ୍ତି। ଏହି ମର୍ମନ୍ତୁଦ ଆକ୍ରମଣରେ ୫ ଜଣ ପ୍ରାଣ ହରାଇଥିବାବେଳେ ୧୬ ଜଣ ଗୁରୁତର ଆହତ ହୋଇଛନ୍ତି। ୟେମେନ ସ୍ୱାସ୍ଥ୍ୟମନ୍ତ୍ରୀ କାସିମ ବୁହାବେଦ ଜଣାଇଛନ୍ତି ଯେ ନିହତ ଓ ଆହତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ସାଧାରଣ ବେସାମରିକ କର୍ମଚାରୀମାନେ ସାମିଲ ଅଛନ୍ତି। ଦେଶର ପ୍ରଧାନମନ୍ତ୍ରୀ ଶାୟା ଜିନ୍ଦାନି ଏହି କାଣ୍ଡକୁ କଡ଼ା ନିନ୍ଦା କରି ଏହାକୁ ଏକ କାପୁରୁଷୋଚିତ ଏବଂ ଅପରାଧିକ ଆଚରଣ ବୋଲି ଅଭିହିତ କରିଛନ୍ତି। ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ଏପରି କ୍ଷୁଦ୍ର ଆକ୍ରମଣ ଦ୍ୱାରା ସରକାରୀ ସେନା ଏବଂ ଲୌହିକ ଅଭିଯାନର ମନୋବଳ କେବେହେଁ ଦୁର୍ବଳ ହେବ ନାହିଁ। ସୂଚନାଯୋଗ୍ୟ ଯେ, ସୌଦି ଆରବ ନେତୃତ୍ୱାଧୀନ ମେଣ୍ଟ ୟେମେନ ସରକାରଙ୍କୁ ସମର୍ଥନ ଯାଗାଉଥିବାବେଳେ ଇରାନ-ସମର୍ଥିତ ହୁତି ବିଦ୍ରୋହୀଙ୍କ ବିରୋଧରେ ଲଗାତାର ସଂଘର୍ଷ ଜାରି ରହିଛି। ଏହି ଆକ୍ରମଣ ପୂର୍ବରୁ ହୁତିମାନେ ସୌଦି ଆରବର ମଦିନା ଅଞ୍ଚଳରେ କ୍ରୁଜ୍ ମିସାଇଲ୍ ଆକ୍ରମଣ କରିଥିବା ଅଭିଯୋଗକୁ ଖଣ୍ଡନ କରିଥିଲେ, ଯାହାକୁ ସୌଦି ସେନା ଆକାଶମାର୍ଗରେ ପ୍ରତିହତ କରିଥିଲା। କ୍ଷେପଣାସ୍ତ୍ର ଆକ୍ରମଣ ପରେ ୟେମେନରେ ପୁଣିଥରେ ଯୁଦ୍ଧର କଳାବାଦଲ ଘୋଟିଆସିଛି।

ଗରବାରୁ ଅଣହିନ୍ଦୁଙ୍କୁ ମଞ୍ଚ ଛାଡ଼ିବାକୁ ପରାମର୍ଶ

ଅହମଦାବାଦ,୧୬।୧୦: ନବରାତ୍ରି ମହୋତ୍ସବ ସମୟରେ ଅହମଦାବାଦରେ ଅଣହିନ୍ଦୁ ଓ ମୁସଲମାନଙ୍କୁ ଗରବା କାର୍ଯ୍ୟକ୍ରମ ଛାଡିବାକୁ କୁହାଯାଇବା ପରେ ବିବାଦ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ସହିତ ଜଡିତ ଗୁଜରାଟୀ ଲୋକ ଗାୟକ ଆଦିତ୍ୟ ଗାଢଭି ଘୋଷଣାରୁ ନିଜକୁ ଦୂରେଇ ରଖିଛନ୍ତି, କହିଛନ୍ତି ଯେ ବାର୍ତ୍ତା ତାଙ୍କର ନୁହେଁ।

ସାମାଜିକ ଗଣମାଧ୍ୟମରେ ଭାଇରାଲ ଏକ ଭିଡିଓରେ କାର୍ଯ୍ୟକ୍ରମର ଆଙ୍କର ଏବଂ ରେଡିଓ ଜକି (ଆରଜେ), ଆକାଶ ତ୍ରିବେଦୀ ବୁଧବାର ସହରର ଶେଲା ରୋଡସ୍ଥିତ ସାଓ୍ୱାନା ପାର୍ଟି ପ୍ଲଟରେ ଆୟୋଜିତ 'ରଙ୍ଗ ମୋର୍ଲା' କାର୍ଯ୍ୟକ୍ରମର ଅଣହିନ୍ଦୁଙ୍କୁ ମଞ୍ଚ ଛାଡିବାକୁ ଅନୁରୋଧ କରୁଥିବା ଶୁଣାଯାଉଛି। ଗାଢଭି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରୁଥିଲେ। ଭିଡିଓରେ ତ୍ରିବେଦୀଙ୍କୁ କହୁଥିବା ଶୁଣାଯାଉଛି, ଯେକୌଣସି ଅଣହିନ୍ଦୁ ଏବଂ ମୁସଲମାନଙ୍କୁ ସଭାସ୍ଥଳ ଛାଡିବାକୁ ଅନୁରୋଧ କରାଯାଉଛି। ସନାତନ ଧର୍ମକୁ ସୁରକ୍ଷା ଦେବା ପାଇଁ ବିଶ୍ୱ ହିନ୍ଦୁ ପରିଷଦ ଏଠାରେ ଅଛି।

ଗୁଜରାଟ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ମୁଖପାତ୍ର ହିତେନ୍ଦ୍ର ସିଂହ ରାଜପୁତ କହିଛନ୍ତି, ଏହା ରାଜ୍ୟରେ ଗରବା କାର୍ଯ୍ୟକ୍ରମ ସମୟରେ ବଜରଙ୍ଗ ଦଳର ସ୍ୱେଚ୍ଛାସେବକମାନଙ୍କ ଦ୍ୱାରା କରାଯାଉଥିବା ଏକ ନିୟମିତ କାର୍ଯ୍ୟକଳାପର ଅଂଶ। ବଜରଙ୍ଗ ଦଳର କର୍ମୀମାନେ ସାଧାରଣତଃ ଅହମଦାବାଦର ଗରବା କାର୍ଯ୍ୟକ୍ରମଗୁଡ଼ିକୁ ଯାଆନ୍ତି ଏବଂ ଆୟୋଜକମାନଙ୍କୁ ଭେଟି ଅଣହିନ୍ଦୁମାନଙ୍କୁ ସ୍ଥଳରେ ପ୍ରବେଶ କରିବାକୁ ବାରଣ କରିବାକୁ ଅନୁରୋଧ କରନ୍ତି।



ମୀରଟ ସର୍ପ ଦଂଶନ ଜନିତ ହତ୍ୟାକାଣ୍ଡ

ରବିତା-ଅମରଦୀପଙ୍କୁ ମୃତ୍ୟୁ ଦଣ୍ଡାଦେଶ

ମୀରଟ,୧୬।୧୦: ମୀରଟର ବହୁସୁମା ଅଞ୍ଚଳର ଆକବରପୁର ସଦତ ଗ୍ରାମର ବାସିନ୍ଦା ଅମିତ କଶ୍ୟପ ଓରଫ ମିକି କଶ୍ୟପଙ୍କ ହତ୍ୟା ମାମଲାରେ କୋର୍ଟ ତାଙ୍କ ପତ୍ନୀ ରବିତା ଓ ତାଙ୍କ ପ୍ରେମିକ ଅମରଦୀପଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଉଭୟ ପୂର୍ବରୁ ମୀରଟର କୁଖ୍ୟାତ ସର୍ପ ଦଂଶନ ହତ୍ୟା ମାମଲାରେ ହତ୍ୟା ଓ ପ୍ରମାଣ ନଷ୍ଟ କରିବା ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ (ଏଡିଜେ-୧୨) ଜୟବୀର ସିଂହ ନଗରଙ୍କ କୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ଅମିତଙ୍କ ମୃତ୍ୟୁକୁ ସର୍ପାଘାତ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରାଯାଇଥିଲା। ପ୍ରାରମ୍ଭରେ ପରିବାରକୁ କୁହାଯାଇଥିଲା ଯେ, ଅମିତଙ୍କ ମୃତ୍ୟୁ ସାପ କାମୁଡ଼ା ଯୋଗୁଁ ହୋଇଛି, କିନ୍ତୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ପୁଲିସ ତଦନ୍ତରେ ହତ୍ୟା ହୋଇଥିବା ଜଣାପଡ଼ିଥିଲା। ଏହି ମାମଲାରେ ସରକାରୀ ଓକିଲ ୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ।

ଦଣ୍ଡ ଘୋଷଣା କରିବା ପୂର୍ବରୁ, ବିଚାରପତି ମନୁସ୍ମୃତିକୁ ଉଦ୍ଧୃତ କରି କହିଥିଲେ ଯେ, ଅଧର୍ମର କେବେ ଧର୍ମ ଉପରେ ବିଜୟୀ ହୋଇପାରିବ ନାହିଁ। କୋର୍ଟଙ୍କ ମନ୍ତବ୍ୟ ସାବିତ୍ରୀଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲା, ଯିଏ ଯମରାଜଙ୍କ ସାମ୍ନା କରିଥିଲେ। ରାୟ ଘୋଷଣା ପରେ ଅମିତଙ୍କ ମାଆ ମୁନେଶ ଦେବୀ ଭାବପ୍ରବଣ ହୋଇଯାଇଥିଲେ।

ରାହୁଲ ଗାନ୍ଧି ଜନାଦେଶକୁ ସମ୍ମାନ ଦେବା ଉଚିତ: ରାଜନାଥ

ନୂଆଦିଲ୍ଲୀ,୧୬।୧୦: ଶାସନ ପରିବର୍ତ୍ତନ ନାରାକୁ ନିନ୍ଦା କରିବା ସହିତ ନିର୍ବାଚନ କମିସନ (ଇସି) ବିରୋଧରେ କଂଗ୍ରେସର ଆନ୍ଦୋଳନକୁ ବରିଷ୍ଠ ବିଜେପି ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ଦେଶରେ ଅରାଜକତା ସୃଷ୍ଟି କରି କ୍ଷମତା ଦଖଲ କରିବାକୁ ଷଡ଼ଯନ୍ତ୍ର କରୁଥିବା ସେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆରଇଆର୍)କୁ ରଦ୍ଦ ଓ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କଂଗ୍ରେସ କ୍ରମାଗତ ଭାବେ ବିରୋଧ ପ୍ରଦର୍ଶନ କରିଆସୁଛି। ଏହି ପ୍ରସଙ୍ଗରେ ରାଜନାଥ ସିଂହ କଂଗ୍ରେସର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରର ଅର୍ଥ ଅରାଜକତା ସୃଷ୍ଟି କରିବା ନୁହେଁ ବୋଲି ରାଜନାଥ କହିଛନ୍ତି। ରାଜନାଥ ଅଭିଯୋଗ କରିଛନ୍ତି ଯେ, ବିଶୃଙ୍ଖଳାର ରାଜନୀତିରେ ଦେଶର ଯୁବପିଢ଼ିଙ୍କୁ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ଚେଷ୍ଟା କରାଯାଉଛି। କେତେକ ବାଂଲାଦେଶର ଘଟଣାବଳୀ ଅନୁସାରେ ଶାସନ ପରିବର୍ତ୍ତନ ଚାହୁଁଛନ୍ତି, ସେମାନଙ୍କର ସଂଘର୍ଷ ନା ନିର୍ବାଚନୀ ସଂସ୍କାର ପାଇଁ, ନା ଦେଶର ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ, ବରଂ ଦେଶରେ ଅରାଜକତା ସୃଷ୍

● ମହିଳା ଓ ଶିଶୁ ବିକାଶ ପାଇଁ ସମୟବଦ୍ଧ କାର୍ଯ୍ୟଯୋଜନାକୁ ଗୁରୁତ୍ୱ

୪ ପ୍ରମୁଖ ବିଷୟବସ୍ତୁକୁ ନେଇ ହେବ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ରାଜ୍ୟର ଲକ୍ଷ୍ୟ ନିର୍ଦ୍ଧାରଣ ଓ ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ବିଭାଗୀୟ ଆକ୍ସନ୍ ପ୍ଲାନ୍ ସମ୍ପର୍କରେ ବିସ୍ତୃତ ଆଲେଚନା କରାଯାଇଛି। ଉଦ୍ଦିଷ୍ଟ ଲକ୍ଷ୍ୟଗୁଡ଼ିକର ସଫଳ ରୂପାୟନ, ଆନ୍ତଃବିଭାଗୀୟ ସମନ୍ୱୟ ବୃଦ୍ଧି ଓ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ଖୁବ୍‌ଶୀଘ୍ର ୪ଟି ପ୍ରମୁଖ ବିଷୟବସ୍ତୁକୁ ନେଇ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗତ ୮ ଓ ୯ ତାରିଖରେ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଜାତୀୟ ସମ୍ମିଳନୀର ନିଷ୍କର୍ଷ ଆଧାରରେ ଏହି ଲକ୍ଷ୍ୟଗୁଡ଼ିକ ସ୍ଥିର କରାଯାଇଛି। ସରକାରୀ ଯୋଜନାର ପ୍ରକୃତ ଲାଭ ଯେପରି ମହିଳା ଓ ଶିଶୁମାନଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ସୁଦୃଢ଼ ମନିଟରିଂ, ସମୟବଦ୍ଧ ଆକ୍ସନ୍ ପ୍ଲାନ୍ ଓ ଉତ୍ତରଦାୟୀ କାର୍ଯ୍ୟାନ୍ୱୟନ ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ତୃତୀୟ ରିପୋର୍ଟ ଦେଲା ଲିଙ୍ଗରାଜ ମନ୍ଦିର ସତ୍ତ୍ୱଲିପି କମିଟି

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ମହାପ୍ରଭୁ ଲିଙ୍ଗରାଜଙ୍କ ସତ୍ତ୍ୱଲିପି କମିଟି ପକ୍ଷରୁ ଆଜି ତୃତୀୟ ଅନ୍ତରୀଣ ରିପୋର୍ଟ ଆଇନ୍ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି। ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇଜଣିଆ କମିଟି ମନ୍ଦିରର ସେବା ପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ମରାମତି ସହ ବିଭିନ୍ନ ବିଷୟରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ସହ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହ ପୂର୍ବ କାଳରେ ହେଉଥିବା ମନ୍ଦିରର ନୀତିକାନ୍ତି, ସେବାପୂଜା ଓ ରକ୍ଷଣାବେକ୍ଷଣ ନେଇ ଥିବା ପରମ୍ପରା ବିଷୟରେ ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ରିପୋର୍ଟ ପ୍ରଦାନ ଅବସରରେ ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ହକି ଟିମ୍ ଆମ...

ମୁଖ୍ୟମନ୍ତ୍ରୀ ମହାନ କବି ସଚ୍ଚି ରାଉତରାୟଙ୍କ କବିତାକୁ ଉଦ୍ଧାର କରି କହିଥିଲେ ଯେ ପ୍ରତିଭାବାନ ବ୍ୟକ୍ତିମାନେ ଯେଉଁ ମାଟିରେ ଜନ୍ମ ନିଅନ୍ତି, ସେ ମାଟି ନିଶ୍ଚିତ ଭାବରେ ବିଶ୍ୱ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥାଏ। ଓଡ଼ିଶା ସରକାର ଜାତୀୟ ହକି ଦଳର ଅଫିସିଆଲ୍ ସ୍ପନ୍ସର୍ ଭାବେ ନିଜର ପ୍ରତିବଦ୍ଧତାକୁ ଆଗକୁ ମଧ୍ୟ ଜାରି ରଖିବେ। ୨୦୩୬ ଅଲିମ୍ପିକ୍ସ ଗେମ୍ସକୁ ଭାରତରେ କରିବା ପାଇଁ ପ୍ରସ୍ତାବ ରହିଛି। ଯଦି ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୁଏ, ତେବେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାରେ ନିଶ୍ଚିତ ଭାବରେ ହକି ଇଭେଣ୍ଟ ଆୟୋଜିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପୋଷଣ କରିଛନ୍ତି। ସଲିମା ଟେଟେ ଓ ହରମନପ୍ରୀତ ସିଂଙ୍କ ଅସାଧାରଣ ନେତୃତ୍ୱକୁ ସେ ବହୁତ ପ୍ରଶଂସା କରିଛନ୍ତି। ସଲିମା ଟେଟେ ସ୍ମାର୍ଟ ଏବଂ ଆଧୁନିକ ଷ୍ଟୋର୍ଟ୍ସ କ୍ୟାପ୍ଟେନ୍‌ସିର ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରି ନିଜର ଦଳକୁ ସଶକ୍ତ କରିଛନ୍ତି। ସେହିପରି କ୍ୟାପ୍ଟେନ୍ ହରମନପ୍ରୀତ ସିଂ ନିଜର ଦୃଢ଼ ସଂକଳ୍ପ ଦ୍ୱାରା ଦଳକୁ କ୍ରମାଗତ ଦ୍ୱିତୀୟ ଥର ଏସୀଆନ୍ ଗେମ୍ସ ଗୋଲ୍ଡ ମେଡାଲ ଦିଗକୁ ନେଇଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ନିଜେ ଏସିଆନ୍ ଗେମ୍ସର ପଦକ ବିଜେତାମାନଙ୍କୁ ନିଜ ବାସଭବନକୁ ନିମନ୍ତ୍ରଣ କରି ସେମାନଙ୍କ ହୋସଲା ବଢ଼ାଇଛନ୍ତି। 'ଖେଲୋ ଇଣ୍ଡିଆ' ମିଶନ ଦେଶର ପ୍ରତ୍ୟେକ କୋଣରୁ ଯୁବ ପ୍ରତିଭାମାନଙ୍କୁ ସମ୍ମୁଖକୁ ଆଣିବାରେ ଏକ ବଡ଼ ମାଧ୍ୟମ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ସରକାର କେବଳ ଭୁବନେଶ୍ୱରରେ କ୍ରୀଡ଼ା ଭିତ୍ତିଭୂମିକୁ ସୀମିତ ନ ରଖି ବ୍ଲକ୍ ସ୍ତରରେ ୪,୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଷ୍ଟାଡିଅମ ନିର୍ମାଣ କରୁଛନ୍ତି। ଗୋଠପାଟଣାରେ ନିର୍ମିତ ହେବାକୁ ଥିବା ୧,୦୦୦ କୋଟି ଟଙ୍କାର ଗ୍ଲୋବାଲ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ କଳିଙ୍ଗ ଷ୍ଟାଡିଅମରେ ଅନୁଷ୍ଠିତ ହେବାକୁ ଥିବା ୨୦୨୮ ୱାର୍ଲ୍ଡ ଇନ୍‌ଡୋର୍ ଆଥ୍‌ଲେଟିକ୍ସ ଚମ୍ପିଆନ୍‌ସିପ୍ ଓଡ଼ିଶାକୁ ବିଶ୍ୱର ପ୍ରମୁଖ ସ୍ପୋର୍ଟିଂ ହବ୍‌ରେ ପରିଣତ କରିବ। କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଓଡ଼ିଶାରେ ହକି କେବଳ ଗୋଟିଏ ଖେଳ ନୁହେଁ, ଏହା ହେଉଛି ଆମର ଆବେଗ ଏବଂ ଅସ୍ମିତାର ପ୍ରତୀକ। ଭାରତୀୟ ପୁରୁଷ ଓ ମହିଳା ଦଳ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ସମଗ୍ର ଦେଶ ତଥା ଓଡ଼ିଶା ମାଟିର ନାମ ବିଶ୍ୱ ଦରବାରରେ ମହିମାନ୍ୱିତ କରିଛନ୍ତି। ବିଶେଷକରି ଓଡ଼ିଆ ପୁଅ ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଏବଂ ସୁନାଟିଆ ସୁନେଲିତା ଟପ୍ପୋଙ୍କ ଆଶାତୀତ ପ୍ରଦର୍ଶନ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ହଜାର ହଜାର ଯୁବ କ୍ରୀଡ଼ାବିତ୍‌ଙ୍କୁ ସ୍ୱପ୍ନ ଦେଖିବାକୁ ଏବଂ ଆନ୍ତର୍ଜାତିକ ମଞ୍ଚରେ ନିଜକୁ ପ୍ରତିପାଦିତ କରିବାକୁ ଅପୂର୍ବ ପ୍ରେରଣା ଯୋଗାଇବ ବୋଲି ସେ ପ୍ରକାଶ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ହକି ଇଣ୍ଡିଆର ସଭାପତି ତଥା ପୂର୍ବତନ ରାଜ୍ୟସଭା ସାଂସଦ ଦିଲ୍ଲୀପ ଟିର୍କୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ବିଭାଗୀୟ ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

ସାମ୍ନାକୁ ଆସିଛି...

ରାହୁଲଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ସେ ବାରମ୍ବାର ଜନସାଧାରଣଙ୍କ ଜନାଦେଶକୁ ଅସମ୍ମାନ କରୁଛନ୍ତି। ଯେତେବେଳେ ନିର୍ବାଚନରେ ଇଚ୍ଛାନୁସାରେ ଫଳାଫଳ ନ ଆସେ, ସେତେବେଳେ କଂଗ୍ରେସ ଦଳ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକରେ ଅବିଶ୍ୱାସ ଜାତ କରିବାକୁ ଚେଷ୍ଟା କରେ। କଂଗ୍ରେସ ଦଳର ଉଦ୍ଦେଶ୍ୟ ରାଜନୈତିକ ଲାଭ ପାଇଁ ପ୍ରତିଦିନ ଜନସାଧାରଣଙ୍କୁ ହଇରାଣ କରିବା। ଏହି ମାନସିକତା ଅଧୀନରେ ଦେଶବାସୀଙ୍କ ଅଧିକାରକୁ ଦମନ କରାଯାଉଛି। ହାତରେ ସମ୍ବିଧାନ ଧରି ବୁଲୁଥିବା ରାହୁଲଙ୍କୁ ଜନତା ବାରମ୍ବାର ପ୍ରତ୍ୟାଖ୍ୟାନ କରିଆସିଛନ୍ତି। ଏହାସତ୍ତ୍ୱେ କ୍ଷମତା ଲୋଭରେ ସେ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ପ୍ରଶ୍ନ କରି ଜନାଦେଶର ଅପମାନ କରୁଛନ୍ତି ଓ ଗଣତନ୍ତ୍ରର ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛନ୍ତି। ଗଣତନ୍ତ୍ର ପ୍ରତି ରାହୁଲଙ୍କ ଘୃଣ୍ୟ ମନୋଭାବ ଅତ୍ୟନ୍ତ ଲଜ୍ଜାଜନକ ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

ପିଏମ୍ ସେତୁ...

ସେତୁ କାର୍ଯ୍ୟକ୍ରମର ଷଷ୍ଠ ଜାତୀୟ ଷ୍ଟିଅରିଂ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ସଚିବ ଦେବଶ୍ରୀ ମୁଖାର୍ଜୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଏହି ଯୋଜନା ପ୍ରଗତିର ସମୀକ୍ଷା କରାଯିବା ସହ ମହାରାଷ୍ଟ୍ର, ଓଡ଼ିଶା ଓ ଜମ୍ମୁ ଓ କାଶ୍ମୀରର ଆଇଟିଆଇ କ୍ଲଷ୍ଟରଗୁଡ଼ିକ ପାଇଁ ୧,୧୯୪.୯୨ କୋଟିର ୫ଟି ରଣନୀତିକ ପୁଞ୍ଜି ନିବେଶ ଯୋଜନାକୁ ଅନୁମୋଦନ କରାଯାଇଛି। ଅନୁମୋଦିତ ନିବେଶ ଯୋଜନାଗୁଡ଼ିକ ପିଏମ୍-ସେତୁ ଢାଞ୍ଚା ଅଧୀନରେ ରାଜ୍ୟ ସରକାର, ଶିଳ୍ପ ସହଭାଗୀ ଏବଂ ଅଂଶଗ୍ରହଣକାରୀ ଆଇଟିଆଇଗୁଡ଼ିକ ମଧ୍ୟରେ ସହଭାଗିତା ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ଭିତ୍ତିଭୂମିର ଆଧୁନିକୀକରଣ, ଉଦ୍ୟୋଗ-ଉପଯୋଗୀ ପାଠ୍ୟକ୍ରମର ପ୍ରବର୍ତ୍ତନ, ପ୍ରଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି, ଶିଳ୍ପ ସଂଯୋଗର ସୁଦୃଢ଼ୀକରଣ ଓ ଯୁବକଯୁବତୀମାନଙ୍କ ପାଇଁ ରୋଜଗାର କ୍ଷମତା ବୃଦ୍ଧି ଉପରେ ଧ୍ୟାନ ଦେବ।

ଦୀପ୍‌କେ ଓ ବୋରାଙ୍କୁ...

ବୋଲି ପ୍ରଶ୍ନ କରିଥିଲେ, ଯାହାର ଉତ୍ତର ପୁଲିସ୍ ନିକଟରେ ନ ଥିଲା। ଯଦି ଜାତୀୟ ପତାକା ଉଡ଼ାଇବା ଅପରାଧ, ତେବେ ମୋତେ ଫାଶୀରେ ଝୁଲାଇଦିଅ ବୋଲି ଦୀପ୍‌କେ ପୁଲିସକୁ ଆହ୍ୱାନ ଦେଇଥିଲେ। ଆଜି ସନ୍ଧ୍ୟାରେ ଛାତ୍ର ନେତ୍ରୀ ନେହା ବୋରା ମଧ୍ୟ କନ୍ସର୍ଟ୍ ପ୍ଲେସ୍ ଯିବାକୁ ଚେଷ୍ଟା କରୁଥିବା ସମୟରେ ପୁଲିସ ତାଙ୍କୁ ଅଟକ ରଖିଥିଲା। ଅନ୍ୟପକ୍ଷରେ ଏହି ସମଗ୍ର ପ୍ରତିବାଦ ପ୍ରଦର୍ଶନକୁ ନେଇ ଜରୁରୀକାଳୀନ ଶୁଣାଣି କରିବାକୁ ସୁପ୍ରିମ୍‌କୋର୍ଟ ମନା କରିଦେଇଛନ୍ତି। ଶୁଣାଣି ସମୟରେ କୋର୍ଟ ସମସ୍ତ ପକ୍ଷଙ୍କୁ ବୁଝି ବିଚାରି ପଦକ୍ଷେପ ନେବାକୁ ଆଶା ପ୍ରକାଶ କରିଛନ୍ତି। ତେବେ ସେଣ୍ଟ୍ରାଲ୍ ପାର୍କ ବନ୍ଦ ରହିବା କାରଣରୁ ସେଠାକାର ଛୋଟ ଦୋକାନୀ ଓ ରାସ୍ତାକଡ଼ ବ୍ୟବସାୟୀଙ୍କ ଦୈନନ୍ଦିନ ରୋଜଗାର ଓ ଜୀବିକା ପ୍ରଭାବିତ ହେଉଥିବା ପ୍ରସଙ୍ଗ କୋର୍ଟରେ ଉଠିଥିଲା। ଏହା ଉପରେ ମତ ଦେଇ ଜଷ୍ଟିସ୍ ବାଗଚୀଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ଯଦି ପ୍ରଶାସନିକ କଟକଣା ଯୋଗୁ ବ୍ୟବସାୟୀଙ୍କ ଆର୍ଥିକ କ୍ଷତି ହୁଏ, ତେବେ ଆବଶ୍ୟକ ସ୍ଥଳେ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ବିଚାର କରାଯାଇପାରିବ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ କିମ୍ବା ୨୭ରେ ହେବ ବୋଲି ସ୍ଥିର ହୋଇଛି।

ପାନୀୟ ଜଳ...

ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଡିଜାଇନ୍-ନିର୍ମାଣ-ପରିଚାଳନା ମାଧ୍ୟମରେ ଅତିକମରେ ୫ବର୍ଷ ପାଇଁ ଏହାର ସମ୍ପୂର୍ଣ୍ଣ ରକ୍ଷଣାବେକ୍ଷଣ କରାଯିବ। ସେହିପରି ଗ୍ରାମାଂଚଳରେ ଥିବା ୧୨୮ଟି ବୃହତ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ ଖର୍ଚ୍ଚ ହ୍ରାସ ଓ ବିନା ପ୍ରତିବନ୍ଧକରେ ଜଳ ଯୋଗାଣ ଜାରି ରଖିବା ପାଇଁ ୨୮୦ କୋଟି ଟଙ୍କା ବ୍ୟୟରେ ୬୪ ମେଗାୱାଟ କ୍ଷମତାର ଗ୍ରୀଡ୍ ସଂଯୁକ୍ତ ସୌରଶକ୍ତି ବ୍ୟବସ୍ଥା ସ୍ଥାପନ କରାଯିବ। ଜଳ ବିଶୋଧନାଗାର ପ୍ଲାଣ୍ଟର ଛାତ, ପାଚେରୀ ଅବା ଖାଲି ଜାଗାରେ ବସାଯିବାକୁ ଥିବା ଏହି ସୌର ପ୍ୟାନେଲ୍ ଦ୍ୱାରା ପଞ୍ଚଗୁଡ଼ିକ ସୁରୁଖୁରୁରେ ଚାଲିପାରିବ ଓ ୧୦ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଠିକା ସଂସ୍ଥା ଦ୍ୱାରା କରାଯିବ। ଆବଶ୍ୟକ ପଡ଼ିଲେ ଏହି ପ୍ରକଳ୍ପକୁ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରେଡ଼ା) ମାଧ୍ୟମରେ ମଧ୍ୟ କାର୍ଯ୍ୟକାରୀ କରାଯିବା ନେଇ ଯୋଜନା ହୋଇଛି। ଯେଉଁ ଗାଁରେ ଭୂତଳ ଜଳରେ ଲୌହକଣିକା ଅତ୍ୟଧିକ ରହିଛି ଓ ପିଇବା ପାଣି ଲାଲ୍ ଦିଶିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି, ସେଠାରେ ଲୁହା ମୁକ୍ତ ସ୍ୱଚ୍ଛ ପାଣି ଯୋଗାଇବା ପାଇଁ ୧୩୨.୫୦ କୋଟି ଟଙ୍କା ବ୍ୟୟରେ ୧୦୦୦ଟି ନୂଆ ଲୁହା ନିଷ୍କାସନ ପ୍ଲାଣ୍ଟ (ଆଇଆରପି) ବସାଯିବ। ବିଶେଷକରି ୫ପିପିଏମରୁ ଅଧିକ ଲୁହା ପ୍ରଭାବିତ ଅଂଚଳଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଚୟନ କରାଯାଇ ନଳକୂପ ବୋରୱେଲ୍ କିମ୍ବା ଉପର ଟାଙ୍କି ନିକଟରେ ଏହି ପ୍ଲାଣ୍ଟ ଲଗାଯିବ। ଫଳରେ ପାଇପ୍ ମଧ୍ୟକୁ କେବଳ ବିଶୁଦ୍ଧ ପାଣି ପ୍ରବେଶ କରିବ ଓ ପ୍ରତି ୟୁନିଟ୍ ପାଇଁ ୧୩.୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୫ବର୍ଷିଆ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରାଯିବ। ସେହିପରି ଦୂଷିତ ପାଣି ପିଇ ଲୋକେ ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ଜଳବାହିତ ରୋଗରେ ଆକ୍ରାନ୍ତର ଅଭିଯୋଗ ହେଉଛି। ତେଣୁ ସମସ୍ତ ୧୯୧୦୦ଟି ଏକକ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପରେ ୧୦୫.୦୬ କୋଟି ଟଙ୍କା ବ୍ୟୟବରାଦରେ ସ୍ୱୟଂଚାଳିତ ଇନ୍-ଲାଇନ୍ କ୍ଲୋରିନେସନ୍ ଉପକରଣ ଖଞ୍ଜାଯିବ। ଏହି ଯନ୍ତ୍ର ଦ୍ୱାରା ପ୍ରତ୍ୟେକ ବୁନ୍ଦା ପାଣି ଜୀବାଣୁମୁକ୍ତ ହୋଇ ଲୋକଙ୍କ ଘରକୁ ଯିବ, ଯାହାର ୟୁନିଟ୍ ପିଛା ଖର୍ଚ୍ଚ ୫୫ହଜାର ଟଙ୍କା ରହିବ ଓ ଏହା ଗ୍ରାମ ପଂଚାୟତ ତଥା ଗ୍ରାମ୍ୟ ଜଳ ପରିମଳ ସମିତି ଦ୍ୱାରା ପରିଚାଳିତ ହେବ।

ଛାତ୍ର ସଂସଦ...

ପଞ୍ଚାୟତ ନିର୍ବାଚନକୁ ଓହ୍ଲାଇବେ। ଛାତ୍ର ସଂସଦ ନିର୍ବାଚନ ଭଳି ଏଥର ପଞ୍ଚାୟତ ନିର୍ବାଚନରେ ବି ଯୁବଗୋଷ୍ଠୀ ପ୍ରମୁଖ ଭୂମିକା ଗ୍ରହଣ କରିବେ। ତେଣୁ ଏବେଠାରୁ ବିଧାୟକମାନେ ସତର୍କ ହେବା ଆରମ୍ଭ କରିଦେଲେଣି। ତେବେ ଚଳିତ ଛାତ୍ର ସଂସଦ ନିର୍ବାଚନରେ ଯେଭଳି ହିଂସାକାଣ୍ଡ ପରିଲକ୍ଷିତ ହେଲା ତାହା ପୂର୍ବରୁ କେବେ ହୋଇ ନ ଥିଲା। ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ହିଂସାକାଣ୍ଡ କେଉଁ ସ୍ତରକୁ ଯିବ ତାହାକୁ ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଲାଣି। କାରଣ ତ୍ରିସ୍ତରୀୟ ନିର୍ବାଚନରେ ବିଧାୟକମାନେ ଖୋଲାଖୋଲି ଭାବେ ନିଜର ଦଳବଳ ଧରି ମଇଦାନକୁ ଓହ୍ଲାଇବେ। ଛାତ୍ର ସଂସଦ ନିର୍ବାଚନରେ ଝଟ୍‌କା ଖାଇଥିବା ଅଧିକାଂଶ ବିଧାୟକ ପଞ୍ଚାୟତ ନିର୍ବାଚନରେ ନିଜର ଭାବମୂର୍ତ୍ତି ସୁଧାରିବା ପାଇଁ ଜୋରଦାର ଉଦ୍ୟମ କରିବାକୁ ଥିବାରୁ ହିଂସାକାଣ୍ଡ ଅଧିକ ହେବ ବୋଲି ଏବେଠାରୁ ଆଶଙ୍କା କରାଗଲାଣି।

ଜିଲ୍ଲାସ୍ତରୀୟ ନବମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

କଟକ, ୧୬।୧୦ (ସଂଚାର ବ୍ୟୁରୋ): 'ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ' ବାର୍ତ୍ତାକୁ ଆଧାର କରି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ନବମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ଏହି ଅବସରରେ ମାଆ ଓ ଶିଶୁର ଶାରୀରିକ ବିକାଶ, ମାନସିକ ସୁସ୍ଥତା, ଉତ୍ତମ ଖାଦ୍ୟପେୟ ଓ ଅଙ୍ଗନବାଡ଼ି କେନ୍ଦ୍ରର ସୁଦୃଢ଼ୀକରଣ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିଶୁମାନଙ୍କ ଉତ୍ତମ ପୁଷ୍ଟିସାଧନ, ଯତ୍ନ, ଶିକ୍ଷା ଓ ମସ୍ତିସ୍କର ପ୍ରାରମ୍ଭିକ ବିକାଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା। ଆୟୋଜିତ କାର୍ଯ୍ୟକ୍ରମରେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ମାଧ୍ୟମରେ ସ୍ଥାନୀୟ ଖାଦ୍ୟ ସାମଗ୍ରୀରୁ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି, ପରିବାରରେ ସୁସ୍ଥ ଖାଦ୍ୟାଭ୍ୟାସ ଏବଂ ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶ ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିସହିତ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଅନ୍ତର୍ଗତ ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ମିଳୁଥିବା ଆର୍ଥିକ ସହାୟତା, ମାତୃ ସ୍ୱାସ୍ଥ୍ୟର ସୁରକ୍ଷା ଏବଂ ଶିଶୁଙ୍କ ଉପଯୁକ୍ତ ପୁଷ୍ଟିସାଧନ ସମ୍ପର୍କରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଶିଶୁ ଭବନ, କଟକ ପୁଷ୍ଟି ପରାମର୍ଶଦାତା ଡାକ୍ତର ଲୀଳା ଲଲଚ୍ଛିକା ଦେବୀ ମାଆ ଓ ଶିଶୁଙ୍କ ପୁଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିନୋଦିନୀ ବେହେରାଙ୍କ ସମେତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ, ବ୍ଲକ୍ ପ୍ରୋଗ୍ରାମ୍ ସଂଯୋଜକ, ଅଙ୍ଗନବାଡ଼ି କର୍ମୀ ଓ ସମ୍ପୃକ୍ତ ବିଭା

ଅଶାନ୍ତ ହିଞ୍ଜିଳିକାଟୁ କଲେଜ କ୍ୟାମ୍ପସ

ଦୁଇ ଗୋଷ୍ଠୀ ମୁହାଁମୁହିଁ, ଶପଥ ଗ୍ରହଣ ଉତ୍ସବ ବନ୍ଦ

ହିଞ୍ଜିଳିକାଟୁ,୧୬।୧୦ (ସଂଚାର ବ୍ୟୁରୋ): ଶପଥ ଗ୍ରହଣ ପୂର୍ବରୁ ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟରେ ପୁଣି ଦେଖାଦେଇଛି ଛାତ୍ର ଅଶାନ୍ତି | ଗତକାଲି ବିଳମ୍ବିତ ରାତିରେ ଫଳାଫଳ ଘୋଷଣା ବିଳମ୍ବ ଓ ପକ୍ଷପାତିତାକୁ ନେଇ ବିସିଜେଡି ଅଭିଯୋଗ ଆଣି ହଟଗୋଳ କରିବା ସହ ଜାତୀୟ ରାଜପଥ ତିନି ଘଣ୍ଟା କାଳ ବନ୍ଦ ରହିଥିଲା | ସେହି ଘଟଣା ମନରୁ ନ ଲିଭୁଣୁ ଆଜି କଲେଜ ପରିସରରେ ଦେଖିବାକୁ ମିଳିଛି ପୁଣି ହିଂସା |

ଆଜି ଶପଥ ଗ୍ରହଣ ଉତ୍ସବକୁ ନେଇ ସ୍ଥାନୀୟ ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷଙ୍କ ଭିତରେ ଆଲୋଚନା ଚାଲିଥିବା ବେଳେ ବିସିଜେଡି ପକ୍ଷରୁ ସଭାପତିକୁ ବାଦ ଦେଇ ଅନ୍ୟ ସମସ୍ତ ପଦବୀ ନିର୍ବାଚନ ବିଜୟୀ ହୋଇଥିବାରୁ ଶପଥ ପାଠ କରିବାକୁ ଜଣାଇଥିଲେ। ଏବିଭିପିର ସଭାପତି ସୁକନ୍ୟା ପାତ୍ରଙ୍କୁ ଶପଥ ଗ୍ରହଣ କରିବାକୁ ସେମାନେ ବି ନିଜ ଜିଦରେ ଏବିଭିପି ଅଡ଼ି ବସିଥିଲେ। ଏଭଳି ସମୟରେ ସାମାନ୍ୟ ବଚସାରୁ ପାଟିତୁଣ୍ଡ ଓ ଅଣଛାତ୍ର ପ୍ରବେଶକୁ କେନ୍ଦ୍ର କରି ଛାତ୍ର ଓ ଉଭୟ ଗୋଷ୍ଠୀର ଅଣଛାତ୍ର ପ୍ରବେଶକୁ ବିଦ୍ୟାର୍ଥୀ ବିରୋଧ କରି ପୁଲିସ ଉପସ୍ଥିତିରେ ହାତାହାତି ହୋଇ ବିଜେପି ଯୁବ ନେତା ନାରାୟଣ ପାଢ଼ୀ ଆହତ ହୋଇଛନ୍ତି। ଆହତଙ୍କୁ ସଂଗେ ସଂଗେ ଚିକିତ୍ସା ପାଇଁ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ହିଞ୍ଜିଳି ପୁଲିସ ଘଟଣାସ୍ଥଳରୁ କିଛି ଜଣଙ୍କୁ ଥାନାକୁ ଉଠାଇ ନେଇଥିଲା। ଆସିକା ଏସ୍‌ଡ଼ିପିଓ ଏବଂ ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ତଦନ୍ତ ଜାରି ରଖିଛନ୍ତି |

ଛାତ୍ର ସଂସଦ ନିର୍ବାଚନ

ଦୁଇ ମହାବିଦ୍ୟାଳୟରେ ଛାତ୍ର ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ

ଫୁଲବାଣୀ,୧୬।୧୦ (ସଂଚାର ବ୍ୟୁରୋ): ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି। ଫୁଲବାଣୀର ଦୁଇ ମହାବିଦ୍ୟାଳୟରେ ଛାତ୍ର ବିଜେଡି ସମର୍ଥିତ ପ୍ରାର୍ଥୀମାନେ ବାଜିମାତ କରିଛନ୍ତି। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଭାପତି ପଦବୀ ପାଇଁ ସୁମିତ କୁମାର ବଡସେଠ ନିକଟତମ ସ୍ୱାଧୀନ ପ୍ରାର୍ଥୀ ଜଗନ୍ନାଥ ସାହୁଙ୍କୁ ପରାଜିତ କରି ବିଜୟୀ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ବିଜେଡି ସମର୍ଥିତ ଅଂଶୁମାନ ବିଶି ବିଜୟୀ ହୋଇଛନ୍ତି। ଉପସଭାପତି ଭାବେ ନୀହାର ରଞ୍ଜନ ସେଠୀ ଏବଂ ଯୁଗ୍ମ ସମ୍ପାଦକ ଭାବେ ଅଳକା ପ୍ରଧାନ ନିର୍ବାଚିତ ହୋଇଥିବା ମହାବିଦ୍ୟାଳୟ ସୂତ୍ରରୁ ପ୍ରକାଶ। ସେହିଭଳି, ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟର ମଧ୍ୟ ଛାତ୍ର ବିଜେଡି ସମର୍ଥିତ ପ୍ରାର୍ଥୀମାନେ ଛାତ୍ର ସଂସଦର ଚାରିଟି ଯାକ ପଦବୀରେ ବିଜୟ ହାସଲ କରିଛନ୍ତି। ଏଲ ନାରାୟଣୀ ରେଡ୍ଡୀ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସମୀକ୍ଷା ପ୍ରୟଦର୍ଶିନୀଙ୍କୁ ପରାସ୍ତ କରି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପସଭାପତି ପଦବୀରେ ରୋଶନୀ ମହାନନ୍ଦ, ସାଧାରଣ ସମ୍ପାଦକ ଭାବେ ସନ୍ଧ୍ୟାରାଣୀ ନାୟକ ଓ ଯୁଗ୍ମ ସମ୍ପାଦକ ଭାବେ ବୈଶାଖୀ କୁଦେଇ ବିଜୟୀ ହୋଇଥିବା ମହାବିଦ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଫଳାଫଳ ଘୋଷଣା ପରେ ବିଜେଡି ନେତା ମାନେ ପହଞ୍ଚି ବିଜୟୀ ପ୍ରାର୍ଥୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

ସଇଁତଳା ଓ ଦେଓଗାଁ କଲେଜରେ ବିଜେଡିର ବାଜିମାତ

ବିଜୟୀ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧିତ କଲେ ସୁରେନ୍ଦ୍ର ସିଂ ଭୋଇ

ସଇଁତଳା,୧୬।୧୦ (ସଂଚାର ବ୍ୟୁରୋ): ସଇଁତଳା ଓ ଦେଓଗାଁ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ସଫଳତା ହାସଲ କରିଛନ୍ତି। ଉଭୟ ମହାବିଦ୍ୟାଳୟର ନବନିର୍ବାଚିତ ଛାତ୍ର ପ୍ରତିନିଧିମାନେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ବାସଭବନରେ ପହଞ୍ଚି ତାଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ ଓ ସିମରନ ସିଂ ଭୋଇ ଉପସ୍ଥିତ ରହି ନବନିର୍ବାଚିତ ପ୍ରତିନିଧିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ବିଜୟ ପାଇଁ ଶୁଭେଚ୍ଛା ଜଣାଇଥିଲେ।

ସଇଁତଳା ପଞ୍ଚାୟତ ସମିତି ସରକାରୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ନାହାର କୁମାର ନନ୍ଦ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଶୁତିରାଣୀ ସାହୁ ଉପସଭାପତି, ସୋନାଲି ମୁନା ସାଧାରଣ ସମ୍ପାଦକ ଏବଂ କେ. ଯଶପାଲ ସିଂ ରାଣା ସହସମ୍ପାଦକ ଭାବେ ବିଜୟୀ ହୋଇଛନ୍ତି। ଅନ୍ୟ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ମାନିନୀ ପୃଷ୍ଟି କ୍ରୀଡ଼ା ସମ୍ପାଦିକା, ରାକେଶ ବେହେରା ନାଟ୍ୟ ସମ୍ପାଦକ ଏବଂ ମାମିନୀ ପଧାନ ସହନାଟ୍ୟ ସମ୍ପାଦିକା ଭାବେ ନିର୍ବାଚିତ ହୋଇଛନ୍ତି।

ସେହିପରି ଦେଓଗାଁ ମହାବିଦ୍ୟାଳୟରେ ମଧ୍ୟ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ବାଜିମାତ କରିଛନ୍ତି। ଏଠାରେ ଅଙ୍କିତ ସାହୁ ସଭାପତି, ଆଲୋକ ମହାକୁର ଉପସଭାପତି, ତ୍ରିନାଥ ସାହୁ ସମ୍ପାଦକ, ନିରଞ୍ଜନ ସାହୁ ସାଂସ୍କୃତିକ ବିଭାଗ ଏବଂ ଅକ୍ତର୍ଯ୍ୟାମୀ ଚନ୍ଦନ କ୍ରୀଡ଼ା ବିଭାଗରେ ବିଜୟୀ ହୋଇଛନ୍ତି। ନିର୍ବାଚନରେ ବିଜୟ ହାସଲ କରିବା ପରେ ସେମାନେ ମଧ୍ୟ ସୁରେନ୍ଦ୍ର ସିଂ ଭୋଇଙ୍କୁ ସାକ୍ଷାତ କରି ଆଶୀର୍ବାଦ ଗ୍ରହଣ କରିଥିଲେ।

ଇଡକୋ ତରଫରୁ ଜମି ପ୍ରଦାନ ଖବରକୁ ଖଣ୍ଡନ କଲେ କୃପାଳୁ ରାଇସ ଇଣ୍ଡଷ୍ଟ୍ରି ଗ୍ରୁପର ସ୍ୱତ୍ୱାଧିକାରୀ

କେ।ରେଇ,୧୬।୧୦ (ସଂଚାର ବ୍ୟୁରୋ): ପାଣିକୋଇଲି ନିକଟସ୍ଥ କୃପାଳୁ ରାଇସ ଇଣ୍ଡଷ୍ଟ୍ରି ପ୍ରା.ଲି, ହରେକୃଷ୍ଣ ରାଇସ ପ୍ରୋସେସିଂ ଆଣ୍ଡ ଏକ୍ସପୋର୍ଟ ସ୍ୱତ୍ୱାଧିକାରୀ ଅନିରୁଦ୍ଧ ଦାସଙ୍କୁ ଇଡକୋ ତରଫରୁ ଏକର ଏକର ଜମି ପ୍ରଦାନ ହୋଇଥିବା ନେଇ କିଛି ଉଡା ଖବରକୁ ସଂସ୍ଥା ପକ୍ଷରୁ ଦୃଢ଼ ଖଣ୍ଡନ କରାଯାଇଛି। ତେବେ ସଂସ୍ଥାନର ସ୍ୱତ୍ୱାଧିକାରୀ ଅନିରୁଦ୍ଧ ଦାସ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ସରକାରଙ୍କ ଠାରୁ ଅଦ୍ୟାବଧି ଗୋଟିଏ ଇଂଚ ଜାଗା ବି ନିଆଯାଇ ନାହିଁ। ସମସ୍ତ ଜମି ନିଜସ୍ୱ ଅଟେ। ଭୁଲ ତଥ୍ୟ ଉପରେ ଭ୍ରମିତ ନହେବାକୁ ସେ ଅନୁରୋଧ କରିଛନ୍ତି।

କଳାହାଣ୍ଡିରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଭବାନୀପାଟଣା,୧୬।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାରେ ଡାକ୍ତରଙ୍କ ଅଭାବ ଜିଲ୍ଲାର ସ୍ୱାସ୍ଥ୍ୟସେବାକୁ ପ୍ରଭାବିତ କରୁଥିବା ଅଭିଯୋଗ ହୋଇଛି। ଜିଲ୍ଲାରେ ମୋଟ ୬୦୬ଟି ଡାକ୍ତର ପଦବୀ ରହିଥିବା ବେଳେ ୩୮୭ଟି ପଦବୀ ଖାଲି ପଡ଼ିଥିବା ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ, ନିଯୁକ୍ତ ଡାକ୍ତରଙ୍କ ମଧ୍ୟରୁ ବହୁ ସଂଖ୍ୟକ ଉଚ୍ଚଶିକ୍ଷା ବା ପିଜି ପାଠ୍ୟକ୍ରମ ପାଇଁ ଯାଇଥିବାରୁ ରୋଗୀସେବା ଉପରେ ଅତିରିକ୍ତ ଚାପ ପଡୁଥିବା ଚର୍ଚ୍ଚା ହେଉଛି।

ପ୍ରାପ୍ତ ତଥ୍ୟ ଅନୁଯାୟୀ, ଜିଲ୍ଲାରେ ୬୦୬ଟି ଡାକ୍ତର ପଦବୀ ମଧ୍ୟରୁ ୨୧୯ ଜଣ ଡାକ୍ତର କାର୍ଯ୍ୟରତ ଥିବା ଉଲ୍ଲେଖ ରହିଛି। ତେବେ ଅନ୍ୟ ଏକ ତଥ୍ୟରେ ୨୮୭ ଜଣ ଡାକ୍ତର କାର୍ଯ୍ୟ କରୁଥିବା କୁହାଯାଇଛି। ସେଥିମଧ୍ୟରୁ ୭୭ ଜଣ ଡାକ୍ତର ପିଜି ପାଠ୍ୟକ୍ରମ ପାଇଁ ଛୁଟିରେ ଥିବା ଦର୍ଶାଯାଇଛି। ତେବେ ଡାକ୍ତରଙ୍କ ଅଭାବ ଯୋଗୁଁ ରୋଗୀମାନଙ୍କୁ ଚିକିତ୍ସା ପାଇଁ ଅପେକ୍ଷା କରିବାକୁ ପଡୁଥିବା ଏବଂ ସ୍ୱାସ୍ଥ୍ୟସେବାରେ ଚାପ ବଢୁଥିବା ନେଇ ଚିନ୍ତା ପ୍ରକାଶ ପାଇଛି।

ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୧୪୨ଟି ଡାକ୍ତର ପଦବୀ ରହିଥିବା ବେଳେ ମାତ୍ର ୫୬ ଜଣ ଡାକ୍ତର ଥିବା ତଥ୍ୟରେ ଉଲ୍ଲେଖ ରହିଛି। ସେମାନଙ୍କ ମଧ୍ୟରୁ ୨୦ ଜଣ ପିଜି ପାଠ୍ୟକ୍ରମ ପାଇଁ ଯାଇଥିବା ବେଳେ ୩ ଜଣ ଦୀର୍ଘ ସମୟ ଧରି ଛୁଟିରେ ଏବଂ ଆଉ ୩ ଜଣ ଡେପୁଟେସନରେ ଥିବା କୁହାଯାଇଛି। ଏହି ସ୍ଥିତିରେ ଡାକ୍ତରଖାନାରେ ରୋଗୀସେବା ପରିଚାଳନା କିପରି ହେଉଛି, ତାହା ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହୋଇଛି।

ଗତ ଜାନୁଆରୀ ମାସରେ ୩୫ ଜଣ ନୂଆ ଡାକ୍ତର କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯ ଜଣ ପିଜି ପାଠ୍ୟକ୍ରମ ପାଇଁ ଛୁଟିରେ ଯିବାକୁ ଥିବା ସୂଚନା ମିଳିଛି। ବର୍ତ୍ତମାନ ୨୬ ଜଣ ନୂଆ ଡାକ୍ତର ରହିଥିବା ଉଲ୍ଲେଖ ହୋଇଛି। ଆଗକୁ ଆହୁରି କେତେକ ଡାକ୍ତର ଉଚ୍ଚଶିକ୍ଷା ପାଇଁ ଯାଇପାରନ୍ତି ବୋଲି ଆଶଙ୍କା ରହିଛି। ଏହାଦ୍ୱାରା ଡାକ୍ତର ଅଭାବର ସମସ୍ୟା ଆହୁରି ଗମ୍ଭୀର ହେବାର ସମ୍ଭାବନା ରହିଛି।

କଳାହାଣ୍ଡିର ସହିଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜରେ ମଧ୍ୟ ଅଧ୍ୟାପକ ଓ ଚିକିତ୍ସକ ପଦବୀ ଖାଲି ରହିଥିବା ତଥ୍ୟରୁ ଜଣାପଡ଼ିଛି।

ଉପଲବ୍ଧ ତଥ୍ୟ ଅନୁଯାୟୀ, ୨୧ଟି ପ୍ରଫେସର ପଦବୀ ମଧ୍ୟରୁ ୧୦ଟି ଖାଲି ରହିଛି। ସେହିପରି ୨୭ଟି ଆସୋସିଏଟ୍ ପ୍ରଫେସର ପଦବୀ ମଧ୍ୟରୁ ୧୦ଟି ଏବଂ ୪୭ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ମଧ୍ୟରୁ ୪ଟି ଖାଲି ଥିବା କୁହାଯାଇଛି। ୬୫ଟି ସିନିୟର ରେସିଡେଣ୍ଟ ଓ ଟ୍ୟୁଟର ପଦବୀ ମଧ୍ୟରୁ ୧୭ଟି ଖାଲି ପଡ଼ିଥିବା ତଥ୍ୟରେ ଦର୍ଶାଯାଇଛି।

ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମେଡିକାଲ କଲେଜର କେତେକ ଡାକ୍ତର ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ଅସହଯୋଗମୂଳକ ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଛି। ଏହାସହ ରାତିରେ ଜରୁରୀ ଡାକରା ସତ୍ତ୍ୱେ କେତେକ ଡାକ୍ତର ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚୁନଥିବା ଅଭିଯୋଗ ମଧ୍ୟ ରହିଛି।

ଜିଲ୍ଲାରେ ଖାଲିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ କରିବା, ମେଡିକାଲ କଲେଜରେ ଆବଶ୍ୟକ ଅଧ୍ୟାପକ ଓ ଚିକିତ୍ସକ ନିଯୁକ୍ତି, ଜରୁରୀକାଳୀନ ସେବାରେ ଡାକ୍ତରଙ୍କ ଉପଲବ୍ଧତା ଏବଂ ରୋଗୀଙ୍କ ପ୍ରତି ଉତ୍ତମ ବ୍ୟବହାର ସୁନିଶ୍ଚିତ କରିବାକୁ ଦାବି ହେଉଛି।

୬୦୬ ଡାକ୍ତର ପଦବୀରୁ ୩୮୭ ଖାଲି

ଉଚ୍ଚଶିକ୍ଷା ପାଇଁ ଯାଇଛନ୍ତି ୭୭ ଡାକ୍ତର

୧୫ ବର୍ଷରେ ପାଦ ଦେଲା ସୋଆ କମ୍ୟୁନିଟି ରେଡିଓ

ଭୁବନେଶ୍ୱର, ୧୬।୧୦ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ୧୫ ବର୍ଷରେ ପାଦ ଥାପିଛି। ଗୁରୁବାର ରେଡ଼ିଓ ଷ୍ଟେସନ୍ ପରିସରରେ ଏହାର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ୧୪ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ସମାଜ ପ୍ରତି ସଚେତନତା, ଶୈକ୍ଷିକ ଓ ସୂଚନା ପ୍ରଦାନକାରୀ ମାଧ୍ୟମ ଭାବେ କାର୍ଯ୍ୟଧାରାକୁ ଜାରି ରଖିବା ନେଇ ସୋଆ ରେଡ଼ିଓ ପକ୍ଷରୁ କୁହାଯାଇଛି।

କାର୍ଯ୍ୟକ୍ରମରେ ସୋଆର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ ଯୋଗ ଦେଇ ରେଡ଼ିଓର କାର୍ଯ୍ୟଧାରାକୁ ନେଇ ଏହାର ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଓଡ଼ିଶା କମ୍ୟୁନିଟି ରେଡ଼ିଓ ଆସୋସିଏସନ୍‌ର ସଭାପତି ଡକ୍ଟର ଶିଶିର ଦାସ ଯୋଗ ଦେଇ ଯୁବ ସମାଜକୁ ସଚେତନ କରାଇବା ଦିଗରେ ସୋଆ ରେଡ଼ିଓ ପ୍ରମୁଖ ଭୂମିକା ନେଉଛି ବୋଲି କହିଥିଲେ।

ସୋଆ ରେଡ଼ିଓକୁ ଆହୁରି ଦାୟିତ୍ୱ ସମ୍ପନ୍ନ ଓ ସଚେତନାମୂଳକ କରାଇବା ଦିଗରେ କାର୍ଯ୍ୟଧାରା ଜାରି ରହିବ ବୋଲି କାର୍ଯ୍ୟକ୍ରମ ଅବସରରେ ସୋଆ କମ୍ୟୁନିଟି ରେଡ଼ିଓର ଇନ୍‌ଚାର୍ଜ ଶ୍ରୀମତି ହନି ପଟ୍ଟନାୟକ କହିଥିଲେ।

କାର୍ଯ୍ୟକ୍ରମରେ ସୋଆର ପ୍ରଫେସର ମଧୁବ୍ରତା ମହାନ୍ତି, କମ୍ୟୁନିଟି ରେଡ଼ିଓର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଭଙ୍ଗାରୁଜା ଘଟଣା

ଅଭିଯୁକ୍ତ ଗିରଫ ନହେଲେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି

ସତ୍ୟବାଦୀ,୧୬।୧୦ (ସଂଚାର ବ୍ୟୁରୋ): ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଭଙ୍ଗାରୁଜା ଘଟଣାକୁ ନେଇ ଅଞ୍ଚଳରେ ରାଜନୈତିକ ଉତ୍ତପ୍ତତା ଥମିବାର ନାଁ ନେଉନାହିଁ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ବିଜେଡି ପକ୍ଷରୁ ବ୍ଲକ ପରିସରରେ ଚାଲିଥିବା ଅହୋରାତ୍ର ଧାରଣା ଆଜି ତୃତୀୟ ଦିନରେ ପହଞ୍ଚିଛି। ପୂଜା ଛୁଟି ପରେ ଆସନ୍ତା ଗୁରୁବାର ସୁଦ୍ଧା ଯଦି ପୋଲିସ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ, ତେବେ ଦଳ ରାଜରାସ୍ତାକୁ ଓହ୍ଲାଇ ବ୍ୟାପକ ଆନ୍ଦୋଳନ କରିବ ବୋଲି ବିଜେଡି ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି।

ଏହି ଆନ୍ଦୋଳନ ଯୋଗୁଁ ବନ୍ଦ ରହିଥିବା ବିଡିଓଙ୍କ କାର୍ଯ୍ୟାଳୟ ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କ ହସ୍ତକ୍ଷେପ ତଥା ଆଲୋଚନା ପରେ ପୁନର୍ବାର ଖୋଲାଯାଇଛି। ତେବେ ଅଭିଯୁକ୍ତମାନେ ଗିରଫ ନହେବା ପର୍ଯ୍ୟନ୍ତ ଏହି ପ୍ରତିବାଦ ଜାରି ରହିବ ବୋଲି ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ପ୍ରକାଶ କରିବା ସହ ପୋଲିସର କାର୍ଯ୍ୟାନୁଷ୍ଠାନ ଶୈଳୀ ଉପରେ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

ଅନ୍ୟପକ୍ଷରେ, ଘଟଣା ଦିନ ଉତ୍ତେଜିତ ହୋଇ ସ୍ଥାନୀୟ ବିଧାୟକ ଓମପ୍ରକାଶ ମିଶ୍ରଙ୍କ ପ୍ରତି ଅଶାଳୀନ ଭାଷା ପ୍ରୟୋଗ କରିଥିବା ନେଇ ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ ଗଣମାଧ୍ୟମ ଆଗରେ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହିତ ବିଜେପି ଶାସନରେ ରାଜ୍ୟରେ ଅରାଜକତା ଚରମ ସୀମାରେ ପହଞ୍ଚିଛି ବୋଲି ସେ ଅଭିଯୋଗ ଆଣିବା ସହ କଲେଜ ନିର୍ବାଚନରେ ସରକାରୀ କଳର ଅପବ୍ୟବହାର କରି ବିରୋଧୀ ପ୍ରାର୍ଥୀଙ୍କ ନାମାଙ୍କନ ରଦ୍ଦ କରାଯାଉଥିବା ନେଇ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ସେପଟେ ଉମାକାନ୍ତ ସାମନ୍ତରାୟଙ୍କ ଗିରଫଦାରୀ ଦାବିରେ ବିଜେପି ପକ୍ଷରୁ ସତ୍ୟବାଦୀ ଥାନା ସମ୍ମୁଖରେ ଚାଲିଥିବା ପ୍ରତିବାଦ ଧାରଣା ମଧ୍ୟ ଅବ୍ୟାହତ ରହିଛି।

ଗୋଟିଏ ପଟେ ବ୍ଲକ ପରିସରରେ ବିଜେଡିର ବିକ୍ଷୋଭ ଏବଂ ଅନ୍ୟପଟେ ଥାନା ଆଗରେ ବିଜେପିର ଧାରଣା ଯୋଗୁଁ ସମଗ୍ର ସତ୍ୟବାଦୀରେ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି।

୩୩ ଗ୍ରାମରେ କୃଷି ଯାନ୍ତ୍ରିକୀକରଣକୁ ବେଦାନ୍ତର ପ୍ରୋତ୍ସାହନ

ଭୁବନେଶ୍ୱର,୧୬।୧୦ (ସଂଚାର ବ୍ୟୁରୋ): ସ୍ଥାୟୀ ଗ୍ରାମୀଣ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରି ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ପ୍ରକଳ୍ପ ସଙ୍ଗମ ଅଧୀନରେ କଳାହାଣ୍ଡି ଜିଲ୍ଲାର ୩୩ଟି ଗ୍ରାମର କୃଷକମାନଙ୍କୁ ୩୩୮ରୁ ଅଧିକ ବିଦ୍ୟୁତ୍ ଚାଳିତ ସ୍ପ୍ରେୟର ବଣ୍ଟନ କରିଛି। ଆକ୍ସନ୍ ଫର୍ ଫୁଡ୍ ପ୍ରଡକ୍ସନ୍ (ଏଏଫ୍‌ପିଆର୍‌ଓ) ସହଭାଗିତାରେ କାର୍ଯ୍ୟକାରୀ ହେଉଥିବା ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଆଧୁନିକ କୃଷି ଉପକରଣର ପ୍ରଚଳନ ମାଧ୍ୟମରେ କୃଷି ଯାନ୍ତ୍ରିକୀକରଣକୁ ପ୍ରୋତ୍ସାହିତ କରିବା। ଏହାଦ୍ୱାରା କୃଷି ଉତ୍ପାଦକତା ବୃଦ୍ଧି, ସମ୍ବଳର ଦକ୍ଷ ଉପଯୋଗ ଓ କୃଷକଙ୍କ ଶାରୀରିକ ପରିଶ୍ରମ ହ୍ରାସ କରିବା ସମ୍ଭବ ହେବ।

ଏହି ଦ୍ୱୈତ-ପ୍ରଣାଳୀ ସ୍ପ୍ରେୟରରେ ବ୍ୟାଟେରି ଚାଳିତ ଓ ହସ୍ତଚାଳିତ ଉଭୟ ସୁବିଧା ରହିଛି। ଏଗୁଡ଼ିକ ପାରମ୍ପରିକ ହସ୍ତଚାଳିତ ପିଠିରେ ବୋହିବା ସ୍ପ୍ରେୟରର ବିକଳ୍ପ ଭାବେ କାର୍ଯ୍ୟ କରିଥାଏ। ଏହି ଆଧୁନିକ ଉପକରଣ ଦ୍ୱାରା ଅଧିକ ଦ୍ରୁତ ଓ ସମାନ ଭାବେ ଔଷଧ ସିଞ୍ଚନ କରାଯାଇପାରୁଥିବାରୁ କୃଷକମାନଙ୍କର ସମୟ ସଞ୍ଚୟ ହେବା ସହ ଫସଲ ସୁରକ୍ଷା ପଦକ୍ଷେପର ପ୍ରଭାବଶୀଳତା ବୃଦ୍ଧି ପାଉଛି। ପାରମ୍ପରିକ ପଦ୍ଧତିରେ ଗୋଟିଏ ଏକର ଜମିରେ ଔଷଧ ସିଞ୍ଚନ କରିବା ପାଇଁ ୪ରୁ ୬ ଘଣ୍ଟା ପର୍ଯ୍ୟନ୍ତ ହାତରେ ପମ୍ପ କରିବାକୁ ପଡ଼ିଥାଏ। କିନ୍ତୁ ବିଦ୍ୟୁତ୍‌ଚାଳିତ ସ୍ପ୍ରେୟରର ବ୍ୟବହାର ଦ୍ୱାରା କୃଷକମାନେ ଏହି କାମକୁ ମାତ

ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଛାତ୍ର ସଂସଦ ନିର୍ବାଚନ ହେଉ ନ ଥିବାରୁ ବିଜେଡିକୁ ଟାର୍ଗେଟ

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ଆକ୍ରମଣ, ପ୍ରତିଆକ୍ରମଣ, ରାସ୍ତାରୋକ ଓ ହଙ୍ଗାମା ମଧ୍ୟରେ ସରିଲା ଛାତ୍ର ସଂସଦ ନିର୍ବାଚନ। ଉଭୟ ଏବିଭିପି ଓ ବିସିଜେଡି ୮୦ ପ୍ରତିଶତ ଛାତ୍ର ସଂସଦ ଦଖଲ କରିଥିବା ଦାବି କରୁଛନ୍ତି। ସାତ ଦିନର କରସତରେ କ୍ୟାମ୍ପସ ଯେତିକି ଚଳଚଞ୍ଚଳ ହୋଇଥିଲା ପୋଲିସ ତାଠାରୁ ଅଧିକ ସକ୍ରିୟ ହୋଇଥିଲା। ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପୋଲିସ ଛାଉଣୀ ହୋଇଥିଲା। ଉତ୍କଳ, ରମାଦେବୀ ଭଳି କିଛି ଛାତ୍ର ସଂସଦ ଫଳାଫଳ ରାତି ସାଢ଼େ ୨ଟା ପରେ ଘୋଷଣା ହୋଇଥିଲା। ଏଭଳି ସ୍ଥିତିରେ ଆଜି ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ପ୍ରାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସେ ପୂର୍ବ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ପୂର୍ବ ସରକାର ନିଜର ରାଜନୈତିକ ସ୍ୱାର୍ଥ ପାଇଁ କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରଖି ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ସ୍ୱରକୁ ଚାପି ଦେଇଥିଲେ। କିନ୍ତୁ ଆମେ ଛାତ୍ର ସମାଜକୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି, ସଫଳତାର ସହ ନିର୍ବାଚନ ପରିଚାଳନା କରିଛୁ ଏବଂ କ୍ୟାମ୍ପସରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା କରିଛୁ।

ବିଜୟୀ ପ୍ରାର୍ଥୀମାନେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ଛାତ୍ର ନେତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ସହ ଆଗାମୀ ଦିନରେ କିଭଳି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପର ଉନ୍ନତି ହୋଇପାରିବ, ଶୈକ୍ଷିକ ବାତାବରଣର ଉନ୍ନତି ହେବ ସେନେଇ କାମ କରିବାକୁ ପରାମର୍ଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ଆଶା, ଆକାଂକ୍ଷା ତଥା ସେମାନଙ୍କ ସ୍ୱରକୁ ସମ୍ମାନ ଜଣାଇ ନିର୍ବାଚିତ ପ୍ରତିନିଧିମାନେ ନିଜ ନିଜର ଦାୟିତ୍ୱକୁ ନିଷ୍ଠା ଓ ସଚ୍ଚୋଟତାର ସହ ତୁଲାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। କ୍ୟାମ୍ପସରେ ଶୃଙ୍ଖଳା, ଏକତା ଓ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାକୁ ଆହୁରି ସୁଦୃଢ଼ କରି ଏକ ବିକଶିତ ଓଡ଼ିଶା ଗଠନରେ ସେମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେବା ସହ ଛାତ୍ର ପ୍ରତିନିଧିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ତଥା ସଫଳ କାର୍ଯ୍ୟକାଳ କାମନା କରିଛନ୍ତି।

ବିକଶିତ ଓଡ଼ିଶା ଗଠନରେ ସାମିଲ ହେବାକୁ ଛାତ୍ର ନେତାଙ୍କୁ ଆହ୍ୱାନ

ଜଳିଗଲା ଲୁହାପଥର ବୋଝେଇ ଟ୍ରକ୍

କେନ୍ଦୁଝର,୧୬।୧୦(ସଂଚାର ବ୍ୟୁରୋ): ଚଳନ୍ତା ଟ୍ରକରେ ଅଗ୍ନିକାଣ୍ଡ ଘଟିଛି। ଫଳତଃ ହୁତୁହୁତୁ ହୋଇ ଜଳିଯାଇଛି ଏକ ଲୁହାପଥର ବୋଝେଇ ଟ୍ରକ୍। ତେବେ ଏହି ଅଗ୍ନିକାଣ୍ଡରୁ ଅଳ୍ପକେ ବଞ୍ଚିଯାଇଛନ୍ତି ସମ୍ପୃକ୍ତ ଟ୍ରକ୍‌ର ଡ୍ରାଇଭର୍। କେନ୍ଦୁଝରର ବାମେବାରୀ ଥାନା ଅନ୍ତର୍ଗତ ହେଶାବେଡ଼ା ଗାଁ ନିକଟରେ ଉକ୍ତ ଲୁହାପଥର ବୋଝେଇ ଟ୍ରକ୍‌ରୁ ହଠାତ୍ ଧୂଆଁ ବାହାରିଥିଲା। ପରେ ଚାହୁଁ ଚାହୁଁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା ଟ୍ରକ୍‌ଟି। ଡ୍ରାଇଭର ଜଣଙ୍କ ନିଆଁ ଦେଖି ତୁରନ୍ତ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ସେତେବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇସାରିଥିଲା। ତେବେ ପ୍ରାଥମିକ ତଦନ୍ତରୁ ଏହି ଅଗ୍ନିକାଣ୍ଡ ଶର୍ଟ ସର୍କିଟରୁ ହୋଇଥିବା ଅନୁମାନ କରାଯାଉଛି।

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ସାଧାରଣ ଲୋକଙ୍କ ସେବା, ବୈଷୟିକ ଦକ୍ଷତା ଓ ନୈତିକତାକୁ ପ୍ରଶାସନିକ କାର୍ଯ୍ୟଧାରାର ମୂଳ ଆଧାର କରି କାର୍ଯ୍ୟ କରିବାକୁ ଇଞ୍ଜିନିୟରମାନଙ୍କୁ ଆହ୍ୱାନ ଦିଆଯାଇଛି। ସ୍ଥାନୀୟ ଓଡ଼ିଶା ଅର୍ବାନ ଏକାଡେମୀ ପକ୍ଷରୁ ଆୟୋଜିତ ଜନସ୍ୱାସ୍ଥ୍ୟ ଅଭିଯାନ୍ତ୍ରିକୀ ବିଭାଗ (ପିଇଏଚଓ) କ୍ୟାଡରର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନଙ୍କ ପାଇଁ ୧୧ଦିନିଆ ଅଭିମୁଖୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଛି।

ଉଦ୍‌ଯାପନୀ ଅଧିବେଶନରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଥିଲେ ଯେ ରାଷ୍ଟ୍ର ନିର୍ମାଣ ତଥା ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ଭିତ୍ତିଭୂମି ଓ ସେବା ଯୋଗାଇଦେବାରେ ଇଞ୍ଜିନିୟରମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନସେବାର ତିନୋଟି ମୂଳ ସ୍ତମ୍ଭ, ସେବା, ଦକ୍ଷତା ଓ ନୈତିକତାକୁ ନିଜ ବୃତ୍ତିଗତ ଜୀବନର ମାର୍ଗଦର୍ଶକ ଭାବେ ଗ୍ରହଣ କରିବାକୁ ସେ ଇଞ୍ଜିନିୟରମାନଙ୍କୁ ପରାମର୍ଶ ଦେଇଥିଲେ। ବୃତ୍ତିଗତ ସଚ୍ଚୋଟତା ବଜାୟ ରଖିବା, ବୈଷୟିକ ଜ୍ଞାନ ଓ ଦକ୍ଷତାକୁ ନିରନ୍ତର ବିକଶିତ କରିବା ସହ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ ଓ ସମ୍ବେଦନଶୀଳ ହେବାକୁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ଜଳଯୋଗାଣ କ୍ଷେତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରି ସମସ୍ତ ନାଗରିକଙ୍କୁ ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ଉନ୍ନତ ମାନର ପାନୀୟ ଜଳ ଯୋଗାଇଦେବା ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ କହିଥିଲେ। ବୈଷୟିକ ଉତ୍କର୍ଷ ସହ ନୈତିକ ନିଷ୍ପତ୍ତି ଗ୍ରହଣ, ସ୍ୱଚ୍ଛତା ଓ ଜନସ୍ୱାର୍ଥ ପ୍ରତି ଦୃଢ଼ ପ୍ରତିବଦ୍ଧତା ରହିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ୧୧ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନଙ୍କ ବୈଷୟିକ ଜ୍ଞାନ, ପ୍ରଶାସନିକ ବୁଝାମଣା ଓ କାର୍ଯ୍ୟକ୍ଷମତାକୁ ସୁଦୃଢ଼ କରିବା, ଯାହାଦ୍ୱାରା ସେମାନେ ସହରାଞ୍ଚଳ ବିକାଶ ଓ ଜନସ୍ୱାସ୍ଥ୍ୟ ଅଭିଯାନ୍ତ୍ରିକୀ କ୍ଷେତ୍ରରେ ନିଜ ଦାୟିତ୍ୱ ଅଧିକ ଦକ୍ଷତାର ସହ ନିର୍ବାହ କରିପାରିବେ।

■ ଯନ୍ତ୍ରୀଙ୍କୁ ଗୃହ ଓ ନଗର ଉନ୍ନୟନ ଅତିରିକ୍ତ ମୁଖ୍ୟ ସଚିବଙ୍କ ପରାମର୍ଶ

ଜନସେବା, ଦକ୍ଷତା ଓ ନୈତିକତାକୁ ପ୍ରାଥମିକତା ଦିଅ

ଧର୍ମେନ୍ଦ୍ରଙ୍କୁ ଭେଟିଲେ ଯୁବନେତା ଶୁଭ୍ରଜିତ୍ ଦାଶ

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନୂଆଦିଲ୍ଲୀଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ଯୁବନେତା ଶୁଭ୍ରଜିତ୍ ଦାଶ। ଏହି ସାକ୍ଷାତକାର ଅବସରରେ ଯୁବପିଢ଼ିଙ୍କ ଭୂମିକା, ସାମାଜିକ ଗଣମାଧ୍ୟମର ପ୍ରଭାବ ଓ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ଯୁବସମାଜର ଦାୟିତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜନୈତିକ ଓ ସାଂଗଠନିକ କ୍ଷେତ୍ରରେ ଶ୍ରୀ ପ୍ରଧାନଙ୍କ ଦୀର୍ଘ ଅଭିଜ୍ଞତା ଓ ଯୁବପିଢ଼ିଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେବାର ଶୈଳୀ ଯୁବନେତାଙ୍କ ପାଇଁ ଉତ୍ସାହର ଉତ୍ସ। ବର୍ତ୍ତମାନ ସମୟରେ ସାମାଜିକ ଗଣମାଧ୍ୟମ କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଜନସଚେତନତା ସୃଷ୍ଟି, ଲୋକଙ୍କ ସମସ୍ୟାକୁ ଉପସ୍ଥାପନ ଓ ଦେଶର ବିକାଶମୂଳକ ପଦକ୍ଷେପଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ଉଭା ହୋଇଛି। ଯୁବପିଢ଼ିଙ୍କୁ ସମାଜସେବା, ରାଷ୍ଟ୍ର ନିର୍ମାଣ ଏବଂ ସକାରାତ୍ମକ ଜନମତ ଗଠନ ଦିଗରେ ଅଧିକ ସକ୍ରିୟ ହେବାର ଆବଶ୍ୟକତା ରହିଛି। ଏଭଳି ସୌଜନ୍ୟମୂଳକ ସାକ୍ଷାତ ଓ ଅଭିଜ୍ଞ ବ୍ୟକ୍ତିତ୍ୱଙ୍କ ସହ ଭାବ ବିନିମୟ ଯୁବନେତୃତ୍ୱକୁ ଅଧିକ ସୁଦୃଢ଼ କରିବା ସହ ଭବିଷ୍ୟତରେ ଜନସେବା କ୍ଷେତ୍ରରେ ନୂତନ ଦିଗ ଦେଖାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।



■ ଦଶହରାରେ ଜୋରଦାର ହେବ ଡ୍ରଙ୍କ ଆଣ୍ଡ ଡ୍ରାଇଭ ଅଭିଯାନ

ଜଗିବେ ୧୫ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ରାଜଧାନୀରେ ଦଶହରାରେ ଜୋରଦାର ହେବ ଡ୍ରଙ୍କ ଆଣ୍ଡ ଡ୍ରାଇଭ ଅଭିଯାନ। ମଦୁଆ ଡ୍ରାଇଭରଙ୍କୁ ମିଳିବନି ଡ୍ରାହି। ଛକ ବଜାରରେ ମଦ୍ୟପ ଡ୍ରାଇଭରଙ୍କ ଉପରେ ରହିବ ନଜର। ରାଜଧାନୀ ଭୁବନେଶ୍ୱରରେ ଦଶହରା ପାଇଁ ଟ୍ରାଫିକ ଦାୟିତ୍ୱରେ ୭ଟି ଅଫିସରଙ୍କ ସହ ୧୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଦୁର୍ଘଟଣା ରୋକିବା ସହ ଟ୍ରାଫିକ ନିୟନ୍ତ୍ରଣ ବଡ଼ ଚ୍ୟାଲେଞ୍ଜ ହୋଇଥିବା ବେଳେ ଏହାକୁ ରୋକିବାକୁ ତିଆରି ହୋଇଛି ବ୍ଲୁ ପ୍ରିଣ୍ଟ। ଭିଡ଼ ନିୟନ୍ତ୍ରଣ ସହ ଦ୍ରୁତ ଗତିରେ ଗାଡ଼ି ଚାଳନା ଉପରେ ନଜର ରଖାଯିବ। ବେପରୁଆ ଗାଡ଼ି ଚାଳନା କଲେ ଆଇନ ଅନୁଯାୟୀ ହେବ କାର୍ଯ୍ୟାନୁଷ୍ଠାନ। ଗତ କିଛି ଦିନ ମଧ୍ୟରେ ସହରରେ ବଢୁଥିବା ଦୁର୍ଘଟଣା ଓ ହିଟ୍ ଆଣ୍ଡ ରନ ମାମଲାକୁ ଦୃଷ୍ଟିରେ ରଖି ଟ୍ରାଫିକ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଥିବା ସୂଚନା ଦେଇଛନ୍ତି ଟ୍ରାଫିକ ଏସିପି।

ସରକାରୀ କାର୍ଯ୍ୟାଳୟରେ ଲାଗିଲା ଲଟକା



କଟକ, ୧୬।୧୦ (ସଂଚାର ବ୍ୟୁରୋ): ପ୍ରାୟ ୯ କୋଟି ୧୯ ଲକ୍ଷ ଟଙ୍କାର ସରକାରୀ ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ଲାଗି ନିର୍ଦ୍ଦେଶ ଦେଲେ କଟକ କମର୍ସିଆଲ କୋର୍ଟ। କଟକ ବନ୍ଦୋବସ୍ତ, ଭୂ-ଲେଖ ଓ ନଜ୍ଜା ପ୍ରକାଶନ କାର୍ଯ୍ୟାଳୟ ଉପରେ ଏଭଳି କଡ଼ା ଆକ୍ସନ ହୋଇଛି। ତେବେ ଅଫିସ ମୁଖ୍ୟ ଫାଟକ ବନ୍ଦ ରହିଥିବାରୁ ଆଜି ଗେଟ୍ ସମ୍ମୁଖରେ ଲଟକା ଜାରି କରାଯାଇଛି। ଯୋବ୍ରାସ୍ଥିତ ବନ୍ଦୋବସ୍ତ, ଭୂ-ଲେଖ ଓ ନଜ୍ଜା ପ୍ରକାଶନ କାର୍ଯ୍ୟାଳୟର ଆବଶ୍ୟକତା ମୁତାବକ, ସିଲଭେସା ଇନଫୋଟେକ୍ ସଂସ୍ଥା ୧୨୨ଟି ତହସିଲ ଅଫିସ୍‌କୁ କମ୍ପ୍ୟୁଟର ଯୋଗାଇଥିଲା। ତେବେ ସୁଧ ମୂଳ ସହ ୯.୧୯ କୋଟିର ବକେୟା ପ୍ରାପ୍ୟ ଦେବାରେ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଆପଣେଇବାରୁ ସଂସ୍ଥା ପକ୍ଷରୁ କମର୍ସିଆଲ କୋର୍ଟରେ ମାମଲା ଦାୟର ହୋଇଥିଲା। କୋର୍ଟଙ୍କ ରାୟ ଆବେଦନକାରୀଙ୍କ ସପକ୍ଷରେ ଯାଇଥିଲା, ଯାହାକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ତେବେ ଅପିଲ୍ ପିଟିସନ ଖାରଜ ହେବା ପରେ ନିମ୍ନ ଅଦାଲତଙ୍କ ରାୟ କାଏମ ରହିଛି।

● ଆସୁଛି ଆଉ ଏକ ଲଘୁଚାପ

୨୨ରୁ ୨୭ ମଧ୍ୟରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ଆସୁଛି ଆଉ ଏକ ଲଘୁଚାପ। ଆସନ୍ତା ୨୨ରୁ ୨୭ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭବନା। ଏନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଜି ରାଜ୍ୟର ସ୍ଥାନେ ସ୍ଥାନେ ବର୍ଷା ଦେଖିବାକୁ ମିଳିଛି। ଏଥିସହ ରାଜଧାନୀ ଭୁବନେଶ୍ୱର ବି ଭିଜିଛି। ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଛି। ଆଉ ତିନି ଦିନ ରାଜ୍ୟର କାଁ ଭାଁ ସ୍ଥାନରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ରହିଛି। ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ସେଥିପାଇଁ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ଆଜି ୧୦ ଜିଲ୍ଲାକୁ ଜାରି ହୋଇଛି ୟେଲୋ ଆଲର୍ଟ। କଟକ, ନୟାଗଡ଼, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିକୁ ଜାରି ହୋଇଛି ଓ୍ୱାର୍ଣ୍ଣିଂ। ସେହିପରି ଆସନ୍ତାକାଲି ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଆସନ୍ତା ୧୮ ତାରିଖରେ ମଧ୍ୟ ଦକ୍ଷିଣ ଓଡ଼ିଶାର ୩ଟି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ରହିଛି।

ଝାରସୁଗୁଡ଼ାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ

ଝାରସୁଗୁଡ଼ା,୧୬।୧୦(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ଜିଲ୍ଲାରେ ଭିତ୍ତିଭୂମିର ବିକାଶ, ଜନସାଧାରଣଙ୍କୁ ଉନ୍ନତ ପରିବହନ ସୁବିଧା ପ୍ରଦାନ ଏବଂ ଜମି ଅଧିକାରକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ମୂଳକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି।

● କତରବଗା ମୌଜାର ୨୩ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ

● ଲଖନପୁରଠାରେ ଦ୍ୱିତୀୟ ଅଟଳ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ

ଝାରସୁଗୁଡ଼ା ଗସ୍ତ ଅବସରରେ ରାଜସ୍ୱ ମନ୍ତ୍ରୀ ଲଖନପୁର ବ୍ଲକ୍‌ର ରେମଣ୍ଡା ଉଚ୍ଚ ବିଦ୍ୟାଳୟ, ରେମଣ୍ଡାଠାରେ ଆୟୋଜିତ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ସହପାଠ୍ୟ କାର୍ଯ୍ୟକଳାପ ପ୍ରତି ଆଗ୍ରହ ବୃଦ୍ଧି କରିବାର ଏକ ଉତ୍କୃଷ୍ଟ ମଞ୍ଚ ବୋଲି ରାଜସ୍ୱ ମନ୍ତ୍ରୀ କହିଥିଲେ। ଏହାପରେ ଲଖନପୁରଠାରେ ଦ୍ୱିତୀୟ ଅଟଳ ବସ୍‌ଷ୍ଟାଣ୍ଡ୍ ନିର୍ମାଣ ପାଇଁ ଆୟୋଜିତ ଶିଳାନ୍ୟାସ ସମାରୋହରେ ଯୋଗଦେଇଥିଲେ। ଏହି ପ୍ରକଳ୍ପ ଅଞ୍ଚଳରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ଅଧିକ ସୁସଂଗଠିତ କରିବା ସହ ସାଧାରଣ ଜନତାଙ୍କୁ ଉନ୍ନତ ଯାତାୟାତ ସୁବିଧା ଯୋଗାଇଦେବାରେ ସହାୟକ ହେବ ବୋଲି ସେ କହିଥିଲେ।

ହାପରେ କତରବଗା ମୌଜାର ୨୩ ଜଣ ବସ୍ତି ହିତାଧିକାରୀଙ୍କୁ ଜମି ପଟ୍ଟା ବା ରେକର୍ଡ ଅଫ୍ ରାଇଟ୍ସ ବଣ୍ଟନ କରାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ହିତାଧିକାରୀମାନଙ୍କ ଜମି ଅଧିକାରକୁ ଆଇନଗତ ସ୍ୱୀକୃତି ଦେବା ସହ ସେମାନଙ୍କ ନିମନ୍ତେ ଜମି ସମ୍ବନ୍ଧୀୟ ଅଧିକାର ସୁନିଶ୍ଚିତ ହୋଇଛି ବୋଲି ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

● ପୂଜା ମଣ୍ଡପରେ ଅଗ୍ନି ନିରାପତ୍ତା ଯାଞ୍ଚ ହେବ

ସୁରକ୍ଷା ପାଇଁ ୧୫ ଟିମ୍ ଗଠନ

କଟକ,୧୬।୧୦(ସଂଚାର ବ୍ୟୁରୋ): କଟକ ସହରରେ ଚଳିତ ବର୍ଷ ଦୁର୍ଗାପୂଜାକୁ ସୁରକ୍ଷିତ ଓ ଅଗ୍ନିକାଣ୍ଡମୁକ୍ତ କରିବା ପାଇଁ ଓଡ଼ିଶା ଅଗ୍ନିଶମ ସେବା ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୂଜା ମଣ୍ଡପଗୁଡ଼ିକରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବ, ସେଥିପାଇଁ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶନାମା ଜାରି ହେବା ସହ ବିଶେଷ ପ୍ରସ୍ତୁତି କରାଯାଇଛି। ଚଳିତ ବର୍ଷ କଟକର ୨୧୫ଟି ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେବ। ତେଣୁ ସହରରେ ଶ୍ରଦ୍ଧାଳୁଙ୍କ ଭିଡ଼ ରହିବ। ସୁରକ୍ଷା ପାଇଁ ୧୫ଟି ଟିମ୍ ଗଠନ କରାଯାଇଛି। ସହରର ମାଲଗୋଦାମ, ମଧୁପଟଣା, ଲାଲବାଗ, ବିଡ଼ାନାସୀ, ସିଏନବିଟି, ଜଗତପୁର, ବାଲିଯାତ୍ରା ପଡ଼ିଆ, ଦେବୀଗଡ଼ା, କେନାଲ କୂଳ, ଗଡ଼ଗାଡ଼ିଆ ଘାଟ ଭଳି ବିଭିନ୍ନ ସ୍ଥାନରେ ଅଗ୍ନିଶମ ଅସ୍ଥାୟୀ କ୍ୟାମ୍ପ ରହିବ। ପ୍ରତି କ୍ୟାମ୍ପରେ ୧୦ ଜଣ ଅଗ୍ନିଶମ ଯୋଦ୍ଧା ରହିବେ। କ୍ୟାମ୍ପଗୁଡ଼ିକରେ ସମସ୍ତ ପ୍ରକାରର ଫାୟାର ସୁରକ୍ଷା ଯନ୍ତ୍ରାଂଶ ରହିବ। ଦୁଇଟି ସ୍ଥାନରେ ୱାଟର ଲୋଡ୍ ପାଇଁ ବ୍ୟବସ୍ଥା କରାଯାଇଛି। ସମସ୍ତ ବ୍ୟବସ୍ଥାକୁ ମୁଖ୍ୟ କଣ୍ଟ୍ରୋଲ୍ ରୁମ୍ ମାଧ୍ୟମରେ ନିରୀକ୍ଷଣ କରାଯିବ। ସେହିପରି ପୂଜା କମିଟି ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ମଣ୍ଡପ ନିକଟରେ ବାଲି ବସ୍ତା, ପାଣି ଓ ସମସ୍ତ ପ୍ରକାରର ସୁରକ୍ଷା ଗ୍ରହଣ କରିବା ପାଇଁ ପୂଜା କମିଟିମାନଙ୍କୁ କୁହାଯାଇଛି। ଏହାକୁ ତଦାରଖ କରିବା ପାଇଁ ଗୋଟିଏ ଟିମ୍ ସହରର ସମସ୍ତ ମଣ୍ଡପ ବୁଲିବା ସହ ସବୁ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କଟକ ଉପଅଗ୍ନିଶମ ଅଧିକାରୀ କହିଛନ୍ତି।

କଲେଜ ପରିସରରୁ ଟିଫିନ୍ ବୋମା ଉଦ୍ଧାରି

● ସାଇଣ୍ଟିଫିକ୍ ଟିମ୍‌ର ଖୋଳତାଡ଼

ପୁରୀ,୧୬।୧୦(ସଂଚାର ବ୍ୟୁରୋ): କଲେଜ ପରିସରରେ ମିଳିଲା ଟିଫିନ୍ ବୋମା। ପୁରୀର ସାତପଡ଼

ଟେସଲାର ଉଡ଼ନ୍ତା କାର୍ 'ରୋଡଷ୍ଟର'

ନୂଆଦିଲ୍ଲୀ,୧୬।୧୦: ଦୀର୍ଘ ପ୍ରାୟ ୯ ବର୍ଷର ପ୍ରତୀକ୍ଷା ପରେ ଟେସଲା ଏହାର ଲୋକପ୍ରିୟ କାର୍ 'ରୋଡଷ୍ଟର' ର ଏକ ନୂତନ ଭର୍ସନ ଆଣିଛି। ୨୦୧୭ ମସିହାରେ ପ୍ରଦର୍ଶିତ ହୋଇଥିବା କନସେପ୍ଟ ପରେ କମ୍ପାନୀ ଏହାର ତିନୋଟି ଭିନ୍ନ କନଫିଗରସନ- ପରଫରମାନ୍ସ, ଥ୍ରଷ୍ଟ ଏବଂ ରକେଟ୍ ସାମ୍ନାକୁ ଆଣିଛି । ଏଥିରେ ସବୁଠାରୁ ଆକର୍ଷକ ହେଉଛି ସିଙ୍ଗଲ୍-ସିଟ୍ ରକେଟ୍ ଭର୍ସନ, ଯେଉଁଥିରେ କୋଲ୍ଡ-ଗ୍ୟାସ୍ ଥ୍ରଷ୍ଟର୍ସ ଲାଗିଛି । ଏହି ଥ୍ରଷ୍ଟର୍ସଗୁଡ଼ିକ କାର୍‌କୁ ଆକାଶରେ ଉଠାଇବା, ଓଲଟାଇବା ଏବଂ ବ୍ୟାରେଲ୍ ରୋଲ୍ ଭଳି ଆରେବୋଟିକ୍ ଷ୍ଟଣ୍ଟ କରିବାରେ ସକ୍ଷମ କରିଥାଏ । ତିନୋଟି ଭିନ୍ନ ଭର୍ସନର ବିଶେଷତା: ପରଫରମାନ୍ସ ଭର୍ସନ: ଏହା ଏକ ଦୁଇ-ସିଟ୍ ବିଶିଷ୍ଟ କାର୍ ଯାହା ରାସ୍ତାରେ ଚଳାଇବା ପାଇଁ ତିଆରି କରାଯାଇଛି । ଏଥିରେ ଆକ୍ଟିଭ୍ ଏରୋଡାଇନାମିକ୍ସ ଏବଂ ମଲ୍ଟି-ମୋଡ୍ ସାକସନ୍ ସିଷ୍ଟମ ରହିଛି । ଏହା ୦-୬୦ ମାଇଲ୍ ପ୍ରତି ଘଣ୍ଟା (ପ୍ରାୟ ୯୬.୬ କିମି/ଘଣ୍ଟା) ବେଗ ମାତ୍ର ୧.୬ ସେକେଣ୍ଡରୁ କମ ସମୟରେ ହାସଲ କରିପାରେ । ଥ୍ରଷ୍ଟ ଭର୍ସନ: ଏହା ମଧ୍ୟ ଏକ ଦୁଇ-ସିଟର କାର୍, ଯେଉଁଥିରେ ପଛପଟେ କୋଲ୍ଡ-ଗ୍ୟାସ୍ ଥ୍ରଷ୍ଟର୍ସ ଯୋଡ଼ାଯାଇଛି । ଏହା ଟ୍ରାକ୍ ବ୍ୟବହାର ପାଇଁ ଏବଂ ୦.୯ ସେକେଣ୍ଡରୁ କମ ସମୟରେ ୦-୬୦ ମାଇଲ୍ ବେଗ ଧରିପାରେ । ରକେଟ୍ ଭର୍ସନ: ଏହା ସବୁଠାରୁ ଉପରସ୍ଥରର ସିଙ୍ଗଲ୍-ସିଟ୍ ଭର୍ସନ । ଏହାର ଥ୍ରଷ୍ଟର୍ସଗୁଡ଼ିକ ଆଗ ଓ ଉପର ପଟକୁ ତ୍ୱରାନ୍ୱିତ ଏବଂ ଘୂର୍ଣ୍ଣନ ଗତି ପ୍ରଦାନ କରେ । ଏହା ମାତ୍ର ୦.୫୯ ସେକେଣ୍ଡରୁ କମ୍ ସମୟରେ ୦-୬୦ ମାଇଲ୍ ବେଗରେ ପହଞ୍ଚିପାରେ ବୋଲି ଦାବି କରାଯାଇଛି । ସମସ୍ତ ଭର୍ସନର ଡ୍ରାଇଭିଂ ରେଞ୍ଜ ୩୦୦ ମାଇଲ୍ (ପ୍ରାୟ ୪୮୩ କିମି) ରୁ ଅଧିକ ଏବଂ ରକେଟ୍ ଭର୍ସନର ଟପ୍ ସ୍ପିଡ୍ ୨୩୦ ମାଇଲ୍ ପ୍ରତି ଘଣ୍ଟା (୩୭୦ କିମି/ଘଣ୍ଟା) ରୁ ଅଧିକ ।

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୭,୪୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୫,୧୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୭,୪୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୫,୧୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୭,୪୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୫୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୫,୨୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୪୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୭,୪୩୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୫,୧୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୨୯,୯୦୦ ଟଙ୍କା ହୋଇଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

ସାରା ବିଶ୍ୱରେ ଡିଜେଲ ଅଭାବ, ଦୀପାବଳି ପରେ ବଢ଼ିବ ଦାମ୍

ନୂଆଦିଲ୍ଲୀ,୧୬।୧୦: ଅନ୍ତର୍ଜାତୀୟ ଡିଜେଲ ଏଜେନ୍ସିର ମାସିକ ତୈଳ ବଜାର ରିପୋର୍ଟ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କରିଛି। ଏଥିରେ କୁହାଯାଇଛି ଯେ ଡିଜେଲର ଅଭାବ ୨୦୨୬ ପର୍ଯ୍ୟନ୍ତ ଜାରି ରହିପାରେ, କାରଣ ବର୍ଷର ଏପରି ଏକ ସମୟରେ ଷ୍ଟକ୍ ହ୍ରାସ ପାଉଛି ଯେତେବେଳେ ଏହା ବୃଦ୍ଧି ପାଇବା ଉଚିତ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ବିଶ୍ୱବ୍ୟାପୀ ଡିଜେଲ ଷ୍ଟୋରେଜ୍ ଟ୍ୟାଙ୍କ ଏବଂ ଇନଭେଣ୍ଟରୀ ଖାଲି ହୋଉଛି। ଡିମାଣ୍ଡର ମୁକାବିଲା ସପ୍ଲାଇରେ ସମସ୍ୟା ସୃଷ୍ଟି କରିପାରେ। ମାର୍କେଟରେ ବିଗିଡିପାରେ ଡିମାଣ୍ଡ-ସପ୍ଲାଇର ବାଲାନ୍ସ ପ୍ୟାରିସସ୍ଥିତ ଏହି ଏଜେନ୍ସି ଏହା ମଧ୍ୟ କହିଛି ଯେ ଯଦିଓ ବର୍ଷ ଶେଷ ସୁଦ୍ଧା ରିଫାଇନାରୀଗୁଡ଼ିକ ସେମାନଙ୍କର ଉତ୍ପାଦନ ବୃଦ୍ଧି କରନ୍ତି, ଯୋଗାଣରେ ଉନ୍ନତି ହେବାର ଆଶା କ୍ଷୀଣ। ଏହା ମଧ୍ୟ ଚେତାବନୀ ଦେଇଛି ଯେ ଯଦି ମଧ୍ୟପ୍ରାଚ୍ୟରୁ ରିଫାଇନାଡ୍ ଉତ୍ପାଦର ରପ୍ତାନିରେ ଉନ୍ନତି ନହୁଏ, ତେବେ ବଜାରରେ ଚାହିଦା ଏବଂ ଯୋଗାଣ ମଧ୍ୟରେ ସନ୍ତୁଳନ ବଜାୟ ରଖିବା କଷ୍ଟକର ହୋଇଯିବ। ଗତ ମାସରେ, ୟୁରୋପ ଏବଂ ଆମେରିକାରେ ପାଇକାରୀ ଡିଜେଲ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୨୨୦ ଡଲାର ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସେହିପରି, ସିଙ୍ଗାପୁରରେ ମଧ୍ୟ ମୂଲ୍ୟ ୦୦ ଡଲାର ଅତିକ୍ରମ କରିଛି।



ଯଦିଓ ମୂଲ୍ୟ କିଛିଟା ହ୍ରାସ ପାଇଛି, ତଥାପି ଆମେରିକା-ଇରାନ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଏହା ପ୍ରାୟ ଦୁଇଗୁଣ। IEA ଅନୁଯାୟୀ, ସେପ୍ଟେମ୍ବରରେ, ପ୍ରଥମ ଥର ପାଇଁ ଆମେରିକାର ଖୁଚୁରା ଡିଜେଲ ମୂଲ୍ୟ ଗ୍ୟାଲନ ପିଛା ୬ ଡଲାର ଅତିକ୍ରମ କରିଥିଲା। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନରେ ଡିଜେଲ ମୂଲ୍ୟ ପ୍ରାୟ ୭୦% ବୃଦ୍ଧି ପାଇଛି। କାହିଁକି ସ୍ଥିତି ବିଗିଡିଲା ? ଆମେରିକା-ଇରାନ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଖରାପ ହେବା ଯୋଗୁଁ ଉପସାଗରୀୟ ଦେଶଗୁଡ଼ିକରୁ ଅଶୋଧିତ ତୈଳ ଏବଂ ବିଶୋଧିତ ପେଟ୍ରୋଲିୟମ ଉତ୍ପାଦର ରପ୍ତାନି ବାଧାପ୍ରାପ୍ତ ହୋଇଛି। ସାଉଦି ଆରବ ବ୍ୟତୀତ, କୁଏତ ଏବଂ ୟୁଏଇରେ ବିଶୋଧନାଗାର ଏବଂ ତୈଳ ଟ୍ୟାଙ୍କରଗୁଡ଼ିକ ଉପରେ ଆକ୍ରମଣ ହୋଇଛି। ଏହା ବିଶ୍ୱ ବଜାରରେ ଡିଜେଲ ଯୋଗାଣକୁ ପ୍ରଭାବିତ କରିଛି। ଅଗଷ୍ଟ ଏବଂ ସେପ୍ଟେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ସାଧାରଣତଃ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସମୟରେ ବିଶ୍ୱ ଡିଜେଲ ଷ୍ଟକ୍ ବର୍ତ୍ତମାନ ହ୍ରାସ ପାଉଛି। ଚଳିତ ବର୍ଷ, ପଶ୍ଚିମ ଏସିଆରେ ଉତ୍ତେଜନା,ହର୍ମୁଜରୁ ଯୋଗାଣ ବାଧା ଏବଂ ପ୍ରମୁଖ ସାଉଦି-କୁଏତ୍ ରିଫାଇନାରୀ ଉପରେ ଦ୍ରୁତ ଆକ୍ରମଣ ଗୁରୁତ୍ୱପୂର୍ଣ୍ଣ ବାଧା ସୃଷ୍ଟି କରିଛି।

ବୟସ ୩୦, ମୁଣ୍ଡ ଉପରେ ଋଣ ବୋଝ !

ଭୁବନେଶ୍ୱର, ୧୬।୧୦ (ସଂଚାର ବ୍ୟୁରୋ): ଅଧିକ ଦରମା କିନ୍ତୁ ସଞ୍ଚୟ ବଢୁନାହିଁ କି ? କମ ବୟସରେ ଘରଭଡ଼ା, ଇଏମ୍‌ଆଇ, କ୍ରେଡିଟ୍ କାର୍ଡ ବିଲ୍ ଓ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟରେ ଫସିଯିବା ପୂର୍ବରୁ ଜାଣନ୍ତୁ ଏହି ଜରୁରୀ ଆର୍ଥିକ ପରାମର୍ଶ।୩୦ ବର୍ଷ ବୟସ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ଏହି ସମୟରେ ଅନେକ ଯୁବକଯୁବତୀଙ୍କ ଦରମା ମଧ୍ୟ ବଢ଼ିଥାଏ ତାସହିତ ଘର କିଣିବା, ପରିବାରର ଦାୟିତ୍ୱ ନେବା, ଗାଡ଼ି କିଣିବା ଏବଂ ଭବିଷ୍ୟତ ପାଇଁ ସଞ୍ଚୟ କରିବା ଭଳି ଆର୍ଥିକ ଦାୟିତ୍ୱ ମଧ୍ୟ ବଢ଼ିଥାଏ। ଏହା ମଧ୍ୟରେ କ୍ରେଡିଟ୍ କାର୍ଡ ବିଲ୍, ଗ୍ୟାଜେଟ୍ କିଣିବା ଏବଂ ଛୁଟି କାଟିବା ପାଇଁ ଖର୍ଚ୍ଚ ଆର୍ଥିକ ଯୋଜନାକୁ ଜଟିଳ କରିପାରେ। ଯୋଜନାବଦ୍ଧ ଖର୍ଚ୍ଚ ପାଇଁ ଋଣ ସହାୟକ ହୋଇପାରେ। କିନ୍ତୁ ଏକାଧିକ ଋଣ ଓ ଇଏମ୍‌ଆଇର ବୋଝ ବଢ଼ିଗଲେ ଭଲ ଦରମା ପାଉଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ସଞ୍ଚୟ କରିବା କଷ୍ଟକର ହୋଇପଡ଼େ। ଏପରିକି ଠିକ୍ ସମୟରେ ଋଣ ପରିଶୋଧ ନ କଲେ କ୍ରେଡିଟ୍ ସ୍କୋର ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ। ଫିନ୍‌ଟେକ୍ ଓ କମର୍ସ ପ୍ଲାଟଫର୍ମ POPର ପ୍ରତିଷ୍ଠାତା ଭାର୍ଗବ ଏର୍‌ଗାଙ୍ଗିଙ୍କ ପରାମର୍ଶ ଅନୁଯାୟୀ, ୩୦ ବର୍ଷ ବୟସରେ ଆର୍ଥିକ ସ୍ଥିରତା ବଜାୟ ରଖିବା ପାଇଁ ଋଣ ଓ କ୍ରେଡିଟ୍ କାର୍ଡ ବ୍ୟବହାର ବେଳେ ୬ଟି ଭୁଲ୍ରୁ ଦୂରେଇ ରହିବା ଜରୁରୀ। ୧. କ୍ରେଡିଟ୍ କାର୍ଡରେ କେବଳ ସର୍ବନିମ୍ନ ଦେୟ ପୈଠ କରିବାକ୍ରେଡିଟ୍ କାର୍ଡ ବିଲ୍ରେ ଉଲ୍ଲେଖ ଥିବା ସର୍ବନିମ୍ନ ଦେୟ ବା 'ମିନିମମ୍ ଆମାଉଣ୍ଟ ଡ୍ୟୁ' ପୈଠ କରିଦେଲେ ତତ୍କାଳ ଆର୍ଥିକ ଚାପ କମ୍ ହୋଇପାରେ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆପଣଙ୍କ ସମ୍ପୂର୍ଣ୍ଣ ଋଣ ପରିଶୋଧ ହୋଇଗଲା। ବାକି ରହିଥିବା ଟଙ୍କା ଉପରେ ସୁଧ ଲାଗିପାରେ। ଫଳରେ ଅଳ୍ପ ଟଙ୍କାର ବକେୟା ମଧ୍ୟ ଧୀରେ ଧୀରେ ବଡ଼ ଆର୍ଥିକ ବୋଝରେ ପରିଣତ ହୋଇପାରେ। ପରବର୍ତ୍ତୀ ମାସରେ ଆପଣ ଦେଉଥିବା ଟଙ୍କାର ଏକ ବଡ଼ ଅଂଶ ମୂଳ ବକେୟା ପରିବର୍ତ୍ତେ ସୁଧ ପରିଶୋଧରେ ଖର୍ଚ୍ଚ ହୋଇପାରେ।ତେବେ ସବୁଠାରୁ ସହଜ ଉପାୟ କଣ ? ସମ୍ଭବ ହେଲେ କ୍ରେଡିଟ୍ କାର୍ଡର ସମ୍ପୂର୍ଣ୍ଣ ଷ୍ଟେଟ୍ମେଣ୍ଟ ବକେୟା ରାଶି ଧାର୍ଯ୍ୟ ତାରିଖ ସୁଦ୍ଧା ପୈଠ କରନ୍ତୁ। କାର୍ଡର ନିୟମ ଓ ସର୍ତ୍ତ ଅନୁଯାୟୀ ଏହା ଅନାବଶ୍ୟକ ସୁଧ ଦେବାରୁ ରକ୍ଷା କରିପାରେ।

ଷ୍ଟାରଲିଙ୍କକୁ ରିଲାଏନ୍ସର ଜବାବ

"ଆମେ କୌଣସି ପ୍ରତିଯୋଗିତାକୁ ଡରୁନାହୁଁ, ସମସ୍ତଙ୍କୁ ସ୍ୱାଗତ କରୁଛୁ"

ନୂଆଦିଲ୍ଲୀ,୧୬।୧୦: ଦେଶର ଅଗ୍ରଣୀ କର୍ପୋରେଟ୍ ସଂସ୍ଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସାଟେଲାଇଟ୍ ଇଣ୍ଟରନେଟ୍ ଏବଂ ଭାରତୀୟ ବଜାରକୁ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ ନିଜର ସ୍ପଷ୍ଟ ମତ ରଖିଛି । କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ସେ ସବୁବେଳେ ଏପରି ଏକ ବ୍ୟବସାୟିକ ପରିବେଶକୁ ସମର୍ଥନ କରେ ଯାହା ଦେଶରେ ନୂତନ ନିବେଶ ଏବଂ ଅଭିନବ ଚିନ୍ତାଧାରାକୁ ଆଗକୁ ବଢ଼ାଇବ । ଏଥିସହ ରିଲାଏନ୍ସ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଦେଶର ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ ସରକାର ପ୍ରତ୍ୟେକ ଆବେଦନକୁ ଗୋଟିଏ ପ୍ରକ୍ରିୟା ମାଧ୍ୟମରେ ହିଁ ବିଚାର କରିଥାନ୍ତି । ପ୍ରତିଯୋଗିତାକୁ ନେଇ ଆଦୌ ଭୟଭୀତ ନୁହେଁ ରିଲାଏନ୍ସ: ରିଲାଏନ୍ସ ସ୍ପଷ୍ଟ ଶବ୍ଦରେ କହିଛି ଯେ, କମ୍ପାନୀ କେବେବି କୌଣସି ପ୍ରତିଯୋଗିତା ବା ମୁକାବିଲାକୁ ଡରି ନାହିଁ । କମ୍ପାନୀ ୨୦୧୬ ମସିହାର ସେହି ଦିନଗୁଡ଼ିକୁ ମନେ ପକାଇ ଦେଇଛି, ଯେତେବେଳେ ଜିଓ ଟେଲିକମ୍ ବଜାରରେ ପ୍ରବେଶ କରିଥିଲା । ସେତେବେଳେ ଜିଓ ପାଖରେ ଜଣେ ବି ଗ୍ରାହକ ନଥିଲେ, କିନ୍ତୁ ମାତ୍ର ଦଶ ବର୍ଷ ଭିତରେ ଜିଓ ୫୩ କୋଟିରୁ ଅଧିକ ଲୋକଙ୍କ ଭରସା ଜିତିବା ସହ ଦେଶବାସୀଙ୍କୁ ସବୁଠାରୁ ଶସ୍ତା ଡାଟା ଏବଂ ଉନ୍ନତ ଡିଜିଟାଲ୍ ସୁବିଧା ପ୍ରଦାନ କରିପାରିଛି । ଷ୍ଟାର୍ଲିଙ୍କ ଏବଂ ସାଟେଲାଇଟ୍ ଇଣ୍ଟରନେଟ୍କୁ ନେଇ କମ୍ପାନୀର ଆଭିମୁଖ୍ୟ: କମ୍ପାନୀ ପକ୍ଷରୁ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ସାଟେଲାଇଟ୍ ଇଣ୍ଟରନେଟ୍ କ୍ଷେତ୍ରରେ ଏଲନ୍ ମସ୍କଙ୍କ ଷ୍ଟାର୍‌ଲିଙ୍କ ସମେତ ଯେକୌଣସି ନୂତନ କମ୍ପାନୀର ପ୍ରବେଶକୁ ସେମାନେ ସ୍ୱାଗତ କରନ୍ତି । ତେବେ ରିଲାଏନ୍ସର ସର୍ତ୍ତ ହେଉଛି- ଜିଓ ସମେତ ପ୍ରତ୍ୟେକ କମ୍ପାନୀକୁ ଦେଶର ଜନସାଧାରଣଙ୍କ ସେବା କରିବାକୁ ପଡ଼ିବ ଏବଂ ଏଠାକାର ସମସ୍ତ ଆଇନଗତ ନିୟମ ଓ ନୀତିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ । ଏହି ପରିପ୍ରେକ୍ଷୀରେ କମ୍ପାନୀ ଏହା ମଧ୍ୟ ଜଣାଇଛି ଯେ, ଜିଓର ନିଜସ୍ୱ ସାଟେଲାଇଟ୍ ସେବାଗୁଡ଼ିକ ମଧ୍ୟ ବର୍ତ୍ତମାନ ସରକାରୀ ଅନୁମୋଦନ ଅପେକ୍ଷାରେ ରହିଛି । ଦେଶର ଆଇନ ଏବଂ ନିୟମ ପାଳନ ସମସ୍ତଙ୍କ ପାଇଁ ବାଧତାମୂଳକ: ରିଲାଏନ୍ସର ଏହି ବାର୍ତ୍ତା ଅତ୍ୟନ୍ତ ସ୍ପଷ୍ଟ ଯେ, ଭାରତୀୟ ବଜାରରେ ବାଣିଜ୍ୟ କରୁଥିବା ଯେକୌଣସି ବିଦେଶୀ କିମ୍ବା ଦେଶୀ କମ୍ପାନୀ ହେଉ ନା କାହିଁକି, ସମସ୍ତଙ୍କୁ ଏଠାକାର ଆଇନ ଏବଂ ସମ୍ବିଧାନକୁ ସମ୍ମାନ ଦେବାକୁ ପଡ଼ିବ । ଯେପରି ସରକାର ସମସ୍ତଙ୍କ ପାଇଁ ସମାନ ନିୟମ ଧାର୍ଯ୍ୟ କରିଥାନ୍ତି, ଠିକ୍ ସେହିପରି ପ୍ରତ୍ୟେକ କମ୍ପାନୀ ପାଇଁ ସ୍ୱଚ୍ଛ ଏବଂ ପାରଦର୍ଶୀ ଉପାୟରେ କାମ କରିବା ଅତି ଜରୁରୀ ।

ଦେଶରେ ବେକାରି ହାର ୫%କୁ ହ୍ରାସ

ଗ୍ରାମାଞ୍ଚଳରେ ମହିଳା ବେକାରି ସର୍ବନିମ୍ନ ସ୍ତରରେ

ନୂଆଦିଲ୍ଲୀ,୧୬।୧୦: ଅଗଷ୍ଟ ମାସ ତୁଳନାରେ ସେପ୍ଟେମ୍ବର ୨୦୨୬ରେ ଭାରତର ସାମଗ୍ରିକ ବେକାରୀ ହାର ୫.୦% ରେ ସ୍ଥିର ରହିଛି। ଗୁରୁବାର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଏହି ରିପୋର୍ଟ ଜାରି କରିଛି। ତଥ୍ୟ ଅନୁଯାୟୀ, ସେପ୍ଟେମ୍ବରରେ ଗ୍ରାମୀଣ ବେକାରୀ ହାର ମୋଟାମୋଟି ଭାବେ ୪.୨% ସ୍ତରରେ ସ୍ଥିର ରହିଛି। ଅଗଷ୍ଟ ମାସରେ ଏହା ୪.୧% ଥିଲା। ଅନ୍ୟପକ୍ଷରେ ସହରାଞ୍ଚଳ ବେକାରୀ ହାର ୬.୮% ରୁ ସାମାନ୍ୟ ବୃଦ୍ଧି ପାଇ ୬.୯% ରେ ପହଞ୍ଚିଛି।

ସେହିପରି ବର୍ଷ ତୁଳନାରେ ୨୦୨୫ ଅପେକ୍ଷା ଏବର୍ଷ ଗ୍ରାମାଞ୍ଚଳରେ ବେକାରି ହାରରେ ଉଲ୍ଲେଖନୀୟ ହ୍ରାସ ଦେଖାଦେଇଛି। କାରଣ ୨୦୨୫ ସେପ୍ଟେମ୍ବର ମାସରେ ଗ୍ରାମୀଣ ବେକାରି ହାର ୪.୬ ପ୍ରତିଶତ ଥିଲା। ହେଲେ ୨୦୨୬ ସେପ୍ଟେମ୍ବରରେ ଏହା ୪.୨ ପ୍ରତିଶତକୁ ହ୍ରାସ ପାଇଛି। ବିଶେଷକରି ମହିଳା ବେକାରି ହାର ଗାଁରେ ୩.୯ ପ୍ରତିଶତକୁ ହ୍ରାସ ପାଇ ୨୦୨୬ର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (NSO) ର 'ପର୍ଯ୍ୟାୟକ୍ରମିକ ଶ୍ରମ ଶକ୍ତି ସର୍ବେକ୍ଷଣ' (Periodic Labour Force Survey) ଅନୁଯାୟୀ, ସେପ୍ଟେମ୍ବର ୨୦୨୫ ତୁଳନାରେ ଗତ ମାସରେ ସାମଗ୍ରିକ ବେକାରୀ ହାର ୦.୨% ହ୍ରାସ ପାଇ ୫.୦% ରେ ପହଞ୍ଚିଛି। ସେହିପରି, ଗ୍ରାମୀଣ ବେକାରୀ ହାର ବାର୍ଷିକ ଆଧାରରେ ୦.୪% ହ୍ରାସ ପାଇଛି। ଅର୍ଥାତ୍ ଗତ ବର୍ଷ ସେପ୍ଟେମ୍ବରରେ ଏହା ୪.୬% ଥିବାବେଳେ ସେପ୍ଟେମ୍ବର ୨୦୨୬ ରେ ୪.୨% କୁ ଖସି ଆସିଛି। ସହରାଞ୍ଚଳରେ ବେକାରି ହାର ପ୍ରାୟ ସ୍ଥିର ଗ୍ରାମାଞ୍ଚଳରେ ବେକାରୀ ହାର ହ୍ରାସ ପାଇଥିବା ବେଳେ ସହରାଞ୍ଚଳରେ ବେକାରି ହାର ପ୍ରାୟ ସ୍ଥିର ରହିଛି। ସେପ୍ଟେମ୍ବର ୨୦୨୫ରେ ବେକାରୀ ହାର ୬.୮ ପ୍ରତିଶତ ଥିବା ବେଳେ ୨୦୨୬ରେ ସମାନ ଅବଧିରେ ଏଥିରେ ସାମାନ୍ୟ ବୃଦ୍ଧି ଘଟି ୬.୯ ପ୍ରତିଶତ ହୋଇଛି। ୧୫ରୁ ଅଧିକ ବୟସ ବର୍ଗର ପୁରୁଷ ବେକାରୀ ହାର ୪.୯ରେ ସ୍ଥିର ରହିଛି। ଚଳିତ ବର୍ଷ ଜୁନ ମାସ ଠାରୁ ବେକାରୀ ହାର ହ୍ରାସ ଓ ସ୍ଥିର ପରିସ୍ଥିତିରେ ଗତି କରୁଛି। ସହରାଞ୍ଚଳରେ ମହିଳାଙ୍କ ବେକାରି ହାର ଅଗଷ୍ଟ ମାସର ୫.୧ ପ୍ରତିଶତ ଥିଲା। ହେଲେ ଏଥିରେ ସାମାନ୍ୟ ବୃଦ୍ଧି ହୋଇ ସେପ୍ଟେମ୍ବରରେ ୫.୨ ପ୍ରତିଶତ ରହିଛି। ସେହିପରି ଗ୍ରାମାଞ୍ଚଳରେ ମହିଳାଙ୍କ ବେକାରୀ ହାର ୩.୯ ପ୍ରତିଶତ ରହିଥିବା ବେଳେ ୨୦୨୬ରେ ଏହା ସର୍ବନିମ୍ନ ସ୍ତର। ସେହିରରି ସହରାଞ୍ଚଳରେ ମହିଳାଙ୍କକ ବେରୋଜଗାରୀ ହାର ଅଗଷ୍ଟର ୮.୯ ପ୍ରତିଶତରୁ ବଢ଼ି ୯.୨ ପ୍ରତିଶତ ହୋଇଛି।

ହୁଣ୍ଡାଇର ନୂତନ ୭-ସିଟର ଏମପିଭି 'ନେଇରା'

ନୂଆଦିଲ୍ଲୀ,୧୬।୧୦: ଭାରତୀୟ ବଜାରରେ ମଲ୍ଟି ପର୍ପଜ୍ ଭେଇକିଲ୍ (MPV) ବା ୭-ସିଟର ଗାଡ଼ିଗୁଡ଼ିକର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷକରି ମାରୁତି ଏର୍ଟିଗା ଏବଂ କିଆ କ୍ୟାରେନ୍ସ ଭଳି ଗାଡ଼ିଗୁଡ଼ିକ ଗ୍ରାହକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇପାରିଛି। ଏହି ସଫ

ହିଞ୍ଜିଳିକାଟୁ ଛାତ୍ର ସଂସଦ ନିର୍ବାଚନ

ସଭାପତି ପଦରେ ଏବିଭିପି ପ୍ରାର୍ଥିନୀ ସୁକନ୍ୟା, ବାକି ପଦବୀରେ ବିସିଜେଡି ବିଜୟୀ

ହିଞ୍ଜିଳିକାଟୁ,୧୬।୧୦ (ସଂଚାର ବ୍ୟୁରୋ): ସନ୍ଧ୍ୟା ସୁଦ୍ଧା ଓଡ଼ିଶାର ଅଧିକାଂଶ ସ୍ଥାନରେ ଫଳାଫଳ ଘୋଷଣା ସରିଥିଲେ ବି ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟର ନିର୍ବାଚନ ଫଳାଫଳ ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ପକ୍ଷପାତିତା ଓ ଗଣତି ବିଳମ୍ବକୁ ନେଇ ବିସିଜେଡି ଅଭିଯୋଗ ଆଣି ହଟ୍ଟଗୋଳ କରିଥିଲେ। ଶେଷରେ ରାତି ସାଢେ ୧୧ଟାରେ ଛକାପଞ୍ଝା ଭିତରେ ଆସିଥିଲା ନିର୍ବାଚନ ଫଳାଫଳ। ସଭାପତି ପଦରେ ଏବିଭିପି ପ୍ରାର୍ଥିନୀ ସୁକନ୍ୟା ପାତ୍ର ବିଜୟୀ ହୋଇଥିବା ନେଇ ଜଣାପଡିଛି। ଉପସଭାପତି ପଦରେ ବିସିଜେଡି ସମର୍ଥିତ ପ୍ରାର୍ଥୀ ଶୁଭମ ସାହୁ, ସାଧାରଣ ସମ୍ପାଦକ ପଦରେ ପପୁ ପ୍ରଧାନ ଓ ସହ ସାଧାରଣ ସମ୍ପାଦକ ପଦରେ ଅମିତ କୁମାର ଦାସ ବିଜୟୀ ହୋଇଛନ୍ତି। ନାଟ୍ୟ ସଂସଦ ସମ୍ପାଦକ ପଦରେ ପୂଜାଶ୍ରୀ ସାହୁ ଓ କ୍ରୀଡ଼ା ସମ୍ପାଦକ ବାଳକୃଷ୍ଣ ବେହେରା ନିର୍ବାଚିତ ହୋଇଥିବା ସୂଚନା ମିଳିଛି ।

ତେବେ ଦିନ ସମୟରେ ନିର୍ବାଚନ ଚାଲିଥିବା ବେଳେ ଉତ୍ତେଜନା ଓ ପ୍ରବଳ ହୋହାଲ୍ଲା ଦେଖିବାକୁ ମିଳିଥିଲା | ଏହାକୁ ନେଇ ଦୁଇ ଛାତ୍ର ଦଳ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜି ଥିବା ବେଳେ ପୋଲିସ ବୁଝାସୁଝା କରିଥିଲା | ସଭାପତି ପଦରେ ଏବିଭିପି ପ୍ରାର୍ଥିନୀ ସୁକନ୍ୟା ପାତ୍ର ବିଜୟୀ ଘୋଷଣା ପରେ କଲେଜ ସାମ୍ନାରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସମର୍ଥକଙ୍କ ମଧ୍ୟରେ ନାରାବାଜି ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଭୋଟ ଗଣତି ସରୁ ନଥିବାରୁ ବିଜେଡିର ବରିଷ୍ଠ ନେତା ଘଟଣାସ୍ଥଳରେ ପହଞ୍ଚି ଛାତ୍ରଙ୍କ ସହ ସାମିଲ ହୋଇଥିଲେ। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଘଟଣାସ୍ଥଳରେ ତହସିଲଦାର, ଉପଜିଲ୍ଲାପାଳ ଓ ଥାନାଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହିଥିବା ସହ ସ୍ଥାନୀୟ ଅଞ୍ଚଳରେ ପୁଲିସ ଛାଉଣି ହୋଇଥିଲା।

ପିପଳଭାଡ଼ିରେ ଜାତୀୟ ମହିଳା କୃଷକ ଦିବସ ପାଳିତ

କେସିଙ୍ଗା,୧୬।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପିପଳଭାଡ଼ି ଗ୍ରାମରେ ଗୁରୁବାର, ୧୫ ଅକ୍ଟୋବର ୨୦୨୬ରେ ଜାତୀୟ ମହିଳା କୃଷକ ଦିବସ ପାଳନ କରାଯାଇଛି। ମହିଳା କୃଷକଙ୍କୁ କୃଷି କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ, ସେମାନଙ୍କ ସଶକ୍ତିକରଣ ଏବଂ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକଳାପରେ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି ଅବସରରେ ପିପଳଭାଡ଼ି ଗ୍ରାମର ପାଞ୍ଚଟି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୫୦ ଜଣ ମହିଳା କୃଷକ ଓ କୃଷିଜୀବୀ ମହିଳା ଯୋଗଦେଇଥିଲେ। କୃଷିକୁ ଜୀବିକାର ମାଧ୍ୟମ ଭାବେ ଗ୍ରହଣ କରିବା ସହ ବିଭିନ୍ନ ଆନୁଷଙ୍ଗିକ କାର୍ଯ୍ୟକଳାପ ଜରିଆରେ ମହିଳାମାନେ କିପରି ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ, ସେ ନେଇ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା।

କୃଷିଜାତ ଓ ଜଙ୍ଗଲଜାତ ଉତ୍ପାଦର ମୂଲ୍ୟ ବୃଦ୍ଧି କରି ଆୟ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହୁଲ ଫୁଲ, ଡେଙ୍ଗୁଳି, ସଜନା ଓ ମାଣ୍ଡିଆ ଆଦିରୁ ବିଭିନ୍ନ ମୂଲ୍ୟଯୁକ୍ତ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସମ୍ପର୍କରେ ମହିଳାମାନଙ୍କୁ ଅବଗତ କରାଯାଇଥିଲା। ଏଥିସହ ଛତୁ ଚାଷ, ଫୁଲ ଚାଷ, କୁକୁଡ଼ା ପାଳନ, ଜିଆଖତ ପ୍ରସ୍ତୁତି ଓ ପାକଶାଳା ବଗିଚା ଭଳି ଆନୁଷଙ୍ଗିକ କୃଷି କାର୍ଯ୍ୟ ମାଧ୍ୟମରେ ଅତିରିକ୍ତ ରୋଜଗାର ସୃଷ୍ଟି କରିବାର ସମ୍ଭାବନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଏହି କାର୍ଯ୍ୟକଳାପ ମାଧ୍ୟମରେ ମହିଳାମାନେ ନିଜେ ରୋଜଗାରକ୍ଷମ ହେବା ସହ ପରିବାରର ଆୟ ବୃଦ୍ଧି ଓ ପୋଷଣ ସୁରକ୍ଷାରେ ଅବଦାନ ରଖିପାରିବେ ବୋଲି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ଏହାଦ୍ୱାରା ଗ୍ରାମୀଣ ମହିଳାଙ୍କ ଜୀବିକାରେ ବିବିଧତା ଆଣିବା ସହ କୃଷିଭିତ୍ତିକ ଉଦ୍ୟୋଗ ପ୍ରତି ଆଗ୍ରହ ବଢ଼ାଇବାର ସୁଯୋଗ ରହିଛି।

କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ମହିଳା କୃଷକମାନଙ୍କୁ ଉନ୍ନତମାନର ପନିପରିବା ଚାରା ବଣ୍ଟନ କରାଯାଇଥିଲା। ଏହା ମାଧ୍ୟମରେ ନିଜସ୍ୱ ପାକଶାଳା ବଗିଚା ଗଠନ ଓ ପନିପରିବା ଚାଷ ପ୍ରତି ମହିଳାମାନଙ୍କୁ ଉତ୍ସାହିତ କରାଯାଇଥିଲା।

ସେବା ସଂକଳ୍ପ ଅଭିଯାନରେ ମାଗଣା ହେଲମେଟ୍ ବଣ୍ଟନ କାର୍ଯ୍ୟକ୍ରମ

ବାରିପଦା,୧୬।୧୦ (ସଂଚାର ବ୍ୟୁରୋ): ସେବା ସଂକଳ୍ପ ଅଭିଯାନ ଅବସରରେ ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକ୍ ଅନ୍ତର୍ଗତ ବଡ଼ ଦେଉଳିଠାରେ ସଡ଼କ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି ଏବଂ ଦୁଇଚକିଆ ଯାନ ଚାଳକଙ୍କୁ ହେଲମେଟ୍ ବ୍ୟବହାର ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ମାଗଣା ହେଲମେଟ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷାର ଗୁରୁତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ ।

ମୁଖ୍ୟ ଅତିଥି ଡଃ ମହାପାତ୍ର ତାଙ୍କ ଅଭିଭାଷଣରେ, "ସଡ଼କ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ । ଦୁଇଚକିଆ ଯାନ ଚଳାଇବା ସମୟରେ ନିୟମିତ ହେଲମେଟ୍ ବ୍ୟବହାର ଏବଂ ଟ୍ରାଫିକ୍ ନିୟମ ପାଳନ ଦୁର୍ଘଟଣାଜନିତ ମୃତ୍ୟୁ ଓ ଗୁରୁତର ଆଘାତର ଆଶଙ୍କା କମାଇବାରେ ସହାୟକ ହୁଏ । ସମସ୍ତେ ନିଜ ସୁରକ୍ଷା ସହ ଅନ୍ୟମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ସଚେତନ ରହିବା ଆବଶ୍ୟକ" ବୋଲି ସେ ମତ ପ୍ରକାଶ କରିଛନ୍ତି ।

କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସହ୍ୟ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଡୁପାଲ୍ଲୀ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଶୁଳିଆପଦା ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀ ଏବଂ ତହସିଲଦାର ନାରାନ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଯାତାୟାତକାରୀଙ୍କୁ ମାଗଣାରେ ହେଲମେଟ୍ ବଣ୍ଟନ କରାଯାଇଥିଲା । ଏଥିସହ ଟ୍ରାଫିକ୍ ନିୟମ ପାଳନ କରିବା ଓ ଦାୟିତ୍ୱପୂର୍ଣ୍ଣ ଭାବେ ଯାନ ଚାଳନା କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ।

ନବୀନ ନିବାସରେ କାକଟପୁରର ଜେନ୍-ଜି ସେନା

ପଞ୍ଚାୟତ ପାଇଁ ରଣହୁଙ୍କାର

ମଙ୍ଗଳା ମହାବିଦ୍ୟାଳୟରେ ବି ସିଜେଡି କ୍ଲିନ ସୁଇପ୍

ନବୀନ ନିବାସ ପହଞ୍ଚି ଜନ୍ମଦିନ ଶୁଭେଚ୍ଛା ଜଣାଇଲେ

କାକଟପୁର/ଅସ୍ତରଙ୍ଗ,୧୬।୧୦ (ସଂଚାର ବ୍ୟୁରୋ): ଏହା କାକଟପୁରର ଆଗାମୀ ରାଜନୀତିର ଚିତ୍ର। ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀର ସର୍ବ ପୁରାତନ ମଙ୍ଗଳା ମହାବିଦ୍ୟାଳୟରେ ଇତିହାସ ରଚି ସଭାପତି ସମେତ ସମସ୍ତ ୧୫ ପଦବୀରେ କ୍ଲିନ ସୁଇପ୍ କରିଥିବା ବିଜୁ ଛାତ୍ର ଜନତା ଦଳର ବିଜୟୀ ଛାତ୍ର ନେତା ଶୁକ୍ରବାର ଭୁବନେଶ୍ୱର ନବୀନ ନିବାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି।

ଶପଥ ଗ୍ରହଣ ପରେ ସିଧା ନବୀନ ନିବାସ। ନବୀନଙ୍କୁ ଘେରି ଜୟଘୋଷ ଦେଉଛନ୍ତି ଛାତ୍ର। କେହି ମୋବାଇଲରେ ଫଟୋ ନେଉଛନ୍ତି, କେହି ହାତ ଉଠାଇ ନବୀନ ଜିନ୍ଦାବାଦ ନାରା ଦେଉଛନ୍ତି। ଏହି ଅବସରରେ ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସ୍ୱାଧୀନ ନାୟକ, ଯୁବ ଛାତ୍ର ବିଜେଡି ସଭାପତି କାକଟପୁର ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ସମସ୍ତଙ୍କୁ ଆଶୀର୍ବାଦ ଦେଇ କହିଥିଲେ - ଛାତ୍ର ସମାଜ ହିଁ ଭବିଷ୍ୟତ।ମଙ୍ଗଳା ମହାବିଦ୍ୟାଳୟରେ ମୋଟ ୮୬୦ ଛାତ୍ରଙ୍କ ମଧ୍ୟରୁ ୭୪୬ ମତଦାନ। ସଭାପତି ପ୍ରାର୍ଥୀ ଅଳକାନନ୍ଦା ବେହେରାଙ୍କ ନେତୃତ୍ୱରେ ପୁରା ପ୍ୟାନେଲ ବିଜୟୀ। କିନ୍ତୁ ଏହା ପଛର ରାଜନୀତି ବଡ଼। ନାମାଙ୍କନ ଦିନ ଅସ୍ତରଙ୍ଗରୁ ବିଶାଳ ରାଲି କରି ଶାସକ ଗୋଷ୍ଠୀ ଶକ୍ତି ପ୍ରଦର୍ଶନ କରିଥିଲେ,ଭୋଟ ଗଣତି ସମୟରେ ହାଇଡ୍ରାମା ହୋଇଥିଲା। ତଥାପି ଜେନ-ଜି ମୁହଁ ମୋଡିଲା ନାହିଁ। ଏହା ହିଁ ଏବେ ପଞ୍ଚାୟତ ନିର୍ବାଚନ ପାଇଁ ଟ୍ରେଲର ପାଲଟିଛି।ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି, ଏହି ବିଜୟ ପ୍ରମାଣ କରୁଛି ନବୀନ ପଟ୍ଟନାୟକଙ୍କ ପ୍ରତି ଯୁବପିଢ଼ିର ଭରସା ଏବେ ବି ଅତୁଟ। ନବୀନ ପଟ୍ଟନାୟକ ଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଛନ୍ତି।

ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହି ଜେନ-ଜି ଫ୍ୟାକ୍ଟର ହିଁ ନିର୍ଣ୍ଣାୟକ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ହେମଗିରଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା–୨୦୨୬

ସୁନ୍ଦରଗଡ଼,୧୬।୧୦ (ସଂଚାର ବ୍ୟୁରୋ): ହେମଗିରସ୍ଥିତ ପ୍ରାଣୀ ଚିକିତ୍ସାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୬ ଆୟୋଜିତ ହୋଇଯାଇଛି। ବୈଜ୍ଞାନିକ ପଦ୍ଧତିରେ ପ୍ରାଣୀ ପାଳନ, ମତ୍ସ୍ୟଚାଷ, ଦୁଗ୍ଧ ଉତ୍ପାଦନ, କୁକୁଡ଼ା ପାଳନ ତଥା ଗ୍ରାମୀଣ ଜୀବିକାର ଉନ୍ନତି ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଚାଷୀ, ଛାତ୍ରଛାତ୍ରୀ, ବିଭିନ୍ନ ବିଭାଗର ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଉତ୍ସାହର ସହ ଯୋଗଦାନ କରିଥିଲେ।

ଏହି ମେଳାରେ ସୁନ୍ଦରଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଜନଜାତି ପରାମର୍ଶଦାତା ପରିଷଦର ସଦସ୍ୟା କୁସୁମ ଟେଟେ, ହେମଗିର ଜିଲ୍ଲା ପରିଷଦ ସଦସ୍ୟା ମହିମା ସେଠ୍ ଏବଂ ହେମଗିର ପଞ୍ଚାୟତ ସମିତି ସଦସ୍ୟା ମାନସୀ ଦର୍ଜୀ ଯୋଗଦେଇଥିଲେ। ଏହା ସହିତ ସୁନ୍ଦରଗଡ଼ ସାଂସଦଙ୍କ ପ୍ରତିନିଧି ଅରୁଣ ପ୍ରଧାନ ଏବଂ ସମାଜ ସେବୀ କୃଷ୍ଣ ଓରାମ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଥିଲେ।

ଅତିଥିମାନେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଇ ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ବାର୍ତ୍ତା ଦେଇଥିଲେ। ମେଳାର ଅନ୍ୟତମ ଆକର୍ଷଣ ଥିଲା "ଗୋ-ସାଥୀ" ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧୀନରେ ଚାରି ଜଣ ହିତାଧିକାରୀଙ୍କୁ ଗାଈ ବଣ୍ଟନ। ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍, ମନୋହରପୁର ଖଣିର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପାଣ୍ଠି ସହଯୋଗରେ ଏବଂ ସେବକ ଏନ୍‌ଜିଓର ସହଭାଗିତାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା।

ଦୁଗ୍ଧ ଉତ୍ପାଦନ ଓ ସଂଗ୍ରହ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ଦୁଗ୍ଧ ସମବାୟ ସମିତିର ଦୁଗ୍ଧ ଯୋଗାଣକାରୀ ସଦସ୍ୟମାନଙ୍କୁ ୨୪ଟି ଦୁଗ୍ଧ କ୍ୟାନ୍ ବଣ୍ଟନ କରାଯାଇଥିଲା। ଏଥିସହ ମୁଖ୍ୟ ଅତିଥି ଶ୍ରୀ ସନ୍ତୋଷ କୁମାର ଅମାତ ସାଙ୍ଗମୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସରବାହାଲ ଗ୍ରାମ ଏବଂ ଡୁମୁଲିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାହସପୁର ଗ୍ରାମରେ ଦୁଇଟି ନୂତନ ଦୁଗ୍ଧ ସମବାୟ ସମିତିର ଉଦ୍‌ଘାଟନ କରିଥିଲେ। ଏହି ପଦକ୍ଷେପ ଦ୍ୱାରା ଦୁଗ୍ଧ ସଂଗ୍ରହ ବ୍ୟବସ୍ଥାରେ ଉନ୍ନତି ଆସିବା ସହ ଗୋପାଳକଙ୍କ ଆୟ ବୃଦ୍ଧିରେ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଥିଲା।

କାର୍ଯ୍ୟକ୍ରମରେ ସାତଟି ଗୋ- ଏହେଡ ଅନୁମୋଦନ ପତ୍ର ବଣ୍ଟନ ଏବଂ ତିନୋଟି ସବ୍‌ସିଡି ଅର୍ଥରାଶି ମଞ୍ଜୁର କରାଯାଇଥିଲା।

ବିସ୍ଥାପିତ ଡୁଲିଙ୍ଗାବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର

ସୁନ୍ଦରଗଡ଼,୧୬।୧୦ (ସଂଚାର ବ୍ୟୁରୋ): ବିସ୍ଥାପିତ ଡୁଲିଙ୍ଗା ଗ୍ରାମବାସୀଙ୍କ ର ବିଭିନ୍ନ ସମସ୍ୟା ର ସମାଧାନ ନିମନ୍ତେ ଆହ୍ୱାନ ସୋସିଆଲ ଓ ୱେ ଲ ଫେ ୟ । ର ଆସୋସିଏସନ ତଥା ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ଦେଇଥିଲେ । ଗ୍ରାମର ଉନ୍ନତି ଓ ସ୍ଥାନୀୟ ବିସ୍ଥାପିତ ପରିବାର ମାନଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଯଥା ଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ । ଦାବୀ ଗୁଡିକ ହେଲା ଯଥା: ଡୁଲିଙ୍ଗା କଲୋନୀସ୍ଥିତ ରାମ ମନ୍ଦିର ନିକଟରେ ଥିବା ପୋଖରୀର ଡୁରନ୍ତ ମରାମତି ତଥା ପୁନଃ ଉଦ୍ଧାର କାର୍ଯ୍ୟ କରାଯାଉ । କଲୋନୀରେ ଥିବା ଲାଇଟ ଗୁଡିକ ନିୟମିତ ରକ୍ଷଣା ବେକ୍ଷଣ କରାଯାଉ । ସ୍ଥାନୀୟ ବିସ୍ଥାପିତମାନଙ୍କୁ ପ୍ରାଥମିକତା ଦେଇ ନିଯୁକ୍ତି ପ୍ରଦାନ କରାଯାଉ । ମହିଳା ମାନଙ୍କୁ ପ୍ରକୃତ ରୋଜଗାରକ୍ଷମ ପ୍ରଶିକ୍ଷଣ ଓ ଆର୍ଥିକ ସ୍ୱାବଲମ୍ବୀ ହେବାର ସୁଯୋଗ ଦିଆଯାଉ । ଆହ୍ୱାନ ସୋସିଆଲ ୱେଲଫେୟାର ଆସୋସିଏସନର ସଭାପତି ସୁମିତା ପଟେଲଙ୍କ ନେତୃତ୍ୱରେ ସମ୍ପାଦକ ଯକ୍ଷ୍ୟ ସିଂହ ମାଝୀଙ୍କ ସମେତ ସମସ୍ତ ସଦସ୍ୟ ଏବଂ ବିସ୍ଥାପିତ ଗ୍ରାମବାସୀ ଉପସ୍ଥିତ ଥିଲେ ।

ଭାଗବତ ଟୁଙ୍ଗିର ତାଲା ଖୋଲିଲା ପ୍ରଶାସନ

ସୁନ୍ଦରଗଡ଼,୧୬।୧୦ (ସଂଚାର ବ୍ୟୁରୋ): ଟାଙ୍ଗରପାଲି ତହସିଲ ତସଲାଡ଼ିହି ଆରଆଇ ସର୍କଲ ଅନ୍ତର୍ଗତ ବୁଢ଼ାବାହାଲ ଗ୍ରାମ କୁଦରପଡା ସରକାରୀ ଜମିରେ ଥିବା ଏକ ଭାଗବତ ଟୁଙ୍ଗିର ଦାୟିତ୍ୱ ସ୍ଥାନୀୟ ସରପଞ୍ଚଙ୍କୁ ହସ୍ତାନ୍ତର କରାଯାଇଛି। ଏହା ପରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ଡିଲେଶ୍ୱର କଉଡ଼ି ଦୀର୍ଘ ବର୍ଷ ଧରି ଉକ୍ତ ଭାଗବତ ଟୁଙ୍ଗିକୁ ନିଜ ଦଖଲରେ ରଖିଥିବା ଗ୍ରାମବାସୀଙ୍କ ଠାରୁ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ସ୍ମୃତି ସୌମ୍ୟା ଦାସ,ରାଜସ୍ୱ ବିଭାଗର ସୁପର ଭାଇଜର ମନୋଜ କୁମାର ରାଏ, ତସଲାଡ଼ିହି ଆରଆଇ ପୂଜା ଚୌଧୁରୀ ଏବଂ ପୋଲିସ ଟିମଙ୍କ ଉପସ୍ଥିତିରେ ଭାଗବତ ଟୁଙ୍ଗିର ତାଲା ଖୋଲାଯାଇଥିଲା। ପରେ ଉପସ୍ଥିତ ଗ୍ରାମବାସୀଙ୍କ ସାମ୍ନାରେ ଏହାର ଦାୟିତ୍ୱ ସରପଞ୍ଚଙ୍କୁ ହସ୍ତାନ୍ତର କରାଯାଇଥିଲା।

ସମସ୍ତ କଳାକାରଙ୍କୁ ସମାନ ସୁଯୋଗ ପ୍ରଦାନ ଦାବି

ଢେଙ୍କାନାଳ,୧୬।୧୦ (ସଂଚାର ବ୍ୟୁରୋ): ଜିଲ୍ଲାର ସମସ୍ତ କଳାକାରଙ୍କୁ ସରକାରୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମାନ ସୁଯୋଗ ପ୍ରଦାନ ସହ ସେମାନଙ୍କୁ ଆବଶ୍ୟକ ସାହାଯ୍ୟ ଓ ସହଯୋଗ ଯୋଗାଇଦେବା ଦାବିରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାରେ ରହିଥିବା ବିଭିନ୍ନ କଳା, ସଂସ୍କୃତି ଓ ପାରମ୍ପରିକ କଳାକୁ ଉଜ୍ଜୀବିତ ରଖିବା ସହ କଳାକାରମାନଙ୍କ ପ୍ରତିଭାର ବିକାଶ ନିମନ୍ତେ ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଏହି ଦାବିପତ୍ରରେ ଅନୁରୋଧ କରାଯାଇଛି।

କଳା ଓ ସଂସ୍କୃତି ହେଉଛି ଏକ ଅଞ୍ଚଳର ପରିଚୟ। ଲୋକନୃତ୍ୟ, ଲୋକସଙ୍ଗୀତ, ନାଟକ, ଭଜନ, ପାଲା, ଦାସକାଠିଆ, ଲୋକକଳା ଓ ବିଭିନ୍ନ ପାରମ୍ପରିକ କଳା ମାଧ୍ୟମରେ କଳାକାରମାନେ ଆମ ସଂସ୍କୃତି ଓ ପରମ୍ପରାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇଥାନ୍ତି। ତେବେ ସରକାରୀ ସାଂସ୍କୃତିକ ଉତ୍ସବ, ମହୋତ୍ସବ ଓ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଯୋଗ୍ୟ କଳାକାରଙ୍କୁ ସମାନ ଭାବେ ଅଂଶଗ୍ରହଣର ସୁଯୋଗ ମିଳିବା ଆବଶ୍ୟକ ବୋଲି ଦାବି ଉଠିଛି। ଦାବିପତ୍ରରେ କଳାକାରମାନଙ୍କୁ କାର୍ଯ୍ୟକ୍ରମରେ ସୁଯୋଗ ଦେବା ସମୟରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରିବା ସହ ଯୋଗ୍ୟତା, ଅଭିଜ୍ଞତା ଓ କଳାର ମାନକୁ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି। ଏଥିସହ ଜିଲ୍ଲାର ଗ୍ରାମାଞ୍ଚଳରେ ରହିଥିବା ପ୍ରତିଭାବାନ କଳାକାରମାନଙ୍କୁ ମଧ୍ୟ ଚିହ୍ନଟ କରି ସେମାନଙ୍କୁ ଜିଲ୍ଲାସ୍ତରୀୟ ତଥା ରାଜ୍ୟସ୍ତରୀୟ ସାଂସ୍କୃତି

SANCHAR
ସଂଚାର
ଶନିବାର ୧୭ ଅକ୍ଟୋବର ୨୦୨୬

୩୦ ପରେ ସୁସ୍ଥ ରହିବେ କେମିତି

୩୦ ବର୍ଷ ବୟସ ଅତିକ୍ରମ କରିବା ଏକ ଉଲ୍ଲେଖନୀୟ ଉପଲବ୍ଧି ବୋଲି ସଂପ୍ରତି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି। ଏହା ଜୀବନକୁ ଉପଭୋଗ କରିବାର ଅବସର ଆଣିବା ସହିତ ନିଜର ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ପ୍ରାଧାନ୍ୟ ଦେବାର ସତର୍କଘଣ୍ଟି ମଧ୍ୟ ବଜାଇଥାଏ। ସ୍ୱାସ୍ଥ୍ୟପ୍ରଦ ଖାଦ୍ୟାଭ୍ୟାସ, ନିୟମିତ ବ୍ୟାୟାମ, ସୁନିଦ୍ରା ଏବଂ ଏସବୁ ଭିତରେ ସନ୍ତୁଳନ ରଖିବା ପରି କିଛି ସହଜ ଉପାୟ ଦ୍ୱାରା ଜଣେ ସୁସ୍ୱାସ୍ଥ୍ୟ ବଜାୟ ରଖିପାରିବ। ଏଥି ସହିତ ହୃଦ୍‌ରୋଗ ଓ ମଧୁମେହ ପରି ରୋଗ ଆଶଙ୍କାରୁ ମଧ୍ୟ ଦୂରରେ ରହି ଦୀର୍ଘସ୍ଥାୟୀ ସୁସ୍ଥତା ଆହରଣ କରିପାରିବ। ସେଥିପାଇଁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଉଚିତ।

ସାଧାରଣତଃ ୩୦ ବର୍ଷ ପରେ ପୁରୁଷମାନଙ୍କର ସ୍ୱାଭାବିକ ଭାବେ ଦଶକ ପିଛା ୩ରୁ ୫ ପ୍ରତିଶତ ମାଂସପେଶୀ ବସ୍ତୁତ୍ୱରେ ହ୍ରାସ ଘଟିଥାଏ। ଏହାକୁ ପ୍ରତିହତ କରିବା ପାଇଁ ସପ୍ତାହକୁ ଅତି କମ୍‌ରେ ଦୁଇଥର ୱେଟ୍‌ଲିଫ୍‌ଟିଂ କିଂବା ରେଜିଷ୍ଟାନ୍‌ସ ବ୍ୟାୟାମ କରିବା ଭଲ। ସେହିପରି ମାଂସପେଶୀକୁ ସଂରକ୍ଷିତ କରି ରଖିବା ଲାଗି ମାଂସ, ଦୁଗ୍ଧଜାତ ଖାଦ୍ୟ, ଶୁଷ୍କ ଫଳ ଓ ଡାଲିଜାତୀୟ ଖାଦ୍ୟ ପରି ପୁଷ୍ଟିସାର ସମ୍ବଳିତ ଭୋଜନ କରିବା ଦରକାର।

ଶରୀରକୁ ସର୍ବଦା ଆର୍ଦ୍ର ରଖିବା ପାଇଁ ପ୍ରଚୁର ପାଣି ପିଇବା ଦରକାର। ଏହା ହଜମକ୍ରିୟାରେ ସହାୟକ ହେବା ସହ ମାଂସପେଶୀର ସକ୍ରିୟତା ବଢ଼ାଇଥାଏ।

ବୟସ ବଢ଼ିବା ସହ ଶରୀର ଗଠନରେ ମନ୍ଥରତା ଆସୁଥିବା ବେଳେ ଅନେକଙ୍କର ଓଜନ ବଢ଼ିବା ଦେଖାଯାଇଥାଏ। ବିଶେଷ କରି ତଳିପେଟ ଆକାରରେ ଅହେତୁକ ବୃଦ୍ଧି ଘଟିଥାଏ। ତେଣୁ ଅଣ୍ଟାର ମାପ ଉପରେ ଦୃଷ୍ଟି ରଖିବା ଗୁରୁତ୍ୱପୂର୍ଣ୍ଣ। କାରଣ ମୋଟାପଣ ହୃଦ୍‌ରୋଗ ଓ ଟାଇପ୍-୨ ମଧୁମେହ ରୋଗର ଆଶଙ୍କା ବଢ଼ାଇଥାଏ। ପ୍ରକ୍ରିୟାକୃତ ଖାଦ୍ୟ, ମାତ୍ରାଧିକ ଲୁଣ ଓ ମଧୁମିଶ୍ରିତ ପାନୀୟ ଛାଡ଼ି ଫଳମୂଳ, ସବୁଜ ପନିପରିବା ଓ ଶସ୍ୟ ସମ୍ବଳିତ ଖାଦ୍ୟ ସାଙ୍ଗକୁ ମଧ୍ୟମ ଧରଣର ଶାରୀରିକ କାର୍ଯ୍ୟ ଓ ଶ୍ୱାସକ୍ରିୟା ବ୍ୟାୟାମ ଦ୍ୱାରା ଅଣ୍ଟା ପରିମାପକୁ ବଜାୟ ରଖିହେବ। ମାଛ ବା ଅନ୍ୟ ଉତ୍ସରୁ ଓମେଗା-୩ ଚର୍ବିଳାମ୍ଳ ଗ୍ରହଣ କରି ହୃଦ୍‌ରୋଗ ଆଶଙ୍କାକୁ ହ୍ରାସ କରିବା ସମ୍ଭବ।

ଶାରୀରିକ ବ୍ୟାୟାମ ପରି ମାନସିକ ବ୍ୟାୟାମ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆନନ୍ଦ ଦେଉଥିବା ଅଭ୍ୟାସଗୁଡ଼ିକୁ ଆପଣେଇବା ସମେତ ସାଙ୍ଗସାଥୀ ଓ ବନ୍ଧୁ-ପରିଜନଙ୍କ ସହ ନିୟମିତ ସଂପର୍କରେ ରହି ମାନସିକ ସୁସ୍ଥତା ବଜାୟ ରଖିବା ଦରକାର। ସର୍ବୋପରି ଧୂମପାନ ଓ ମଦ୍ୟପାନ ତ୍ୟାଗ କରିବା ଅପରିହାର୍ଯ୍ୟ। ୪୦ ବର୍ଷ ବୟସ ପୂର୍ବରୁ ଏପରି କରିପାରିଲେ ଅକାଳ ମୃତ୍ୟୁ ଆଶଙ୍କା ହ୍ରାସ ହୋଇଥାଏ ବୋଲି ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ସେହିପରି ନିଜର କାର୍ଯ୍ୟଶୈଳୀ ଓ ଜୀବନଶୈଳୀ ମଧ୍ୟରେ ତାଳମେଳ ରଖିବା ଗୁରୁତ୍ୱପୂର୍ଣ୍ଣ। ଦିନକୁ ଅନ୍ତତଃ ୭ରୁ ୯ ଘଣ୍ଟା ନିଦ୍ରା ଯିବା ବିଧେୟ।

ବୟସ ୩୦ ବର୍ଷ ଅତିକ୍ରମ କଲେ ଶରୀରର କ୍ଷମତା ହ୍ରାସ ପାଇବା ଆରମ୍ଭ କରେ ସତ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରହି କେତେକ ଭଲ ଅଭ୍ୟାସ ଆରମ୍ଭ କଲେ ଜୀବନକୁ ଦୀର୍ଘ ଓ ନିରାମୟ କରିବା ସମ୍ଭବ।

ଅପରାଧ ତଦନ୍ତରେ ନିର୍ଣ୍ଣାୟକ ଫରେନ୍‌ସିକ୍ ବିଜ୍ଞାନ

↘ ଫରେନ୍‌ସିକ୍ ମେଡିସିନ୍ ବିଭାଗର ମୁଖ୍ୟ କାମ କ'ଣ ?

ଫରେନ୍‌ସିକ୍ ମେଡିସିନ୍ ମୁଖ୍ୟତଃ ସେହିମାନଙ୍କର ପରୀକ୍ଷା ଓ ମୂଲ୍ୟାଙ୍କନ ସହ ସମ୍ପୃକ୍ତ, ଯେଉଁମାନଙ୍କର ବାହ୍ୟ ପ୍ରଭାବ ଯେପରିକି ଆଘାତ, ବିଷକ୍ରିୟା ଦ୍ୱାରା ମୃତ୍ୟୁ ହୋଇଥିବା ଦାବି କରାଯାଏ। ଏହା ସେହି ଅଭିଯୁକ୍ତମାନଙ୍କର ପରୀକ୍ଷା ମଧ୍ୟ କରେ ଯେଉଁମାନେ ଅନ୍ୟ ଜଣକୁ ଆହତ କରିଥିବା ପୁଲିସ ସନ୍ଦେହ କରିଥାଏ।

↘ ଫରେନ୍‌ସିକ୍ ଚିକିତ୍ସା ବିଜ୍ଞାନ କାହିଁକି ଜରୁରି ?

ଅପରାଧ ତଦନ୍ତ, ବୈଧାନିକ ପ୍ରକ୍ରିୟା, ଜନସ୍ୱାସ୍ଥ୍ୟ, ବୀମା ଦାବି ଓ ମାନବାଧିକାର ଆଦି ପାଇଁ ଫରେନ୍‌ସିକ୍ ଚିକିତ୍ସା ବିଜ୍ଞାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା ମୃତ୍ୟୁର କାରଣ ଓ ପ୍ରକାର ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ। ଏହା ଅପରାଧର ସାକ୍ଷ୍ୟ ପ୍ରଦାନ ସହ ଅପରାଧୀ ଚିହ୍ନଟ କରିଥାଏ। ଏହାଦ୍ୱାରା ମହାମାରୀ ବା କୌଣସି ଶିଳ୍ପର ପ୍ରଦୂଷଣ ଯୋଗୁଁ ହୋଇଥିବା ମୃତ୍ୟୁ ରହସ୍ୟକୁ ଉନ୍ମୋଚନ କରାଯାଇପାରେ, ଯାହା ଜନସ୍ୱାସ୍ଥ୍ୟ ମାମଲା ବା ସୁରକ୍ଷା ନିୟମାବଳୀ କ୍ଷେତ୍ରରେ ଉପଯୋଗୀ ହୁଏ। ଏହା ମୃତ୍ୟୁର ସଠିକ୍ କାରଣ ଠାବ କରି ବୀମା ଦାବି ସମ୍ବନ୍ଧୀୟ ବିବାଦ ସମାଧାନରେ ସାହାଯ୍ୟ କରେ। ଏଥି ସହିତ ମାନବାଧିକାର ଉଲ୍ଲଂଘନ ଓ ଯୁଦ୍ଧ ଅପରାଧର ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ପୀଡ଼ିତଙ୍କୁ ନ୍ୟାୟ ସୁନିଶ୍ଚିତ କରେ।

ଡାକ୍ତର ଗୀତା ଚୌବେ
ଆସିଷ୍ଟାଣ୍ଟ ପ୍ରଫେସର, ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ୍ ଟକ୍ସିକୋଲୋଜି, ଭିମ୍‌ସାର୍, ବୁର୍ଲା

↘ ଏହି ବିଭାଗ ଆଉ କେଉଁ କେଉଁ ଦିଗରେ ତଦନ୍ତ ଓ ପରୀକ୍ଷଣ କରେ ?

ଫରେନ୍‌ସିକ୍ ପାଥୋଲୋଜି ଅଟୋପ୍‌ସି, ଟକ୍ସିକୋଲୋଜି ଓ ହିଷ୍ଟୋଲୋଜି ଆଦି ତିନିଟି ଶାଖାରେ ବିଭକ୍ତ। ପାଥୋଲୋଜିଷ୍ଟମାନେ ମୃତ୍ୟୁର କାରଣ, ପଦ୍ଧତି ଓ ଯନ୍ତ୍ରଣା ନିର୍ଣ୍ଣୟ କରିବାକୁ ମୃତଦେହ ପରୀକ୍ଷା କରନ୍ତି। ସେମାନେ ଶରୀର ସଂରଚନା ଯାଞ୍ଚ କରନ୍ତି ଏବଂ ରୋଗ ବା ଆଘାତର ଚିହ୍ନ ଦେଖନ୍ତି। ଟକ୍ସିକୋଲୋଜିରେ ରକ୍ତ, ମୂତ୍ର ଓ ଶରୀରର ଅନ୍ୟାନ୍ୟ ତରଳ ପଦାର୍ଥରେ ଔଷଧ, ମଦ୍ୟପାନ, ବିଷ ଓ ଅନ୍ୟ ବିଷାକ୍ତ ପଦାର୍ଥର ମିଶ୍ରଣ ଦେଖାଯାଏ। ହିଷ୍ଟୋଲୋଜିରେ ତନ୍ତୁ ନମୁନାକୁ ମାଇକ୍ରୋସ୍କୋପରେ ଯାଞ୍ଚ କରାଯାଏ। ଏହା ରୋଗ ସଂକ୍ରମଣ, ଆଘାତର ପ୍ରଭାବ ବୁଝିବାକୁ ସାହାଯ୍ୟ କରେ।

↘ କ୍ଲିନିକାଲ୍ ଫରେନ୍‌ସିକ୍ ବିଭାଗର କାମ କ'ଣ ?

ଚିକିତ୍ସକମାନେ ଜୀବିତ ବ୍ୟକ୍ତିଙ୍କର ଆଘାତ ସମ୍ପର୍କରେ ନିରୀକ୍ଷଣ କରି ଦସ୍ତାବିଜ ତିଆରି କରନ୍ତି। ବିଶେଷ କରି ଆକ୍ରମଣ, ଘରୋଇ ହିଂସା ଓ ଶିଶୁ ନିର୍ଯାତନା ମାମଲାରେ ଆଇନଗତ ପ୍ରମାଣ ପାଇଁ ଆଘାତରୁ ଯଥେଷ୍ଟ ପ୍ରମାଣ ସଂଗ୍ରହ କରାଯାଇପାରେ। ସେହିପରି ଯୌନ ନିର୍ଯାତନା ମାମଲାରେ ମଧ୍ୟ ଶାରୀରିକ ପରୀକ୍ଷା ପରେ ଆଘାତ ରେକର୍ଡ କରାଯାଏ ଏବଂ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଏ। ଫରେନ୍‌ସିକ୍ ଚିକିତ୍ସକମାନେ ଏକ ବିସ୍ତୃତ ଚିକିତ୍ସା ରିପୋର୍ଟ ପ୍ରସ୍ତୁତ କରନ୍ତି, ଯାହାକୁ ଅଦାଲତରେ ଏକ ବଡ଼ ସାକ୍ଷ୍ୟ ଭାବେ ଉପସ୍ଥାପିତ କରାଯାଏ।

↘ ଫରେନ୍‌ସିକ୍ ଲ୍ୟାବ୍‌ରେ ଦାନ୍ତ ଓ ଶରୀର ଖଣ୍ଡରୁ ବି ପୀଡ଼ିତଙ୍କୁ ଚିହ୍ନଟ କରିବା ସମ୍ଭବ କି ?

ଦନ୍ତ ଡାକ୍ତରମାନେ ଅଚିହ୍ନା ମୃତଦେହମାନଙ୍କ ସହ ଦନ୍ତ ରେକର୍ଡ, ଏକ୍ସ-ରେ ଓ ଫଟୋଗୁଡ଼ିକର ସମ୍ମିଶ୍ରଣ କରି ପୀଡ଼ିତଙ୍କୁ ଚିହ୍ନିତ କରନ୍ତି। ଦୁର୍ଘଟଣାରେ ବିକୃତ ହୋଇଯାଇଥିବା ବ୍ୟକ୍ତିଙ୍କ ପରିଚୟ ଏଥିରୁ ହିଁ ଜଣାପଡ଼େ। ମୃତ ଶରୀରରେ ଦାନ୍ତର କାମୁଡ଼ା ଚିହ୍ନ ଥିଲେ ବି ସେଥିରୁ ଦାନ୍ତର ଢାଞ୍ଚା ଆଣି ଅଭିଯୁକ୍ତ ଅପରାଧ କରିଛି କି ନାହିଁ ଚିହ୍ନଟ କରାଯାଏ। ଫରେନ୍‌ସିକ୍ ଆନ୍ଥ୍ରୋପୋଲୋଜିଷ୍ଟମାନେ ମଣିଷର ଖଣ୍ଡ ଖଣ୍ଡ ଶରୀରରୁ ମୃତକଙ୍କ ବୟସ, ଲିଙ୍ଗ, ଆକୃତି ଓ ସେ କେଉଁ ରୋଗରେ ପୀଡ଼ିତ ଥିଲେ ତାହା ଜାଣିପାରନ୍ତି।

ଉପାଦେୟ ଘିଅ

ଖାଦ୍ୟର ସ୍ୱାଦ ତଥା ସୁଗନ୍ଧ ବଢ଼ାଇବା, ଜୀର୍ଣ୍ଣକ୍ରିୟାକୁ ସୁଗମ କରିବା ଓ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପରି ଘିଅର ଅନେକ ସ୍ୱାସ୍ଥ୍ୟପ୍ରଦ ଗୁଣ ରହିଛି। ସେଭଳି କିଛି ସୁଗୁଣ ବାବଦରେ ଜାଣିବା।

ଆମ ପାକଘଲୀରେ ଥିବା ଉପକାରୀ ବୀଜାଣୁଗୁଡ଼ିକ ଘିଅରେ ଥିବା ବ୍ୟୁଟିରେଟ୍ ତତ୍ତ୍ୱକୁ ଭାଙ୍ଗି ବ୍ୟୁଟିରିକ୍ ନାମକ ଏକ ଚବଳାମ୍ଳରେ ପରିଣତ କରିଥା'ନ୍ତି, ଯାହା ଆମ ବୃହଦାନ୍ତ୍ରର ଜୀବକୋଷମାନଙ୍କ ପାଇଁ ଏକ ଶକ୍ତିପ୍ରଦ ଉତ୍ସ। ସୁତରାଂ ଘିଅ ହଜମକ୍ରିୟାକୁ ସୁଗମ କରିଥାଏ। ଘିଅ ଖାଇବା ଦ୍ୱାରା ପେଟ ଫୁଲିବା ସମସ୍ୟା ଦୂର ହୋଇଥାଏ। ଘିଅରେ ଥିବା ଉଚ୍ଚମାନର ଓମେଗା ଚର୍ବିଳାମ୍ଳ ଓଜନ ହ୍ରାସ ପାଇଁ ସହାୟକ ହୋଇଥାଏ। ଘିଅରେ ପ୍ରଚୁର ପରିମାଣର ଭିଟାମିନ୍ ଡି, କେ, ଇ ଓ ଏ ପରି ଚର୍ବି-ଦ୍ରବଣୀୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରହିଛି। ତେଣୁ ଘିଅ ଖାଇବା ଦ୍ୱାରା ଆମର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ। ଦେଶୀ ଘିଅର ଆଣ୍ଟିଫଙ୍ଗାଲ୍, ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି। ତେଣୁ ଏହା ଥଣ୍ଡା, କାଶ, ଫ୍ଲୁ ଓ ବିଭିନ୍ନ କ୍ଷତିକାରକ ବୀଜାଣୁ କବଳରୁ ରକ୍ଷା କରିଥାଏ। ଘିଅ ମସ୍ତିଷ୍କ କ୍ରିୟାକୁ ଉନ୍ନତ କରିଥାଏ। ଏହା ବିଭିନ୍ନ ଜୀବକୋଷ ଓ ତନ୍ତୁକୁ ନଷ୍ଟ ହେବାରୁ ବଞ୍ଚାଇ ଜୀବନଧାରଣ କ୍ଷମତା ବଢ଼ାଇଥାଏ। ପ୍ରତ୍ୟହ ସକାଳେ ଖାଲିପେଟରେ ଘିଅ ଖାଇଲେ ତାହା ଶରୀରର ଉପଶମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ଘିଅର ଆଣ୍ଟିଇନ୍‌ଫ୍ଲାମେଟରି ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀରରୁ ବିଷାକ୍ତ ପଦାର୍ଥ ନିଷ୍କାସନ କରି ଚର୍ମକୁ ଲୋଚାକୋଚା ହେବା ଓ କଳା ପଡ଼ିବାରୁ ରକ୍ଷା କରିଥାଏ। ତ୍ୱଚା ଓ କେଶକୁ କୋମଳ ତଥା ଉଜ୍ଜ୍ୱଳ ରଖିବାରେ ମଧ୍ୟ ଘିଅର ପ୍ରମୁଖ ଭୂମିକା ରହିଛି।

ଯକୃତ୍ ରୋଗର ଲକ୍ଷଣ ଓ ପ୍ରତିଷେଧକ

ଶରୀରରେ ଖାଦ୍ୟ ଜୀର୍ଣ୍ଣକ୍ରିୟାରୁ ଆରମ୍ଭ କରି ରୋଗପ୍ରତିରୋଧକ ଶକ୍ତି ଓ ଶରୀର ଗଠନ ପାଇଁ ଯକୃତ୍ ବା ଲିଭର୍ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟଙ୍ଗ। ଏହା ବିଭିନ୍ନ ପ୍ରୋଟିନ୍ ପ୍ରସ୍ତୁତ କରିବା ସହ ଶରୀରରୁ ବିଷାକ୍ତ କଣିକା ହରଣ କରିଥାଏ। ବିକଶିତ ହୋଇ ଚାଲିଥାଏ, କୌଣସି ଲକ୍ଷଣ ମଧ୍ୟ ଜଣାପଡ଼େ ନାହିଁ। ଲକ୍ଷଣ ଜଣାପଡ଼ିଲା ବେଳକୁ ସିରୋସିସ୍ ହୋଇ ସାରିଥାଏ। ତେଣୁ ଯକୃତ୍ ଭଲରେ କାର୍ଯ୍ୟ କରିବା ପାଇଁ ସଂଘର୍ଷ କରୁଥିବାର କିଛି ଲକ୍ଷଣ ଓ ତାହାର ପ୍ରତିକାର ବାବଦରେ ଜାଣିବା।

ଯକୃତ୍‌ର ସବୁଠୁ ଉଲ୍ଲେଖନୀୟ ଗୁଣ ହେଲା- ଏହା ନିଜର କ୍ଷତକୁ ନିଜେ ସଜାଡ଼ିପାରେ। ତେବେ ଯକୃତ୍ ଯଦି ଭୀଷଣ ଭାବରେ କ୍ଷତିଗ୍ରସ୍ତ ହୁଏ କି ଦୀର୍ଘକାଳ ଧରି କ୍ଷତାକ୍ତ ଅବସ୍ଥାରେ ରହିଥାଏ ଅଥବା ମାତ୍ରାଧିକ ମଦ୍ୟସେବନର ଶରବ୍ୟ ହୁଏ ତେବେ ତାହା ସିରୋସିସ୍ ଓ କର୍କଟ ପରି ରୋଗକୁ ଆମନ୍ତ୍ରଣ କରିଥାଏ। କିଛି ଆନୁବଂଶିକ କାରଣରୁ ମଧ୍ୟ ଯକୃତ୍ ରୋଗ ହୋଇଥାଏ। ପିତା ଯଦି ଯକୃତ୍ ରୋଗରେ ପୀଡ଼ିତ, ତେବେ ସନ୍ତାନଠାରେ ମଧ୍ୟ ଯକୃତ୍ ରୋଗ ଦେଖାଦେବାର ଆଶଙ୍କା ଅଧିକ ରହିଥାଏ। ଅନେକ ଯକୃତ୍ ରୋଗ ନିରବରେ ଜଣ୍ଡିସ୍ ବା ଆଖି ଓ ଚର୍ମ ହଳଦିଆ ଦେଖାଯିବା ହେଉଛି ଅସୁସ୍ଥ ଯକୃତ୍‌ର ଏକ ଉଲ୍ଲେଖନୀୟ ଲକ୍ଷଣ। ଯକୃତ୍‌କୁ କ୍ଷତି ପହଞ୍ଚିଲେ କି ତା' ଉପରେ ଚାପ ପଡ଼ିଲେ ସେଥିରୁ ଝରୁଥିବା ପିତ୍ତରସ ବା ବିଲିରୁବିନ୍ ଶରୀରରେ ଠୁଳ ହୋଇ ହଳଦିଆ ରଙ୍ଗ ଜଣାପଡ଼ିଥାଏ। ପରିସ୍ରା ରଙ୍ଗ ଗାଢ଼ ହେବା ମଧ୍ୟ ଅନ୍ୟତମ ଲକ୍ଷଣ, କାରଣ ପିତ୍ତରସ ରକ୍ତରେ ମିଶି ପରିସ୍ରା ଦ୍ୱାରା ନିଷ୍କାସିତ ହୋଇଥାଏ। ହଠାତ୍ ଶରୀର ଓଜନ କମିଯିବା ମଧ୍ୟ ଯକୃତ୍ ରୋଗକୁ ସୂଚାଇପାରେ। ଯକୃତ୍ ରୋଗ ହେଲେ ବାରମ୍ବାର ଓକାର ଆସେ ଅଥବା ରକ୍ତ ବାନ୍ତି ହୋଇଥାଏ। ଚର୍ମ ଭୀଷଣ କୁଣ୍ଡାଇ ହେବା ଏହାର ଆଉ ଏକ ଲକ୍ଷଣ। ସେହିପରି ଲଗାତାର ଦୁର୍ବଳ କି ନିସ୍ତେଜ ଲାଗିବା ଯକୃତ ରୋଗର ଲକ୍ଷଣ ହୋଇପାରେ।

ପ୍ରତିଷେଧକ ସ୍ୱରୂପ ଏକ ସୁସ୍ଥ ଯକୃତ୍ ପାଇଁ ବ୍ରୋକୋଲି, ଚର୍ବିଳ ମାଛ ଓ ଶୁଷ୍କ ଫଳ ସମ୍ବଳିତ ସ୍ୱାସ୍ଥ୍ୟପ୍ରଦ ଭୋଜନ କରିବା ଓ ନିୟମିତ ବ୍ୟାୟାମ କରିବା ହେଉଛି ପ୍ରଥମ ପଦକ୍ଷେପ। ଶରୀର ଉପରେ ନିୟମିତ ନିରୀକ୍ଷଣ ରଖି 'ବଡି ମାସ୍ ଇଣ୍ଡେକ୍ସ' (ବିଏମ୍‌ଆଇ)କୁ ୧୮ରୁ ୨୫ ଭିତରେ ରଖିବା ହିତକର। ଏଥି ସହିତ ମଦ୍ୟପାନ ତ୍ୟାଗ କଲେ ସର୍ବୋତ୍ତମ ଫଳ ମିଳିଥାଏ। କୌଣସି ଔଷଧ ସେବନ ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ ଜରୁରି। ଯକୃତ୍‌କର୍କଟ ଆଶଙ୍କା ବଢ଼ାଉଥିବା ଧୂମପାନକୁ ସଂପୂର୍ଣ୍ଣ ବର୍ଜନ କରିବା ଗୁରୁତ୍ୱପୂର୍ଣ୍ଣ। ଦୀର୍ଘକାଳ ଧରି କୌଣସି ଉପରୋକ୍ତ ଲକ୍ଷଣ ଜାରି ରହିଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ।

ଦାଗହୀନ କ୍ଷତ ଉପଶମ

ଗ୍ଲାସ୍‌ଗୋ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ନିକଟରେ ଏଭଳି ଏକ କୌତୂହଳୀ ଆବିଷ୍କାର କରିଛନ୍ତି, ଯଦ୍ଦ୍ୱାରା କୌଣସି କ୍ଷତ ଶୁଖିଗଲା ପରେ ଚର୍ମ ଉପରେ କିଛି ଦାଗ ରହିବ ନାହିଁ। ଅନ୍ତନାଳୀରେ ବଢୁଥିବା 'ହେଲିଗ୍ମୋସୋମୋଏଡ୍‌ସ ପଲିଗାଇରସ୍' ନାମକ ପରଜୀବୀ ଗୋଲକୃମି ପ୍ରଜାତିରୁ ଉଦ୍ଭୂତ ଏକପ୍ରକାର ପ୍ରୋଟିନ୍ ହିଁ କ୍ଷତରେ ଦ୍ରୁତ ଉପଶମ ଆଣିବା ସହ କୌଣସି ଚିହ୍ନ ରହିବାକୁ ଦେଉନାହିଁ ବୋଲି ଦାବି କରାଯାଇଛି। ଫଳରେ ଏଣିକି ଆଉ କ୍ଷତ ଚିକିତ୍ସାର ପାର୍ଶ୍ୱପ୍ରତିକ୍ରିୟା ସ୍ୱରୂପ ତ୍ୱଚା ଉପରେ ରହିଯାଉଥିବା ଦାଗ ଦେଖିବାକୁ ମିଳିବନି।

ପରୀକ୍ଷାମୂଳକ ଭାବେ ମୂଷା ଦେହରେ ଏହାର ଫଳାଫଳ ସକାରାତ୍ମକ ରହିଥିବା ବେଳେ କ୍ଷତ ଚିକିତ୍ସା କ୍ଷେତ୍ରରେ ଏହା ବୈପ୍ଲବିକ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଚର୍ମର ବାହ୍ୟଭାଗକୁ ପ୍ରଭାବିତ କରୁଥିବା ସାମାନ୍ୟ କ୍ଷୁଦ୍ର କଟା ଘା' କି କ୍ଷତ ଆପେ ଆପେ ଭରଣା କରିବା ପାଇଁ ମନୁଷ୍ୟ ଶରୀରର ରୋଗପ୍ରତିରୋଧକ ପ୍ରଣାଳୀକୁ ପ୍ରତିରୋଧ କରିବାର କ୍ଷମତା ରଖିଥା'ନ୍ତି। ସେମାନଙ୍କ ଦେହରେ ଥିବା 'ଟିଜିଟି-ବିଟା ମିମିକ୍' (ଟିଜିଏମ୍) ନାମକ ଏକପ୍ରକାର ପ୍ରୋଟିନ୍ ସେଥିପାଇଁ ଦାୟୀ। ପରୀକ୍ଷାଗାରରେ ମୂଷା ଚର୍ମରେ ଏହି ପ୍ରୋଟିନ୍‌କୁ ପ୍ରୟୋଗ କରିବା ଦ୍ୱାରା କ୍ଷତ ଦ୍ରୁତ ବେଗରେ ଶୁଖିଯାଉଥିବା ଏବଂ ଚର୍ମ ଉପରେ ଦାଗ ରହୁ ନଥିବା ପରିଲକ୍ଷିତ ହୋଇଥିଲା। ଯଦିଓ ଏହି ଆବିଷ୍କାର ଏକ ଯୁଗାନ୍ତକାରୀ ଉପଲବ୍ଧି, ତେବେ ତାହାର ପ୍ରୟୋଗ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଭବିଷ୍ୟତରେ ମନୁଷ୍ୟ ଶରୀରରେ ତାହାର ପ୍ରୟୋଗ କରାଯାଇ ଈପ୍ସିତ ଫଳ ମିଳିପାରିବ ବୋଲି ଆଶା ରହିଛି।

କାର୍ଯ୍ୟସ୍ଥଳୀରେ ଚାପମୁକ୍ତ ରହିବେ କେମିତି

କର୍ମକ୍ଷେତ୍ରରେ ଚାପର ମୁକାବିଲା କରିବା ପାଇଁ କିଛି ବ୍ୟାବହାରିକ ତଥା ପ୍ରଭାବୀ ଉପାୟ ବାବଦରେ ଆଲୋଚନା କରିବା।

ଚାପ ଦୂର କରିବା ଲାଗି ନିୟମିତ ବ୍ୟବଧାନରେ ସାମୟିକ ବିରତି ନିଅନ୍ତୁ।

ଯେତେ କାର୍ଯ୍ୟବ୍ୟସ୍ତ ଥିଲେ ବି କିଛି ସମୟ କାର୍ଯ୍ୟରୁ ଦୂରେଇ ରହିବା ଦ୍ୱାରା ମନରେ ସତେଜପଣ ପୁଣି ଜାଗିଉଠିଥାଏ। ଏଥିପାଇଁ ପୋମୋଡୋରୋ କୌଶଳ ଆପଣେଇପାରିବେ, ଯହିଁରେ ପ୍ରତି ୨୫ ମିନିଟ୍ କାମ ପରେ ୫ ମିନିଟ୍ ପାଇଁ ବିରତି ନେବାକୁ ପଡ଼ିଥାଏ। ଏହି କାର୍ଯ୍ୟ-ବିରତି ଚକ୍ର ମନକୁ କ୍ଲାନ୍ତ ହେବାକୁ ଦିଏ ନାହିଁ।

କାର୍ଯ୍ୟଭାରରେ ଅତିଷ୍ଠ ଲାଗିଲେ ନମ୍ର ଭାବରେ ସହକର୍ମୀଙ୍କ ସହ ସେ ସମ୍ପର୍କରେ କଥା ହୁଅନ୍ତୁ। ନିଜ ଉଦ୍‌ବେଗକୁ ଶୀଘ୍ର ପ୍ରକାଶ କରିବା ଦ୍ୱାରା ବେଳେବେଳେ ସକାରାତ୍ମକ ଫଳ ମିଳିଥାଏ।

ନିଜ ଶରୀରର ଯତ୍ନ ନେବା ଦ୍ୱାରା ମଧ୍ୟ ଚାପ ଦୂର କରିହେବ। ଡିହାଇଡ୍ରେସନ୍ ଯୋଗୁଁ କ୍ଲାନ୍ତ ଓ କ୍ରୋଧିତ ଅନୁଭୂତ ହୁଏ, ତେଣୁ ନିୟମିତ ପାଣି ପିଇ ଶରୀରକୁ ଯଥାସମ୍ଭବ ଆର୍ଦ୍ର ରଖନ୍ତୁ। କର୍ମକ୍ଷେତ୍ରରେ ସାମାଜିକ କାର୍ଯ୍ୟକଳାପରେ ସାମିଲ ହେବା ଦ୍ୱାରା ମଧ୍ୟ ଚାପ ଲାଘବ ହୁଏ। ସର୍ବୋପରି କାର୍ଯ୍ୟ ଓ ଜୀବନଶୈଳୀ ମଧ୍ୟରେ ସନ୍ତୁଳନ ମାନସିକ ସୁସ୍ଥତା ପାଇଁ ଜରୁରି। ଅଫିସ୍ ସମୟ ପରେ କାର୍ଯ୍ୟ ବାବଦରେ ଚିନ୍ତା ବନ୍ଦ କରିଦିଅନ୍ତୁ। ନିୟମିତ ଅବସର ସମୟରେ ନିଜ ସଉକରେ ମନୋନିବେଶ କରି ମଧ୍ୟ ଚାପମୁକ୍ତ ରହିପାରିବେ।



ଭିଜାଇ ଖାଆନ୍ତୁ ଶୁଖିଲା ଫଳ

ଆଲମଣ୍ଡ, ଖଜୁରୀ, ଅଞ୍ଜିର, କିସ୍‌

ଆବାସ ସାତସପନ

ଅନ୍ତ୍ୟୋଦୟ ଉପରେ ଭରସା !

ମାଲକାନଗିରି,୧୬।୧୦ (ସଂଚାର ବ୍ୟୁରୋ): ମୁଣ୍ଡ ଉପରେ ପକ୍କା ଛାତ ଖଣ୍ଡେ ପାଇଁ ଅପେକ୍ଷାରେ ଲକ୍ଷ ଲକ୍ଷ ପରିବାର। କେଉଁଠି ଛିଣ୍ଡା ଜରିପାଲ ତଳେ ଜୀବନ କଟୁଛି ତ ଆଉ କେଉଁଠି ଭଙ୍ଗା ଚାଳିଆ ଘରେ ବିପଦସଂକୁଳ ଅବସ୍ଥାରେ ରହୁଛନ୍ତି ଲୋକେ। ଆବାସ ଯୋଜନାରେ ଘର ପାଇବା ଅନେକଙ୍କ ପାଇଁ ଏବେ ବି ସ୍ୱପ୍ନ ହୋଇ ରହିଛି। ଏଭଳି ସମୟରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅଧିକ ୨ ଲକ୍ଷ ୯୧ ହଜାର ୬୬୬ଟି ନୂଆ ଘର ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ଘର ନିର୍ମାଣ ଶୀଘ୍ର ଶେଷ କରୁଥିବା ହିତାଧିକାରୀଙ୍କ ପାଇଁ ପ୍ରୋତ୍ସାହନ ରାଶି ବୃଦ୍ଧି କରାଯାଇଛି। ସାତ ମାସ ମଧ୍ୟରେ ଘର ନିର୍ମାଣ ଶେଷ କଲେ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ଆବାସ ଅପେକ୍ଷାରେ ଲକ୍ଷ ଲକ୍ଷ ପରିବାର ଅନ୍ୟପଟେ, ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏବେ ବି ଅନେକ ଯୋଗ୍ୟ ପରିବାର ପକ୍କା ଘର ପାଇଁ ଅପେକ୍ଷା କରିଛନ୍ତି। ମୟୂରଭଞ୍ଜରୁ ମାଲକାନଗିରି, ବାଲେଶ୍ୱରରୁ ବଲାଙ୍ଗୀର ପର୍ଯ୍ୟନ୍ତ ଅନେକ ପରିବାରଙ୍କ ପାଇଁ ଆବାସ ଯୋଜନାରେ ଘର ପାଇବା ଏବେ ବି ଏକ ବଡ଼ ଆଶା ହୋଇ ରହିଛି। ସୂଚନା ଅନୁସାରେ, ଆବାସ ପ୍ଲସ୍ ପୋର୍ଟାଲ୍‌ରେ ପ୍ରାୟ ୩୭ ଲକ୍ଷ ପରିବାରର ସର୍ଭେ କରାଯାଇଥିଲା। ସେଥିରୁ ୨୮ ଲକ୍ଷ ୪୨ ହଜାର ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇଥିବା କୁହାଯାଇଥିଲା। ସେପ୍ଟେମ୍ବରରେ ଆବାସ ବଣ୍ଟନ ହେବ ବୋଲି ପୂର୍ବରୁ ଘୋଷଣା ହୋଇଥିଲେ ମଧ୍ୟ ଅକ୍ଟୋବର ମଧ୍ୟଭାଗ ସୁଦ୍ଧା ବଣ୍ଟନ ଆରମ୍ଭ ହୋଇନଥିବା ଅଭିଯୋଗ ରହିଛି।

ବାଳକ ଫୁଟବଲ ଚମ୍ପିଆନ ଉଦ୍‌ଯାପିତ

ସୁବର୍ଣ୍ଣପୁର,୧୬।୧୦ (ସଂଚାର ବ୍ୟୁରୋ): ୧ମ ଓଡ଼ିଶା ରାଜ୍ୟ ଚଉଦ ବର୍ଷ ରୁ କମ୍ ବାଳକ ଚମ୍ପିଆନ ସିପ୍ ଉଦଯାପିତ। ଗତ ୧୩/୦୮/୨୦୨୬ ରୁ ଆରମ୍ଭ ହୋଇ ଥିବା ୧ମ ଓଡ଼ିଶା ରାଜ୍ୟ ଚଉଦ ବର୍ଷ ରୁ କମ୍ ବାଳକ ଚମ୍ପିଆନ ସିପ୍ ଉଦଯାପିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଆୟୋଜିତ ଏହି ଫୁଟବଲ ମହାକୁମ୍ଭ ଓଡ଼ିଶା ବିଦ୍ୟାଳୟ କ୍ରୀଡା ସଂଗଠନ ଆନୁକୁଲ୍ୟରେ ଜିଲ୍ଲା ବିଦ୍ୟାଳୟ କ୍ରୀଡା ସଂଗଠନ ପକ୍ଷରୁ ଆୟୋଜିତ ହୋଇଥିଲା। ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଏହି ପ୍ରତିଯୋଗିତାରେ ୨୦ଟି ଜିଲ୍ଲା ଦଳ ର ବାଳକ ମାନେ ଅଂଶଗ୍ରହଣ କରିଥିଲେ।ଆଜି ପୂର୍ବାହ୍ନ ରେ ଦୁଇଟି ସେମି ଫାଇନାଲ ଓ ଶେଷରେ ସମ୍ବଲପୁର ଓ ସୁନ୍ଦରଗଡ଼ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ସୁନ୍ଦରଗଡ଼ ଦଳ ଟାଇ ବ୍ରେକର ଦ୍ୱାର ସମ୍ବଲପୁର ଦଳକୁ ହରାଇ ଚମ୍ପିଆନ ହୋଇଛନ୍ତି। ଉଦଯାପନୀ ଉତ୍ସବ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲ ଯେଉଁ ଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପାଳ ଦେବାଶିଷ ସିଂ ତଥା ସମ୍ମାନିତ ଅତିଥି ରୂପେ ଉପ ଜିଲ୍ଲାପାଳ ସୋନପୁର ଡକ୍ଟର ସୋମ୍ୟରୁପା ରଥ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଯୋଗଦେଇ ଉବୋଧନ ଦେବା ସହ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା ଶାରିରୀକ ଶିକ୍ଷା ନିରୀକ୍ଷକ ବାବାଜି ବିଶ୍ୱନାଥ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନି ଦିନ ଧରି ଆୟୋଜିତ ଏହି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତଥା ବିଭିନ୍ନ ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହୃଦୟ ସହଯୋଗ ରେ ଏସୀୟ ପ୍ରତିଯୋଗିତା ସୁରୁଖୁରୁରେ ସମ୍ପାଦନ କରାଯାଇଥିଲା।

ହାଇସ୍କୁଲ ପରିଦର୍ଶନ କଲେ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶିକା

ସୁବର୍ଣ୍ଣପୁର,୧୬।୧୦ (ସଂଚାର ବ୍ୟୁରୋ): ସୋନପୁରର ଐତିହାସିକ ମହାରାଜା ଉଚ୍ଚ ବିଦ୍ୟାଳୟକୁ ଆଜି ଗଣଶିକ୍ଷା ବିଭାଗର ନିର୍ଦ୍ଦେଶିକା ଯୁଗଳେଶ୍ୱରୀ ଦାଶ ପରିଦର୍ଶନ କରିଛନ୍ତି । ବିଦ୍ୟାଳୟ ପରିସରରେ ପହଞ୍ଚି ସେ ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଭିତ୍ତିଭୂମି ଓ ପରିଚାଳନା ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ଅବସରରେ ମହାରାଜା ହାଇସ୍କୁଲ ପୁରାତନ ଛାତ୍ର ସଂଘ ପକ୍ଷରୁ ନିର୍ଦ୍ଦେଶିକାଙ୍କ ସହ ଏକ ବିଶେଷ ଆଲୋଚନା କରାଯାଇଥିଲା । ପୁରାତନ ଛାତ୍ର ସଂଘ ପକ୍ଷରୁ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପସ୍ଥାପନ କରାଯାଇଥିଲା। ଏଥି ମଧ୍ୟରୁ ପ୍ରମୁଖ ଦାବି ଗୁଡିକ ମଧ୍ୟରେ ବିଦ୍ୟାଳୟରେ ନିୟମିତ ପ୍ରଧାନ ଶିକ୍ଷକ ନିଯୁକ୍ତି କରିବା, ଉଚ୍ଚ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରିବା, ଚଳିତ ବର୍ଷ ବନ୍ଦ ହୋଇଥିବା ଏନସିସି (ଏନ୍‌ସିସି) ୟୁନିଟ୍ ପୁନଃ ଖୋଲିବା, ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ଖେଳ ପଡ଼ିଆର ବ୍ୟବସ୍ଥା, ପୁରୁଣା ଲାଇବ୍ରେରୀ କୁ ପୁନଃକ୍ଷମ କରିବା, ହେରିଟେଜ ସ୍କୁଲ ଭାବେ ଘୋଷିତ ହୋଇଥିବା ମହାରାଜା ହାଇସ୍କୁଲର ପୁନରୁଦ୍ଧାର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ନେଇ ଦୃଢ଼ ଦାବୀ କରାଯାଇଥିଲା । ପୁରାତନ ଛାତ୍ର ସଂଘର ଦାବୀ ଶୁଣି ନିର୍ଦ୍ଦେଶିକା ଯୁଗଳେଶ୍ୱରୀ ଦାଶ ସମସ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

ଶାରଦୀୟ ଦୁର୍ଗାପୂଜା ପାଇଁ ବୈଶିଙ୍ଗା ଚଳଚଞ୍ଚଳ ୧୯ ମଣ୍ଡପରେ ପୂଜାର୍ଚ୍ଚନା

ବୈଶିଙ୍ଗା,୧୬।୧୦ (ସଂଚାର ବ୍ୟୁରୋ): ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ବୈଶିଙ୍ଗା ଅଞ୍ଚଳ ଚଳ ଚଞ୍ଚଳ ହୋଇ ଉଠିଛି। ବୈଶିଙ୍ଗା ଥାନା ଅଧୀନରେ ୧୯ ଗୋଟି ମଣ୍ଡପରେ ଆଜି ଠାରୁ ପୂଜା ଆରମ୍ଭ ହୋଇଥିବାର ଜଣାଯାଇଛି। କେତେକ ସ୍ଥାନରେ ଆଜି ଶୁକ୍ରବାର ବିଲ୍ୱ ବରଣ ଅନୁଷ୍ଠିତ ହେଉଥିବା ବେଳେ ଆଉ କେତେକ ସ୍ଥାନରେ ଶନିବାର ବିଲ୍ୱ ବରଣ ହେବ ବୋଲି କମିଟି ସଦସ୍ୟମାନେ ପ୍ରକାଶ କରିଛନ୍ତି। ବୈଶିଙ୍ଗା ସାର୍ବଜନୀନ ଦୁର୍ଗାପୂଜା କମିଟୀ ପକ୍ଷରୁ ଆଜି ବିଲ୍ୱ ବରଣ ହୋଇଯାଇଛି। ଶନିବାର ବିଶ୍ରାମ ପରେ ରବିବାର ସପ୍ତମୀ ପୂଜା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି।

ଆଞ୍ଚଳିକ ସାଧନ କେନ୍ଦ୍ରର ସୁରଭି କାର୍ଯ୍ୟକ୍ରମ

ଧାମନଗର,୧୬।୧୦(ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଅନ୍ତର୍ଗତ ଶହୀଦନଗର ଆଞ୍ଚଳିକ ସାଧନ କେନ୍ଦ୍ରର ଲୁଣିଆ ସରକାରୀ ନୋଡାଲ ବିଦ୍ୟାଳୟ ଓ ଲୁଣିଆ ଉଚ୍ଚ ବିଦ୍ୟାଳୟର ସହଯୋଗରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା ଲକ୍ଷ୍ୟକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା, ସୃଜନଶୀଳତା ଓ ପାଠ୍ୟପୁସ୍ତକ ବାହାରର ଜ୍ଞାନକୁ ଲୋକଲୋଚନକୁ ଆଣିବା। ଏଥିସହ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାର ବିକାଶ ପାଇଁ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ। ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜର ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଓ ବିଭିନ୍ନ ସୃଜନଶୀଳ କଳା ମାଧ୍ୟମରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ପିଲାମାନଙ୍କ ଏହି ଆକର୍ଷଣୀୟ ପ୍ରଦର୍ଶନ ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ମୋହିଥିଲା। ଲୁଣିଆ ସହଯୋଗୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। କୋଠାର ମହାବିଦ୍ୟାଳୟର ଓଡ଼ିଆ ବିଭାଗର

ଅଧ୍ୟାପକ ସତ୍ୟବ୍ରତ ଭାରତୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପକ ରବୀନ୍ଦ୍ର କୁମାର ପ୍ରାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ମିଶନ ଶକ୍ତିକୁ ସଭାଗୃହ ଯୋଗାଇ ଦେବା ଦାବି

ବାଲିଆପାଳ,୧୬।୧୦ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତର ମିଶନ ଶକ୍ତିର ନିଜସ୍ୱ ସଭାଗୃହ ନଥିବାରୁ ବିଭିନ୍ନ ସମୟରେ ମହିଳା ମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୈଠକ ହେଉକି ଟ୍ରେନିଂ ହେଉ ଖରା ବର୍ଷାରେ ଅନ୍ୟ ସ୍ଥାନରେ ମହିଳା ମାନଙ୍କୁ ଏକତ୍ରିତ ହେବାକୁ ପଡୁଛି। ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ୨୦୨୨ ମସିହାରେ ରାଜୀବ ସେବା କେନ୍ଦ୍ରରକୁ ମିଶନ ଶକ୍ତି ସଭାଗୃହ ଭାବରେ ଯୋଗାଇ ଦେବାକୁ ସରପଞ୍ଚଙ୍କୁ ଚିଠି କରିଥିଲେ। ପଞ୍ଚାୟତ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସ୍ଥାୟୀ ସଭାଗୃହ ଯୋଗାଇ ଦେବା ପାଇଁ ମିଶନ ଶକ୍ତି ପକ୍ଷରୁ ଅକ୍ଟୋବର ଦୁଇ ତାରିଖ ଦିନ ଗ୍ରାମ ସଭାରେ ଦାବି ଉପସ୍ଥାପନ କରାଯାଇଥିଲା। ତିନି ଦିନ ମଧ୍ୟରେ

ଅନ୍ୟତ୍ର ଗୃହ ଯୋଗାଇ ଦେବା ପାଇଁ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପୂରଣ ହୋଇନଥିବାରୁ ଚାରି ଦିନ ପରେ ଜମ୍ବିରାଇ ପଞ୍ଚାୟତର ରାଜୀବ ସେବା କେନ୍ଦ୍ରକୁ ତାଲା ପକାଇ ଦେଇଥିଲେ ମହିଳା ମାନେ। ଏବାବଦରେ ସରପଞ୍ଚ ମହିଳା ମାନଙ୍କ ସହିତ କୌଣସି ଆଲୋଚନା ନକରି ୧୫ ତାରିଖ ଦିନ ବାଲିଆପାଳ ବିଡିଓ ଓ ପୋଲିସ ପ୍ରଶାସନକୁ ଜଣାଇ ତାଲା ଭାଙ୍ଗିଦେଇଥିଲେ। ଶୁକ୍ରବାର ଏହାକୁ ପ୍ରତିବାଦ କରି ମହିଳା ମାନେ ଖବରଦାତା ସମ୍ମିଳନୀ ଆୟୋଜନ କରି ଅଭିଯୋଗ କରିଛନ୍ତି। ସାତ ଦିନ ମଧ୍ୟରେ ସ୍ଥାୟୀ ଘର ଯୋଗାଇ ନଦେଲେ ପୁଣି ଥରେ ତାବି ପକାଇବା ସହିତ ପଞ୍ଚାୟତକୁ ଅଚଳ କରିଦେବେ ବୋଲି ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ସରପଞ୍ଚ ନିଲୁବାଳା ବେହେରାଙ୍କୁ ପଚାରିବାରୁ କହିଛନ୍ତି ୧୫ ତାରିଖ ଦିନ ଭଡାବାରୀ ଥିବାରୁ ତାବି ଭଙ୍ଗା ଯାଇଥିଲା ଏବଂ ମିଶନ ଶକ୍ତିଙ୍କୁ ତୁରନ୍ତ ଘର ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଉଛି।

ରେଳ ଷ୍ଟେସନରେ ଅତ୍ୟଧିକ ପାର୍କିଂ ଫି ଆଦାୟକୁ ବିରୋଧ

ବଲାଙ୍ଗିର,୧୬।୧୦ (ସଂଚାର ବ୍ୟୁରୋ): ବଲାଙ୍ଗିର ରେଳ ଷ୍ଟେସନ ଯାନବାହନ ପାର୍କିଂ ପାଇଁ ଅତ୍ୟଧିକ ଫି ଆଦାୟକୁ ବିରୋଧ କରି ଆଜି ବିଭିନ୍ନ ସାମାଜିକ ସଂଗଠନ, ଶ୍ରମିକ ଓ ଚାଷୀ ସଂଗଠନ, ସମାଜସେବୀ ଏବଂ ରାଜନୈତିକ ଦଳ ର ନେତୃବୃନ୍ଦ ବିଭୁଦତ୍ତ ମିଶ୍ରଙ୍କର ନେତୃତ୍ୱରେ ଏକତ୍ରିତ ହୋଇ ପ୍ରତିବାଦ ଜଣାଇଛନ୍ତି।ଏହି ଅବସରରେ ରଳେବାଇର ଡିଭିଜିନାଲ ରେଳ ପ୍ରବନ୍ଧକ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବଲାଙ୍ଗିର ରେଳ ଷ୍ଟେସନ ସିନିୟର ଷ୍ଟେସନ ମ୍ୟାନେଜର ଙ୍କୁ ପ୍ରଦାନ କରାଯାଇଥିଲା। ପ୍ରତିବାଦକାରୀଙ୍କ ଅଭିଯୋଗ ଅନୁଯାୟୀ, ବଲାଙ୍ଗିର ରେଳ ଷ୍ଟେସନର ପାର୍କିଂ ସ୍ଥଳରେ ଯାତ୍ରୀ ଓ ସେମାନଙ୍କୁ ଛାଡିବାକୁ ଆସୁଥିବା

ଲୋକଙ୍କ ପାଇଁ ଆବଶ୍ୟକୀୟ ମୌଳିକ ସୁବିଧାର ଅଭାବ ରହିଛି। ପାର୍କିଂ ସ୍ଥାନ ରେ ଉପଯୁକ୍ତ ଛାତ କିମ୍ବା ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ନ ଥିବା ସତ୍ତ୍ୱେ ପାର୍କିଂ ଫି ଅତ୍ୟଧିକ ରହିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରେଳ ଷ୍ଟେସନ ହେଉଛି ସାଧାରଣ ଜନତାଙ୍କ ଯାତାୟାତର ଏକ ପ୍ରମୁଖ ମାଧ୍ୟମ। ପ୍ରତିଦିନ ଅନେକ ଯାତ୍ରୀ ନିଜ ପରିବାର ସଦସ୍ୟଙ୍କୁ ଟ୍ରେନରେ ଛାଡିବା କିମ୍ବା ଷ୍ଟେସନରୁ ନେବା ପାଇଁ ଆସିଥାନ୍ତି। ଏପରି ସ୍ଥିତିରେ ପାର୍କିଂ ଫି ସାଧାରଣ ଲୋକଙ୍କ ଆର୍ଥିକ ବୋଝ ବଢ଼ାଉଥିବା ବେଳେ ଆବଶ୍ୟକୀୟ ସୁବିଧାର ଅଭାବ ଏହି ସମସ୍ୟାକୁ ଆହୁରି ବଢ଼ାଇଛି। ଯେଉଁ ଠାରେ ଯାତ୍ରୀଙ୍କୁ ଆବଶ୍ୟକୀୟ ମୌଳିକ ସୁବିଧା ମିଳୁନାହିଁ, ସେଠାରୁ ଏତେ ଅଧିକ ପାର୍କିଂ ଫି, ଆଦାୟ କରିବା କେତେ ଯୁକ୍ତିସଙ୍ଗତ ? ଏହି ପ୍ରତିବାଦ କେବଳ ପାର୍କିଂ ଫି ବିରୋଧରେ ନୁହେଁ, ବରଂ ଯାତ୍ରୀଙ୍କ ଅଧିକାର, ସ୍ୱଚ୍ଛତା, ମୌଳିକ ସୁବିଧା ଏବଂ ଜନସାଧାରଣଙ୍କ ପ୍ରତି ରେଳବାଇର ଦାୟିତ୍ୱବୋଧ ସହ ଜଡିତ ଏକ ଜନସ୍ୱାର୍ଥର ପ୍ରସଙ୍ଗ।

କ୍ଲଷ୍ଟରସ୍ତରୀୟ ସୁରଭି ଉତ୍ସାହ

ସୁବର୍ଣ୍ଣପୁର,୧୬।୧୦(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ 'ମାୟାବାର୍ହା କ୍ଲଷ୍ଟର ସ୍ତରୀୟ ସୁରଭି - ୨୦୨୬' ପ୍ରତିଭାର ପରିପ୍ରକାଶରେ ପ୍ରସ୍ଫୁଟିତ ହେଲା ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଆଜିର ଶିଶୁ ହେଉଛନ୍ତି ଆସନ୍ତାକାଲିର ନାଗରିକ। ଛୋଟ ପିଲାଙ୍କ ଭିତରେ ଲୁଚି ରହିଥିବା ସୃଜନଶୀଳତା, କଳା ଓ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କର ମନରେ ଆତ୍ମବିଶ୍ୱାସ ଓ ନୂତନ ସ୍ୱପ୍ନର ମଞ୍ଜି ବୁଣିବା ଲକ୍ଷ୍ୟରେ ସୋନପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ସାହାଜବାହାଲ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ମାୟାବାର୍ହା କ୍ଲଷ୍ଟର ସ୍ତରୀୟ ସୁରଭି - ୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହ ଗତ ତା.୧୪.୧୦.୨୦୨୬ (ବୁଧବାର) ଦିନ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାନ୍ତନୁ କୁମାର ସାହୁଙ୍କ ସଭାପତିତ୍ୱରେ ଏବଂ ସହକାରୀ ଶିକ୍ଷକ ସରୋଜ କୁମାର ପଣ୍ଡାଙ୍କ ସଂଯୋଜନାରେ ଉତ୍ସବର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ କିଶାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ ଓ ଶିଶୁମାନଙ୍କ ପ୍ରତିଭାର ବିକାଶ ଉପରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରି ଶିକ୍ଷୟିତ୍ରୀ ରଶ୍ମିତା ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଯୋଗଦେଇଥିଲେ ଓ ତାଙ୍କର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ସବୁ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ନିଜର ଅନ୍ତର୍ନିହିତ ପ୍ରତିଭାର ପରିଚୟ ଦେଇଥିଲେ।

ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ଓ ଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ

ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ

ଖଜୁରୀପଡ଼ା,୧୬।୧୦(ସଂଚାର ବ୍ୟୁରୋ): ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ, ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ଏବଂ ଅଭିଭାବକଙ୍କ ସହ ବିଦ୍ୟାଳୟର ସୁସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ହେଉଛି 'ଅଭିଭାବକ-ଶିକ୍ଷକ କଥା' କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ କେ.ଜି.ବି.ବି. ଖଜୁରୀପଡ଼ା ବିଦ୍ୟାଳୟରେ ଅକ୍ଟୋବର ୧୬ ତାରିଖ ଶୁକ୍ରବାର ଦିନ ଅଭିଭାବକ-ଶିକ୍ଷକ କଥା ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ବୈଠକ କାର୍ଯ୍ୟକ୍ରମ ଉତ୍ସାହପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଅଜୟ କୁମାର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ୱପ୍ନମ କହଁର ଉପସ୍ଥିତ ଥିଲେ। ସେହିପରି ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ତ୍ରିପାଠୀ, ପି.ଟି.ଟି. ରଶ୍ମିବାଳା ସାହୁ, ସୁପରିଣ୍ଟେଣ୍ଡେଣ୍ଟ ବିନୋଦିନୀ ପ୍ରଧାନ ଏବଂ ୱାର୍ଡେନ ଶୈଳବାଳା ପ୍ରଧାନଙ୍କ ସମେତ ପିଏମ୍ ଶ୍ରୀ କମିଟିର ସଭ୍ୟସଭ୍ୟାମାନେ ବୈଠକରେ ଯୋଗଦେଇଥିଲେ। ଏଥିସହ କେ.ଜି.ବି.ଭି. ବିଦ୍ୟାଳୟରେ ରହି ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କ ଅଭିଭାବକ ଓ ଅଭିଭାବିକାମାନେ ମଧ୍ୟ ଉପସ୍ଥିତ ରହିଥିଲେ। ବୈଠକରେ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଅଧିକ ସୁଦୃଢ଼ କରିବା, ଛାତ୍ରୀମାନଙ୍କ ପାଠପଢ଼ାର ମାନ ବୃଦ୍ଧି କରିବା, ନିୟମିତ ଉପସ୍ଥାନ, ଶୃଙ୍ଖଳା ଏବଂ ସେମାନଙ୍କର ସର୍ବାଙ୍ଗୀନ ବିକାଶ ଦିଗରେ ଆଲୋଚନା କରାଯାଇଥିଲା।

ଛାତ୍ର ନିର୍ବାଚନ ବଡସାହି ନିର୍ବାଚନ ମଣ୍ଡଳୀ ପାଇଁ ସତର୍କ ଘଣ୍ଟି

**ବୈଶିଙ୍ଗା,୧୬।୧୦ (ସଂଚାର ବ୍ୟୁରୋ):